# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧୦/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 10/2023 Page 16 ₹ 7.00 | RAYAGADA

୪୯ଶ ଭାଗ ୧୯୫ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 49 ISSUE 195 ମୂଲ୍ୟ ₹୭/-




## ସୋସିଆଲ ମିଡିଆରୁ କାଜଲଙ୍କ ବିରତି

ଅଭିନେତ୍ରୀ କାଜଲ ଶୁକ୍ରବାର ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟ ଜରିଆରେ ସୋସିଆଲ ମିଡିଆରୁ କିଛି ସମୟ ପାଇଁ ବିରତି ନେଇଥିବା ଜଣାଇଛନ୍ତି।

୧୦

୧୬

## ରାହାନେଙ୍କ ଲଢୁଆ ବ୍ୟାଟିଂ

ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଭାରତର ଅଜିଙ୍କ ରାହାନେ ଲଢୁଆ ୮୯ ରନ କରିଛନ୍ତି।



# ଆଦର୍ଶ ସ୍କୁଲ ଭାବେ ବିକଶିତ ହେବ ବାହାନଗା ବିଦ୍ୟାଳୟ



ବାହାନଗା ହାଇସ୍କୁଲ ଗୃହର ଆଜବେଷ୍ଟସ ଖୋଲାଯାଉଛି।

**ବାଲେଶ୍ୱର ଅଫିସ/ ଭୁବନେଶ୍ୱର, ୯।୬(ବ୍ୟୁରୋ)**

ବାଲେଶ୍ୱର ଜିଲା ବାହାନଗା ହାଇସ୍କୁଲ ତଥା ସ୍କୁଲ ପରିସରରେ ଥିବା ପ୍ରାଥମିକ ଓ ଏଲିମେଣ୍ଟାରୀ ସ୍କୁଲ ସମ୍ପୂର୍ଣ୍ଣ ଭଙ୍ଗାଯାଇ ୫-ଟି ଉପକ୍ରମରେ ଏହାର ପୁନଃନିର୍ମାଣ କରାଯିବ। ଏହାକୁ ଏକ ଆଦର୍ଶ ସ୍କୁଲ ଭାବରେ ଗଢ଼ିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଶୁକ୍ରବାର ବାହାନଗା ହାଇସ୍କୁଲ ଘର ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ଆଜବେଷ୍ଟସ୍ ଛପର ଖୋଲାଯିବା ସହ କାନ୍ଥ ଭାଙ୍ଗିବା ଆରମ୍ଭ ହୋଇଛି। ସ୍ଥାନୀୟ ତହସିଲଦାର ଓ ପୋଲିସ

- **ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ**
- **ଭଙ୍ଗାଗଲା ପ୍ରାଥମିକ, ଏଲିମେଣ୍ଟାରି ସ୍କୁଲ**

ଉପସ୍ଥିତିରେ ଏହି କାର୍ଯ୍ୟ ଚାଲିଛି। ବାଲେଶ୍ୱର ଜିଲା ବାହାନଗା ନିକଟରେ ଗତ ୨ତାରିଖ ସନ୍ଧ୍ୟାରେ ଘଟିଥିବା ଭୟଙ୍କର ଟ୍ରେନ ଦୁର୍ଘଟଣା ମୃତକମାନଙ୍କୁ ସାମୟିକ ଭାବେ ନିକଟସ୍ଥ ବାହାନଗା ହାଇସ୍କୁଲରେ ଥିବା ପୁରୁଣା ଆଜବେଷ୍ଟସ୍ ଘରେ ରଖାଯାଇଥିଲା। ଉକ୍ତ ଗୃହଗୁଡ଼ିକ ଅତିରିକ୍ତ ଶ୍ରେଣୀଗୃହ ☞ପୃଷ୍ଠା-୪

# ଉଚ୍ଚଶିକ୍ଷା ବିଭାଗ: ମନ୍ତ୍ରୀ ବିଦା, ସଚିବ ହଟିଲେ

**ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରୁ ମେ ୧୨ ତାରିଖରେ ୨ ଜଣ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଶ୍ରୀକାନ୍ତ ସାହୁ ଇସ୍ତଫା ଦେଇଥିଲେ। ମେ ୨୨ରେ ନବୀନ ୩ ଜଣ ନୂଆମନ୍ତ୍ରୀଙ୍କୁ ତାଙ୍କ କ୍ୟାବିନେଟରେ ସାମିଲ କରିଥିଲେ। ପରେ ବିଭିନ୍ନ ବିଭାଗର ମନ୍ତ୍ରୀ ସେମାନଙ୍କ ରିପୋର୍ଟ କାର୍ଡ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗ ସମୀକ୍ଷାକୁ ନେଇ ମୁଖ୍ୟମନ୍ତ୍ରୀ ସନ୍ତୋଷ ମଧ୍ୟ ବ୍ୟକ୍ତ କରିଥିଲେ। ହେଲେ ଏମିତି କ'ଣ ହେଲା ଯେ, ଅଚାନକ ଜୁନ ୯ରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ବିଦା କରାଯିବା ସହ ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀଙ୍କୁ ମଧ୍ୟ ବଦଳି କରାଗଲା। ଏହାକୁ ନେଇ ରାଜନୀତି ଓ ଅମଲାତନ୍ତ୍ରିକ ସ୍ତରରେ ଜୋରଦାର ଆଲୋଚନା ହୋଇଯାଇଛି।**

**ଭୁବନେଶ୍ୱର, ୯।୬(ବ୍ୟୁରୋ)**

ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ମନ୍ତ୍ରିମଣ୍ଡଳରୁ ବାଦ୍ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୁପାରିସକୁ ଶୁକ୍ରବାର ରାଜ୍ୟପାଳ ଗଣେଶୀ ଲାଲ ଅନୁମୋଦନ



ରୋହିତ ପୂଜାରୀ



ବିଷ୍ଣୁପଦ ସେଠୀ

କରିଛନ୍ତି। ରୋହିତଙ୍କ ସ୍ଥାନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଉଚ୍ଚଶିକ୍ଷା ବିଭାଗ ସଚିବ ବିଷ୍ଣୁପଦ ସେଠୀଙ୍କୁ ମଧ୍ୟ ବଦଳି କରାଯାଇଛି। ତାଙ୍କୁ ସାଧାରଣ ପ୍ରଶାସନ ବିଭାଗର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି(ଓଏସ୍‌ଡି) ଭାବେ ବଦଳି କରାଯାଇଛି।

ମୁଖ୍ୟମନ୍ତ୍ରୀ ୨୦୨୨ ଜୁନ୍‌ରେ ମନ୍ତ୍ରିମଣ୍ଡଳ ଅଦଳବଦଳ ସମୟରେ ରୋହିତ ପୂଜାରୀଙ୍କୁ ପ୍ରଥମ ଥର ପାଇଁ ମନ୍ତ୍ରିମଣ୍ଡଳରେ ସାମିଲ କରିଥିଲେ। ମାତ୍ର ବର୍ଷକରେ ମନ୍ତ୍ରୀ ପଦବୀରୁ ତାଙ୍କୁ ହଟାଇ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଗତ କିଛିଦିନ ଧରି ବିଭିନ୍ନ ବିଭାଗ କାର୍ଯ୍ୟର ସମୀକ୍ଷା କରିଥିଲେ। ମେ' ୨୫ ତାରିଖରେ ଉଚ୍ଚଶିକ୍ଷା ବିଭାଗର କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା । ମାତ୍ର ଗୋଟିଏ ଦିନରେ ମନ୍ତ୍ରୀ ଓ ସଚିବଙ୍କୁ ବଦଳି କରାଯିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

ଉଚ୍ଚଶିକ୍ଷା ବିଭାଗର ପ୍ରଦର୍ଶନ ସନ୍ତୋଷଜନକ ନ ଥିବା ଏବଂ ବିଭାଗରେ ହେଉଥିବା କିଛି ଅନିୟମିତତାକୁ ନେଇ ଉଭୟ ସଚିବ ଓ ମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କୁହାଯାଉଛି। ତେବେ ରୋହିତଙ୍କୁ ବିଦା କରିବା ପଛରେ ଅନ୍ୟ କେତେକ କାରଣ ଥିବା ନେଇ ମଧ୍ୟ ଆଲୋଚନା ହେଉଛି। ନିକଟରେ ସେ ଗଣମାଧ୍ୟମକୁ ବରିଷ୍ଠ ନେତାଙ୍କ ଉପରେ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ, ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନେ ବିଧାୟକ ହେବା କଥା ନୁହେଁ। କାରଣ ସେମାନେ ନିର୍ବାଚନମଣ୍ଡଳୀରେ ଲୋକମାନଙ୍କୁ ଉପଯୁକ୍ତ ସମୟ ଦେଇପାରିବେ ନାହିଁ। ଏହାଛଡ଼ା ସମ୍ବଲପୁରରେ ବିଜେଡି ସାଙ୍ଗଠନିକ ସ୍ଥିତି ଭଲ ନ ଥିବା ନେଇ ଦଳର ସଭାପତି ମଧ୍ୟ ଅସନ୍ତୁଷ୍ଟ ଥିବା କୁହାଯାଉଛି। ଅନ୍ୟପକ୍ଷରେ ସଙ୍ଗଠନ ପ୍ରତି ସେତେଟା ଗୁରୁତ୍ୱ ନ ଦେଇ ରୋହିତ ଭାଜପା ସହ ଯୋଗାଯୋଗରେ ଥିବା ନେଇ ଚର୍ଚ୍ଚା ହେବା ପରେ ତାଙ୍କୁ ମନ୍ତ୍ରୀ ପଦରୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଥିବା ଆଲୋଚନା ହେଉଛି ।

ଜୁନ୍ ୩ ତାରିଖରେ ରାଜ୍ୟ ସରକାର ଭୁବନେଶ୍ୱରରୁ ସିଙ୍ଗାପୁରକୁ ସିଧାସଳଖ ବିମାନ ଚଳାଚଳ ଶୁଭାରମ୍ଭ କରିଥିଲେ। ସେଠାରେ ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ଓଡ଼ିଶା ଫେରିବା ପରଦିନ ଅର୍ଥାତ୍ ଜୁନ୍ ୭ ତାରିଖରେ ତାଙ୍କର ବ୍ୟକ୍ତିଗତ ☞ପୃଷ୍ଠା-୪

## ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

- ବିଶାଳ ଦେବଙ୍କୁ ଓଏଚ୍‌ପିସି ଅତିରିକ୍ତ ଦାୟିତ୍ୱ
- ଅରବିନ୍ଦ ଅଗ୍ରୱାଲ ଉଚ୍ଚଶିକ୍ଷା ସଚିବ

୩

## ମଣିପୁରରେ ସାନି ହିଂସା: ୩ ମୃତ

## କୋଇଲା ଖଣି ଭୁଶୁଡ଼ି ୩ ମୃତ

୧୦

**ଆଜିର ସମ୍ପାଦକୀୟ**

## ଅଜବ ଅର୍ଡର











ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୨ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ରାଜଭବନ ନିକଟ ଏଲ୍ଆଇସି ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶୁକ୍ରବାର ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ, ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ।

ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ବାବୁ ସିଂ ଓ ଅନ୍ୟ ଦଳୀୟ ନେତାଙ୍କ ସହ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ।

# ସର୍ବଭାରତୀୟସ୍ତରରେ ପ୍ରେରଣାର ଉତ୍ସ ନନ୍ଦିନୀ

**ଭୁବନେଶ୍ୱର, ୯।୬ (ବ୍ୟୁରୋ)**

ବିଶିଷ୍ଟ ନାରୀନେତ୍ରୀ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ସାରସ୍ୱତ ସାଧିକା ନନ୍ଦିନୀ ଶତପଥୀଙ୍କର ବିଭିନ୍ନ କ୍ଷେତ୍ରରେ ଦକ୍ଷତା ରହିଥିଲା। ଜଣେ ମୁଖ୍ୟମନ୍ତ୍ରୀ ଭାବେ ସେ ଅନେକ କଠୋର ନିଷ୍ପତ୍ତି ନେଇ ତାକୁ କାର୍ଯ୍ୟକାରୀ କରାଇଥିଲେ ବୋଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ଶୁକ୍ରବାର ରାଜଭବନ ନିକଟ ଏଲ୍ଆଇସି ଛକସ୍ଥିତ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିସ୍ଥଳରେ ତାଙ୍କ ୯୨ତମ ଜୟନ୍ତୀ ପାଳନ ହୋଇଛି। ଏଥିରେ ଯୋଗଦେଇ ମନ୍ତ୍ରୀ ପଣ୍ଡା କହିଛନ୍ତି, ରାଜଧାନୀ ଭୁବନେଶ୍ୱରକୁ ଏକ ସୁନ୍ଦର ସହର ଭାବେ ଗଢ଼ିତୋଳିବା ପାଇଁ ନନ୍ଦିନୀ ଦେବୀ ପ୍ରଥମେ ପଦକ୍ଷେପ ନେଇଥିଲେ। ତାଙ୍କ କାର୍ଯ୍ୟଧାରା ପାଇଁ ସେ ସର୍ବଭାରତୀୟ ସ୍ତରରେ ପ୍ରେରଣାର ଉତ୍ସ ହୋଇରହିବେ। କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ନନ୍ଦିନୀ ଦେବୀଙ୍କ ସ୍ମୃତିଚାରଣ କରି କହିଛନ୍ତି, ସେ ଏକାଧାରରେ ଜଣେ ବିପ୍ଳବିନୀ, ସଂଗ୍ରାମୀ, ସୁସାହିତ୍ୟିକା ଏବଂ ଭୂସଂସ୍କାରର ନେତ୍ରୀ ଥିଲେ। ଏଥିସହ ସେ ମହିଳା ସଶକ୍ତୀକରଣର କର୍ଣ୍ଣଧାର ଥିଲେ ବୋଲି ବେହେରା କହିଛନ୍ତି। ନନ୍ଦିନୀ ଦେବୀ ଓଡ଼ିଶା ତଥା ଭାରତ ପାଇଁ ଅନେକ ସୁନାମ ଆଣିଥିବା ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ କହିଛନ୍ତି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ନନ୍ଦିନୀ ଦେବୀଙ୍କୁ ଜଣେ ଦରଦୀ ମଣିଷ ଭାବେ ବର୍ଣ୍ଣନା କରିଛନ୍ତି। ଗରିବ, ଭୂମିହୀନ, ଆଦିବାସୀଙ୍କ ବିକାଶକୁ ସେ ସର୍ବଦା ପ୍ରାଥମିକତା ଦେଉଥିଲେ। ଢେଙ୍କାନାଳ, ଖୋର୍ଦ୍ଧା, ଅନୁଗୋଳ, ଭୁବନେଶ୍ୱର ଆଦି ବିଭିନ୍ନ ସ୍ଥାନରେ ଶିଳ୍ପ ବିକାଶର ମୁଖ୍ୟ ସୂତ୍ରଧର ଥିଲେ। ଛାତ୍ର ସମାଜକୁ ଏକାଠି କରିବା, ଭୁବନେଶ୍ୱରର ବିକାଶ କରିବା ଏ ସବୁ କାର୍ଯ୍ୟକ୍ରମ ସେ ହାତକୁ ନେଉଥିଲେ। ଏଥିସହ କେନ୍ଦ୍ରେ ସୂଚନା ପ୍ରସାରଣ ମନ୍ତ୍ରୀ ଥିବାବେଳେ ଏ କ୍ଷେତ୍ରରେ ଦ୍ରୁତ ଉନ୍ନତି କରିଥିଲେ। ଭଲ ମୁଖ୍ୟମନ୍ତ୍ରୀ ଭାବେ ସେ ସର୍ବଦା ମନେ ରହିବେ ବୋଲି ରାଉତରାୟ କହିଛନ୍ତି। ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି, ନନ୍ଦିନୀ ଦେବୀ ମହିଳା ସଶକ୍ତୀକରଣର ଜ୍ୱଳନ୍ତ ଉଦାହରଣ। ସେ ଏକାଧାରରେ ରାଜନୀତି ଏବଂ ସାହିତ୍ୟ ସହିତ ଜଡ଼ିତ ଥିଲେ। ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବା ସହିତ ସାହିତ୍ୟ କ୍ଷେତ୍ରରେ ମଧ ସେ ତାଙ୍କର ଛାପ ଛାଡ଼ିଯାଇଛନ୍ତି। ଓଡ଼ିଶାରେ ଏମିତି କେହି ନାହାନ୍ତି, ଯିଏ ତାଙ୍କୁ ଜାଣି ନ ଥିବା। ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଅସ୍ଥିର ରାଜନୀତି ରହିଥିଲା। ମାତ୍ର ସେହି ସମୟରେ ମଧ ନନ୍ଦିନୀ ଶତପଥୀଙ୍କ ଶାସନଶୈଳୀ ସମସ୍ତଙ୍କୁ ଚମତ୍କୃତ କରିଥିଲା। ପ୍ରତ୍ୟେକ ରାଜନେତା, ମହିଳାଙ୍କ ପାଇଁ ସେ ଉଦାହରଣ ରହିବେ ବୋଲି ମେୟର କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ ଯୋଗଦେଇ ନନ୍ଦିନୀ ଦେବୀ ମହିଳା ସଶକ୍ତୀକରଣ ଓ ସାହିତ୍ୟରେ ଯେଉଁ ଛାପ ଛାଡ଼ିଯାଇଛନ୍ତି ତାହା ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି ମତ ଦେଇଛନ୍ତି। ନନ୍ଦିନୀଙ୍କ ସୁପୁତ୍ର ତଥା ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଉପସ୍ଥିତ ରହି ମା'ଙ୍କ ସ୍ମୃତିଚାରଣ କରିଛନ୍ତି। ଓଡ଼ିଶାରେ ପୁରୁଷଙ୍କ ସହ ମହିଳାମାନେ ରାଜନୀତି ଏବଂ ବିଭିନ୍ନ କ୍ଷେତ୍ରରେ ଆଗେଇବା ପାଇଁ ନନ୍ଦିନୀ ଦେବୀ ସର୍ବଦା ଚେଷ୍ଟା କରୁଥିଲେ ବୋଲି ତଥାଗତ କହିଛନ୍ତି। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଧନ୍ୟବାଦ ଅର୍ପଣ କରିବା ସହ ଆମେ ମା'ଙ୍କୁ ସବୁଦିନ ମନେପକାଉ, ସେ ସମସ୍ତଙ୍କ ପାଇଁ ସ୍ମରଣୀୟ ବୋଲି କହିଛନ୍ତି। ମହିଳାମାନେ ସମୟ ନଷ୍ଟ ନ କରି ତାହାର ସଦୁପଯୋଗ କରିବା ପାଇଁ ସେ ସର୍ବଦା ପ୍ରେରଣା ଦେଉଥିଲେ ବୋଲି ମୁଖ୍ୟ କାର୍ଯ୍ୟନିର୍ବାହୀ ସତପଥୀ କହିଛନ୍ତି। କାର୍ଯ୍ୟକ୍ରମ ଶେଷରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ କହିଛନ୍ତି ଯେ ନନ୍ଦିନୀ ଦେବୀ ହେଉଛନ୍ତି ଓଡ଼ିଆ ଲୋକଙ୍କର ସର୍ବଭାରତୀୟ ପରିଚୟ। ତାଙ୍କୁ ଖୁବ୍ କମ୍ ସମୟ ପ୍ରଶାସନିକ ଦାୟିତ୍ୱ ମିଳିଥିଲା। ମାତ୍ର ସେହି ସମୟ ଭିତରେ ସେ ଯେଉଁ କୀର୍ତ୍ତିମାନ ପ୍ରତିଷ୍ଠା କରି ଯାଇଛନ୍ତି ତାହା ପ୍ରେରଣା ଯୋଗାଉଛି। ନନ୍ଦିନୀ ଦେବୀଙ୍କ ନିଷ୍ପତ୍ତି ନେବାର ପ୍ରକ୍ରିୟା ତାଙ୍କୁ ବହୁତ ପ୍ରଭାବିତ କରିଥାଏ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ଜନସାଧାରଣ ଏବଂ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ପରିବାର ସଦସ୍ୟ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ନନ୍ଦିନୀ ଶତପଥୀଙ୍କ ୯୨ତମ ଜୟନ୍ତୀ

## ତାଙ୍କ ନିଷ୍ପତ୍ତି ନେବା ପ୍ରକ୍ରିୟା ମୋତେ ପ୍ରଭାବିତ କରେ: ଧର୍ମେନ୍ଦ୍ର ପ୍ରଧାନ



ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପରିବାର।







ଉତ୍କଳ ସମ୍ମିଳନୀ, ଜୟ ଓଡ଼ିଶା ସଂସ୍କୃତି ସେବକ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।



ଢେଙ୍କାନାଳ ଷ୍ଟାଡିୟମ୍ ପରିସରରେ ଶୁକ୍ରବାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି। 'ଧରିତ୍ରୀ' ସମ୍ପାଦକ ତଥାଗତ ସତପଥୀ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶ କୁଅଁରଙ୍କ ସମେତ ଅନ୍ୟମାନେ ଉପସ୍ଥିତ।



ଗଞ୍ଜାମ ଜିଲା ଭଞ୍ଜନଗରର ନନ୍ଦିନୀ ଶତପଥୀ ସ୍ମୃତି ସଂସଦ ପକ୍ଷରୁ ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଆୟୋଜିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳନ ଅବସରରେ ଯୋଗଦେଇଥିବା ଅତିଥି ଓ ସଂସଦର ସଦସ୍ୟ।



ଭଦ୍ରକ ସହର ଭାଗବତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ସମ୍ବଲପୁର ବରେଇପାଲିସ୍ଥିତ ଧରିତ୍ରୀ କାର୍ଯ୍ୟାଳୟରେ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ପାଳନ ଅବସରରେ କର୍ମଚାରୀମାନେ।




ଭଦ୍ରକର ନନ୍ଦିନୀ ଶତପଥୀ ଜୟନ୍ତୀ କମିଟି ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକର ଶାରଦା ବିଦ୍ୟାମନ୍ଦିରରେ ଶୁକ୍ରବାର ଆୟୋଜିତ ନନ୍ଦିନୀ ଦେବୀଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।



ଢେଙ୍କାନାଳ କଣ୍ଟାନାଳୀ ବାଇପାସ୍ସ୍ଥିତ ଅକ୍ଷମ କଲ୍ୟାଣ ସମିତି ପରିଚାଳିତ ଭିନ୍ନକ୍ଷମ ବିଦ୍ୟାଳୟରେ ଶିକ୍ଷାନୁଷ୍ଠାନର ପ୍ରାଣପ୍ରତିଷ୍ଠାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଶୁକ୍ରବାର ଉନ୍ମୋଚିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ 'ଧରିତ୍ରୀ' ସମ୍ପାଦକ ତଥାଗତ ସତପଥୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ବିଶ୍ୱନାଥ ବେହେରା, କୋଷାଧ୍ୟକ୍ଷ ମଳୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଅଛନ୍ତି।




## ଦୁର୍ଘଟଣା ପରେ ରେଳ ବିଭାଗର ତତ୍ପରତା | ଟ୍ରାକ୍ ସୁରକ୍ଷା ଯାଞ୍ଚ ପାଇଁ ନିର୍ଦ୍ଦେଶନାମା ଜାରି

- ପ୍ରତିଦିନ ତଦାରଖ କରିବେ ଜୁନିୟର ଇଞ୍ଜିନିୟର
- ୱାର୍କ ସାଇଟ୍‌କୁ ଯାଇ ରିପୋର୍ଟ ଦେବେ ବିଭାଗୀୟ ମୁଖ୍ୟ
- ଟ୍ରାକ୍ ନିକଟରୁ ହଟିବ ରେଳ ଆର୍ବଜନା

ଭୁବନେଶ୍ୱର ୯।୬(ବ୍ୟୁରୋ)

ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୮୮ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୧ ହଜାରରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ତେଣୁ ଭବିଷ୍ୟତରେ ଯେମିତି ଏଭଳି ଭୟଙ୍କର ଦୁର୍ଘଟଣା ନ ଘଟିବ ସେଥିଲାଗି ରେଳ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ଉଦ୍ୟମ ଆରମ୍ଭ ହୋଇଛି। ବିଶେଷକରି ଦୁର୍ଘଟଣା ପରଠାରୁ ଟ୍ରାକ୍‌କୁ ନେଇ ଅଧିକ ତତ୍ପରତା ଦେଖାଇଛି ରେଳ ବୋର୍ଡ। ଏଥିପାଇଁ ସମସ୍ତ ଜେନେରାଲ ମ୍ୟାନେଜରଙ୍କୁ ଟ୍ରାକ୍‌ର ସୁରକ୍ଷା ଯାଞ୍ଚ ଲାଗି ନିର୍ଦ୍ଦେଶ ଦିଆଯିବା ସହ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ଜାରି କରିଛି ବୋର୍ଡ।

ଉକ୍ତ ନିର୍ଦ୍ଦେଶନାମା ଅନୁସାରେ, ପ୍ରତିଦିନ ରେଳ ଲାଇନ୍ ମରାମତି ବା ନିର୍ମାଣ ଦାୟିତ୍ୱରେ ଥିବା ଜୁନିୟର ଇଞ୍ଜିନିୟରମାନେ କାର୍ଯ୍ୟର ତଦାରଖ କରିବେ ଓ ବିଭାଗୀୟ ମୁଖ୍ୟମାନେ କାର୍ଯ୍ୟସ୍ଥଳକୁ ଯାଇ ରିପୋର୍ଟ ଦେବେ। କାର୍ଯ୍ୟସ୍ଥଳରେ ଜୁନିୟର ଇଞ୍ଜିନିୟରମାନଙ୍କୁ ପରାମର୍ଶ ଦେବା ଲାଗି କେତେଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ନିର୍ମାଣ କାର୍ଯ୍ୟରେ କୌଣସି ଶର୍ଟକର୍ଟ ପଦ୍ଧତିକୁ ଯେପରି ଅନୁସରଣ ନ କରାଯାଏ ସେନେଇ କଡ଼ା ନିର୍ଦ୍ଦେଶ ଦେଇଛି ରେଳ ବୋର୍ଡ।

ସେହିପରି ପ୍ରତିଦିନ ଟ୍ରାକ୍‌ଗୁଡିକର ଡବ୍ଲିଂ ଓ ଟ୍ରିପଲିଂ କାମ ସହ କ୍ରସିଂ, ପୋଲ, ଗିର୍ଡର ବ୍ରିଜ୍ ଆଦିକୁ ଯାଞ୍ଚ କରିବା ଲାଗି ଓପନ ଲାଇନ୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଆଗକୁ ମୌସୁମୀ ଆସୁଥିବାରୁ ଏହାକୁ ନଜରରେ ରଖି ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ କୁହାଯାଇଛି। ଟ୍ରାକ୍ ନିକଟରେ ଥିବା ଛୋଟ ଛୋଟ ଗଛ, ରେଳ ଲାଇନରେ ପାଣି ଜମୁଥିବା ସ୍ଥାନଗୁଡିକର ବିଶେଷ ଧ୍ୟାନ ଦେବାକୁ ଠିରେ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଟ୍ରାକ୍ ନିକଟରେ ରେଳ ବିଭାଗର ସାମଗ୍ରୀ ଏଣେତେଣେ ପଡିରହିଥିବାବେଳେ ସେଗୁଡିକ କେମିତି ଟ୍ରାକ୍‌ଠାରୁ ଦୂରରେ ରହିବ ସେନେଇ ଜୋନ୍ ଡିଆରଏମ୍ ତଦାରଖ କରିବେ। ଏଥିସହ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି କର୍ମଚାରୀ ଅଭାବ ଥିଲେ ଶୀଘ୍ର ବୋର୍ଡରେ ରିପୋର୍ଟ ଦାଖଲ କରିବା ସହ ବାହାରୁ କର୍ମଚାରୀ ଆଣିବାକୁ ସମସ୍ତ ଡିଆର୍‌ଏମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋର୍ଡ ଭିତ୍ତିଭୂମି ସଦସ୍ୟ ରୂପନାରାୟଣ ସୁନକର।

## ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

- ବିଶାଳ ଦେବଙ୍କୁ ଓଏଚ୍‌ପିସି ଅତିରିକ୍ତ ଦାୟିତ୍ୱ
- ଅରବିନ୍ଦ ଅଗ୍ରୱାଲ ଉଚ୍ଚଶିକ୍ଷା ସଚିବ

ଭୁବନେଶ୍ୱର,୯।୬(ବ୍ୟୁରୋ): ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଶୁକ୍ରବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀଙ୍କୁ ସାଧାରଣ ପ୍ରଶାସନ ବିଭାଗ ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଭାବେ ବଦଳି କରାଯାଇଛି। ସେହିପରି ଓଡ଼ିଶା ହାଇଡ୍ରୋପାୱାର କର୍ପୋରେଶନ(ଓଏଚ୍‌ପିସି) ଅଧ୍ୟକ୍ଷ ପଦବୀ ଅତିରିକ୍ତ ଦାୟିତ୍ୱରୁ ମଧ୍ୟ ତାଙ୍କୁ ହଟାଇ ଦିଆଯାଇଛି। ୧୯୯୬ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଳ ଦେବଙ୍କୁ ଓଏଚ୍‌ପିସି ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ସାମାଜିକ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ତଥା ମହିଳା ବିକାଶ ସମବାୟ ନିଗମର ପରିଚାଳନା ନିର୍ଦ୍ଦେଶକ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ଅରବିନ୍ଦ ଅଗ୍ରୱାଲଙ୍କୁ ଉଚ୍ଚଶିକ୍ଷା ସଚିବ ଭାବେ ବଦଳି କରାଯାଇଛି। ଏଥିସହିତ ଅରବିନ୍ଦଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

# କଳାରେ ସ୍ୱସ୍ତିକ, ଧନ୍ଦାମୂଳକରେ ପରେଶ ପ୍ରଥମ

## ଯୁକ୍ତ୨ କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ: ଶ୍ରେଷ୍ଠ ୧୦୦ ତାଲିକା

ଭୁବନେଶ୍ୱର,୯।୬(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଥିବାବେଳେ ଶୁକ୍ରବାର ଉଭୟ ବିଭାଗର ଶ୍ରେଷ୍ଠ ୧୦୦ ଛାତ୍ରଛାତ୍ରୀଙ୍କ ତାଲିକା ଜାରି ହୋଇଛି। କାମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସ୍ୱସ୍ତିକ ଖମାରୀ ସର୍ବାଧିକ ୫୫୭ ମାର୍କ ରଖି ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ଧନ୍ଦାମୂଳକ ବର୍ଗରେ ନିଗମ ବିହାର ସରକାରୀ ଧନ୍ଦାମୂଳକ କନିଷ୍ଠ ମହାବିଦ୍ୟାଳୟର ଛାତ୍ର ପରେଶ ଦାସ ସର୍ବାଧିକ ୫୩୧ ମାର୍କରଖି ପ୍ରଥମ ସ୍ଥାନରେ ରହିଛନ୍ତି।

ସେହିପରି କଳା ବର୍ଗରେ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଖୁସି ଆଚାର୍ଯ୍ୟ ୫୫୫ ମାର୍କ ରଖି ରାଜ୍ୟରେ ଦ୍ୱିତୀୟ ହୋଇଥିବାବେଳେ ସଞ୍ଚିତା ସ୍ୱାଇଁ ଓ ପ୍ରତିଭା ପ୍ରିୟଦର୍ଶିନୀ ଲେଙ୍କା ଓ ବାରିପଦାସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର ଶ୍ୱେତା ସାମଲ ୫୫୪ ଲେଖାଏ ମାର୍କ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଭୋଗରାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ କସ୍ତୁରୀ ପରିଡ଼ା ୫୫୩ ମାର୍କ ସହ ଚତୁର୍ଥ ସ୍ଥାନରେ ଏବଂ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ଭାଗ୍ୟଶ୍ରୀ ନାଏକ ୫୫୨ ମାର୍କ ରଖି ପଞ୍ଚମ ସ୍ଥାନରେ ରହିଛନ୍ତି। ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶାନ୍ତନୁ ବିଶ୍ୱାଳ ଏବଂ ଭୁବନେଶ୍ୱରସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି)ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଯାଜ୍ଞସେନୀ ମହାପାତ୍ର ୪୪୯ ଲେଖାଏ ମାର୍କ ରଖି ଷଷ୍ଠ ସ୍ଥାନରେ ରହିଛନ୍ତି। ରେଭେନ୍‌ଶାର ଶ୍ୱେତଲନା ପରିଡ଼ା, ଯାଜପୁରସ୍ଥିତ ନରସିଂହ ଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରିଙ୍କି ସାହୁ ଓ ଅଇଣ୍ଠାପଲ୍ଲୀସ୍ଥିତ ବେଦିକ ସାଇନ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁଜଳ ତିୱାରୀ ୪୪୭ ଲେଖାଏ ମାର୍କ ରଖି ସପ୍ତମ ସ୍ଥାନରେ ରହିଛନ୍ତି। ଦଶପଲ୍ଲାସ୍ଥିତ ବୃନ୍ଦାବନ ସୁବୁଦ୍ଧି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁତ୍ତୁଲୁ ସାହୁ ଓ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୁଭେଚ୍ଛା ଧର ୫୪୪ ଲେଖାଏ ମାର୍କ ରଖି ଅଷ୍ଟମ ସ୍ଥାନରେ ରହିଛନ୍ତି। ରେଭେନ୍‌ଶାର ଆଶାରାଣୀ ପରିଜା ଓ ସୁନ୍ଦରଗଡ଼ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମଞ୍ଜୁଲତା ରଣା ୫୪୩ ଲେଖାଏ ମାର୍କ ରଖି ନବମ ସ୍ଥାନରେ ରହିଛନ୍ତି। ଯାଜପୁରସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତନିଷା ଖାତୁନ୍ ଓ ପୁରୀ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ନେହା ପଟ୍ଟନାୟକ ୫୪୨ ଲେଖାଏ ମାର୍କ ରଖି ଦଶମ ସ୍ଥାନରେ ରହିଛନ୍ତି। ଏହା ପଛକୁ ରେଭେନ୍‌ଶାର ଚିନ୍ମୟୀ ଓଝା, ବିଜେପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ରାକ୍ଷୀ ସାହୁ ଓ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜୟଶ୍ରୀ ସାହୁ ୫୪୧ ଲେଖାଏ ମାର୍କ ଏକାଦଶ ସ୍ଥାନରେ ରହିଛନ୍ତି। ସେହିପରି ବାଲେଶ୍ୱରସ୍ଥିତ ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆରତୀ ବୁଗୁଡ଼ାଇ ଓ ରେଭେନ୍‌ଶାର ତୃପ୍ତି ମିଶ୍ର ୫୪୦ ମାର୍କ ରଖିଛନ୍ତି।

ସେହିପରି ଧନ୍ଦାମୂଳକ ବର୍ଗରେ ନୂଆସାହି ସରକାରୀ ଧନ୍ଦାମୂଳକ କନିଷ୍ଠ ମହାବିଦ୍ୟାଳୟର ଜ୍ୟୋସ୍ନିନ୍ ନିହାରିକା ଧଳ ୫୧୪ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ କେନ୍ଦ୍ରାପଡ଼ା ସରକାରୀ ଧନ୍ଦାମୂଳକ କନିଷ୍ଠ ମହାବିଦ୍ୟାଳୟର ଶ୍ରୁତି ମୟୀ ସାହୁ ଓ ଶର୍ମିଷ୍ଠା ପରିଡ଼ା ୫୧୦ ଲେଖାଏ ମାର୍କ ସହ ରାଜ୍ୟରେ ତୃତୀୟ ହୋଇଛନ୍ତି।

## ୬୬୧ ପରିବାରକୁ ମିଳିଛି ସହାୟତା ରାଶି

**ବାହାନଗା ଟ୍ରେନ୍ ଦୁର୍ଘଟଣା**

ଭୁବନେଶ୍ୱର ୯।୬(ବ୍ୟୁରୋ)

ଟ୍ରେନ୍ ଦୁର୍ଘଟଣାରେ ୨୮୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୧ଶହରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ରେଳ ବିଭାଗ ପକ୍ଷରୁ ମୃତ ଓ ଆହତଙ୍କ ଲାଗି ସହାୟତ ଘୋଷଣା କରାଯାଇଥିବାବେଳେ ୮ଦିନ ଭିତରେ ୬୬୧ ପରିବାରକୁ କ୍ଷତିପୂରଣ ବାବଦକୁ ୨୨ କୋଟି ୬୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏଥିମଧ୍ୟରେ ୧୮୦ ମୃତକଙ୍କ ପରିବାର ରହିଥିବାବେଳେ ୧୫୦ଜଣ ଗୁରୁତର ଓ ୩୩୧ଜଣ ସାମାନ୍ୟ ଆହତ ରହିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ରେଳ ଲାଇନକୁ ମରାମତି କରାଯାଇଛି। ମୋଟ ୪ଟି ଲାଇନରେ ରେଳ ଚଳାଚଳ କରୁଛି। ବାକି କାମ ଶୀଘ୍ର ସରିବ ବୋଲି ଦକ୍ଷିଣ ପୂର୍ବ ରେଳପଥର ସିପିଆର୍‌ଓ ଆଦିତ୍ୟ କୁମାର ଚୌଧୁରୀ ସୂଚନା ଦେଇଛନ୍ତି।

**ଏନ୍‌ଟିପିସି ଲିମିଟେଡ୍** (ଭାରତ ସରକାରଙ୍କ ଏକ ଉଦ୍ୟୋଗ) एनटीपीसी NTPC

ଏନ୍‌ଟିପିସି-କଣିହାଁ ଥର୍ମାଲ ପାୱାର ପ୍ଲାଣ୍ଟରୁ ବିନା ମୂଲ୍ୟରେ, ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ ଭିତ୍ତିରେ ପଣ୍ଡ୍ ଆଶ୍ ଉଠାଇବା ପାଇଁ

**ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନ**

ଇଓଆଇ ନଂ. ପିଏ/ଟିଏସ୍‌ଟିପିଏସ୍/୦୧ ତାରିଖ: ୧୦।୦୬।୨୦୨୩

ଏନ୍‌ଟିପିସି–କଣିହାଁ ଆଗ୍ରହୀ ଆଶ୍ ବ୍ୟବହାରକାରୀମାନଙ୍କଠାରୁ ଏନ୍‌ଟିପିସି–କଣିହାଁ ଥର୍ମାଲ ପାୱାର ପ୍ଲାଣ୍ଟ, ପୋଷ୍ଟ: ଦୀପଶିଖା, ଅନୁଗୁଳ, ଓଡ଼ିଶା–୭୫୯୧୪୭ରୁ ଏକ ବର୍ଷ ଅବଧି ପାଇଁ 'ବିନା ମୂଲ୍ୟରେ', 'ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ' ଏବଂ 'ଯେପରି ଅଛି ଯେଉଁଠି ଅଛି' ଭିତ୍ତିରେ ପଣ୍ଡ୍ ଆଶ୍ ଉଠାଇବା ପାଇଁ ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନ କରୁଛି। ଆଶ୍ ଉଠାଇବା ଓ ପରିବହନ କରିବା ଆଗ୍ରହୀ ଆଶ୍ ବ୍ୟବହାରକାରୀଙ୍କ ଦାୟିତ୍ୱ ହେବ।

**କିପରି ଆବେଦନ କରିବେ** ଆଗ୍ରହୀ ପାର୍ଟିମାନଙ୍କୁ ସେମାନଙ୍କର ଆବଶ୍ୟକତା(ଗୁଡ଼ି)କୁ ବିନିର୍ଦ୍ଦିଷ୍ଟ ମାନକ ଫର୍ମାଟରେ ତା୩୦।୦୬।୨୦୨୩ରିଖ ୧୭.୦୦ ଘଟିକା ସୁଦ୍ଧା autstps@ntpc.co.inରେ ଦାଖଲ କରିବା ପାଇଁ ଅନୁରୋଧ କରାଯାଉଛି। ଆଗ୍ରହର ଅଭିବ୍ୟକ୍ତି ପାଇଁ 'ସାଧାରଣ ସୂଚନା', 'ନିୟମ ଏବଂ ସର୍ତ୍ତାବଳୀ' ଏବଂ 'ଆବେଦନର ମାନକ ଫର୍ମାଟ୍' www.ntpctender.comରେ ଅପ୍‌ଲୋଡ୍ କରାଯାଇଛି।

ପଞ୍ଜୀକୃତ କାର୍ଯ୍ୟାଳୟ: ଏନ୍‌ଟିପିସି ଭବନ, ସ୍କୋପ୍ କମ୍ପ୍ଲେକ୍ସ, ୭, ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଲୋଦି ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩ www.ntpc.co.in, ସିଆଇଏନ୍: ଏଲ୍୪୦୧୦୧ଡିଏଲ୍୧୯୭୫ଜିଓଆଇ୦୦୭୯୬୬

ଆଗେଇ ନେଉଛୁ ଶକ୍ତି କ୍ଷେତ୍ରକୁ




କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଇଣ୍ଟର କଣ୍ଟିନେଣ୍ଟାଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଅବସରରେ ଭାରତ–ମଙ୍ଗୋଲିଆ ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳିଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।




## କଳିଙ୍ଗ ଷ୍ଟାଡିୟମରେ ଇଣ୍ଟର କଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ | ପ୍ରଥମ ଦିନ ଭାରତ, ଲେବାନନ୍ ବିଜୟୀ

ଭୁବନେଶ୍ୱର, ୯।୬(ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଯାଇଛି ଇଣ୍ଟର କଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟ। ପ୍ରଥମ ଦିନର ଖେଳରେ ଭାରତ ଓ ଲେବାନନ୍ ବିଜୟୀ ହୋଇଛନ୍ତି। ଭାରତ ୨–୦ରେ ମଙ୍ଗୋଲିଆକୁ ଏବଂ ଲେବାନନ ୩–୧ରେ ଭାନୁଆଟୁକୁ ପରାସ୍ତ କରିଥିଲା। ଭାରତୀୟ ଜାତୀୟ ଫୁଟବଲ ଦଳ ପ୍ରଥମ ଥର ପାଇଁ କଳିଙ୍ଗ ଷ୍ଟାଡିୟମରେ ଖେଳୁଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଭାରତ ଓ ମଙ୍ଗୋଲିଆ ଦଳର ଖେଳାଳିଙ୍କ ସହିତ ମୁଖ୍ୟମନ୍ତ୍ରୀ ପରିଚୟ ହେବା ସହିତ ଶୁଭେଚ୍ଛା ଜଣାଇଥିଲେ। ଏହା ବ୍ୟତିତ ସର୍ବଭାରତୀୟ ଫୁଟବଲ ମହାସଂଘ ସଭାପତି କଲ୍ୟାଣ ଚୌବେ ଓ ମହାସଚିବ କଲ୍ୟାଣ ଚୌବେ ମଧ୍ୟ ଉପସ୍ଥିତ ଥିଲେ। ଭାରତ ଓ ମଙ୍ଗୋଲିଆ ମଧ୍ୟରେ ଖେଳା ଯାଇଥିବା ମ୍ୟାଚକୁ ଘରୋଇ ଦଳ ୨–୦ରେ ଜିତି ନେଇଛି। ଭାରତ ପକ୍ଷରୁ ସହଲ ଅବଦୁଲ ସମଦ ଓ ଲାଲିଆଞ୍ଜୁଲା ଛାଙ୍ଗଟେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଭାରତୀୟ ଅଧିନାୟକ ସୁନୀଲ ଛେତ୍ରୀ ଓ ଉଦାନ୍ତାଙ୍କ କମ୍ବିନେଶନ ଚମତ୍କାର ପ୍ରଦର୍ଶନ କରିଥିଲେ। ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ହିଁ ଭାରତ ପ୍ରଥମ ଗୋଲ ସ୍କୋର କରିଥିଲା। ଅନିରୁଦ୍ଧ ଥାପାଙ୍କ ପକ୍ଷରୁ ମିଳିଥିବା ପାଶ୍‌କୁ ଏକ ଶକ୍ତିଶାଳୀ କ୍ରସ୍ ସହିତ ଗୋଲରେ ପରିଣତ କରିଥିଲେ ସହଲ ଅବଦୁଲ ସମଦ। ଅନ୍ତର୍ଜାତୀୟ ଫୁଟବଲରେ ଏହା ତାଙ୍କର ତୃତୀୟ ଗୋଲ୍। ଏହାର ୧୦ ମିନିଟ ମଧ୍ୟରେ ଭାରତ ପାଇଁ ଦ୍ୱିତୀୟ ଗୋଲ ଦେଇଥିଲେ ଲାଲିଆଞ୍ଜୁଲା ଛାଙ୍ଗଟେ। ଅନିରୁଦ୍ଧ ଥାପା ଓ ସନ୍ଦେଶ ଝିଙ୍ଗନ ମିଡ ଫିଲ୍ଡରେ ଚମତ୍କାର ପ୍ରଦର୍ଶନ କରି ଗୋଲ ସ୍କୋର ସୁଯୋଗ ସୃଷ୍ଟି କରିଥିଲେ। ଏହାକୁ ଗୋଲରେ ପରିଣତ କରିବା ସହିତ ଭାରତକୁ ୨–୦ରେ ଆଗୁଆ କରିଥିଲେ ଛାଙ୍ଗଟେ। ମଙ୍ଗୋଲିଆ ଖେଳାଳି ଗୋଲ୍ ପରିଶୋଧ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଏହି ବିଜୟ ସହ ଭାରତ ୩ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛି। ସେହିଭଳି ପ୍ରଥମ ମ୍ୟାଚ୍‌ରେ ଲେବାନନ ୩–୧ ଗୋଲରେ ଭାନୁଆଟୁକୁ ପରାସ୍ତ କରିଥିଲା। ଲେବାନନ ପକ୍ଷରୁ ନାଦେର ମାତର(୫୯ ମିନିଟ), ହସନ କୌରାନି(୭୨ ମିନିଟ) ଓ କରିମ ଡାରୱିଚ(୮୫ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ଜନ୍ ଓହେଲ ୬୨ ତମ ମିନିଟରେ ଭାନୁଆଟୁ ପକ୍ଷରୁ ଏକମାତ୍ର ଗୋଲଟି ପରିଶୋଧ କରିଥିଲେ।

# କଳବଲ କରୁଛି ଗୁଳୁଗୁଳି

- ଅସହ୍ୟ ହେବ ଆହୁରି ୫ ଦିନ
- ଝାରସୁଗୁଡ଼ା ୪୫.୬ ଡିଗ୍ରୀ
- ମ୍ୟାନ୍‌ମାର ଉପକୂଳରେ ଲଘୁଚାପ
- ୧୭ରେ ବଦଳିପାରେ ପାଗ

ଭୁବନେଶ୍ୱର,୯।୬(ବ୍ୟୁରୋ)

ତାତି ନାହିଁ। ଗୁଳୁଗୁଳି କରୁଛି ଅଣନିଃଶ୍ୱାସୀ। ଘରେ କିମ୍ବା ବାହାରେ ତ୍ରାହି ନାହିଁ। ପଙ୍ଖା କାମ ଦେଉନି। ଦେହରୁ ଗମଗମ ଝାଳ ବୋହିବା ସହ ଅସ୍ୱସ୍ତିକର ପରିବେଶ ସୃଷ୍ଟି ହୋଇଛି। ଗାଁରୁ ସହର ସବୁଠି ଗରମ ଓ ଗୁଳୁଗୁଳିରେ ଲୋକେ କଳବଲ ହେଉଛନ୍ତି। ଉପକୂଳ ଓଡ଼ିଶାର ଅଧିକାଂଶ ଜିଲାରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୬ରୁ ୩୮ ଡିଗ୍ରୀ ସେଲ୍‌ସିୟସ ରହୁଥିଲେ ମଧ୍ୟ ଗରମ ଓ ଗୁଳୁଗୁଳି ଅସହ୍ୟ ହେଉଛି। ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିବା ସାଙ୍ଗକୁ ଆକାଶ ମେଘାଚ୍ଛନ୍ନ ରହୁଛି। ଫଳରେ ସୂର୍ଯ୍ୟଙ୍କ କିରଣ ବିକିରଣ ହୋଇ ନ ପାରିବାରୁ ଗୁଳୁଗୁଳି ବଢ଼ିଯାଉଛି। ଏଭଳି ପାଗ ଆସନ୍ତା ୧୫ ତାରିଖ ଯାଏ ଜାରିରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଗ୍ରୀଷ୍ମର ପ୍ରକୋପ ଜାରି ରହିଥିବା ବେଳେ ଏହା ଆହୁରି ବଢ଼ିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର, ସୋନପୁର, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ବୌଦ୍ଧ, ମୟୂରଭଞ୍ଜ, କେନ୍ଦୁଝର ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଶୁକ୍ରବାର ଉତ୍ତର–ପୂର୍ବ ବଙ୍ଗୋପସାଗର ମ୍ୟାନ୍‌ମାର ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ତେବେ ଓଡ଼ିଶା ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ। ଏହା ବାଂଲାଦେଶ ଓ ମ୍ୟାନ୍‌ମାର ଉପକୂଳ ଦେଇ ଅତିକ୍ରମ କରିବ ବୋଲି ପୂର୍ବାନୁମାନ କରାଯାଇଛି। ଆସନ୍ତା ୧୭ କିମ୍ବା ୧୮ ତାରିଖରେ ରାଜ୍ୟକୁ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ ବୋଲି ଅନୁମାନ କରାଯାଉଛି।

ଉପକୂଳରେ ତାତି କମ୍ ରହିଥିଲେ ମଧ୍ୟ ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଆସନ୍ତା ୫ ଦିନ ଯାଏ ହିଟ୍‌ୱେଭ ଜାରିରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ପାରଦ ୪୫ ଡିଗ୍ରୀ ଅତିକ୍ରମ କରିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଝାରସୁଗୁଡ଼ାରେ ସର୍ବାଧିକ ୪୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୫.୨, ହୀରାକୁଦ ୪୪.୭, ବଲାଙ୍ଗୀର ୪୪, ସୋନପୁର ୪୪.୮, ବୌଦ୍ଧ ୪୪.୬, ସୁନ୍ଦରଗଡ଼ ୪୩.୮, ତାଳଚେର ୪୩.୨, ଭବାନୀପାଟଣା ୪୩.୬, ଟିଟିଲାଗଡ଼ ୪୩.୫, ଅନୁଗୋଳ ୪୨.୭, ବାରିପଦା ୪୨.୬ ଏବଂ କେନ୍ଦୁଝରରେ ସର୍ବାଧିକ ତାପମାତ୍ରା ୪୧.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁକୁର, ବ୍ରାହ୍ମଣ, ଘୋଡ଼ା**
**କେବେ ନୁହନ୍ତି ଯୋଡ଼ା ।**

ପ୍ରକୃତରେ ଦେଖିବାକୁ ଗଲେ କୁକୁର, ବ୍ରାହ୍ମଣ ଓ ଘୋଡ଼ା ଏଇ ଜାତିର ଜୀବ ପରସ୍ପର ପ୍ରତି ଖୁବ୍ ବିରୋଧୀ। ଏମାନଙ୍କ ମଧ୍ୟରୁ ଯିଏ ଯାହା ସଙ୍ଗେ ମିଶେ ସେଥିରେ ତା'ର ମୋଟେ ଫାଇଦା ନ ଥାଏ। ତେଣୁ ସେମାନେ ନିଜ ନିଜର ପତିଆରା ଦେଖାଇହେବାକୁ ଯାଇ ପ୍ରତ୍ୟେକ ଅଲଗା ଅଲଗା ରହିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାର୍ତ୍ତିକ ମାସରେ ଦାଣ୍ଡରେ ପାଣି,**
**ହାଟୁଆ କାଢ଼ିଲେ ବଡ଼ ଗଉଣି ।**

ଚାଷବାସ ପାଇଁ ବର୍ଷାର ଆବଶ୍ୟକତା ରହିଥାଏ। କାର୍ତ୍ତିକ ମାସରେ ଭଲ ବର୍ଷା ହେଲେ ଫସଲ ଅଧିକ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍)ର ମଧ୍ୟପ୍ରଦେଶ ପାର୍ଟି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ବିଆର୍‌ଏସ୍‌ର ରାଷ୍ଟ୍ରୀୟ ମୁଖ୍ୟ (ଜାତୀୟ ସଭାପତି) କେ.ଚନ୍ଦ୍ରଶେଖର ରାଓ ବୁଧବାର ପ୍ରଗତି ଭବନଠାରେ ମଧ୍ୟପ୍ରଦେଶର ବରିଷ୍ଠ ସାମାଜିକ ତଥା ସୂଚନା ଅଧିକାରୀ କର୍ମୀ ଆନନ୍ଦ ରୟ ଓ ଜୟ ଆଦିବାସୀ ଯୁବ ସଙ୍ଗଠନର ପ୍ରମୁଖ ସଦସ୍ୟଙ୍କୁ ପାର୍ଟିର ପିଙ୍କ୍ ସ୍କାର୍ଫ୍ ପିନ୍ଧାଇ ରାଓ ସ୍ୱାଗତ ଜଣାଇବା ସହ ଦଳ ପାଇଁ କାର୍ଯ୍ୟ କରିବାକୁ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଅବସରରେ କେ.ଚନ୍ଦ୍ରଶେଖର ରାଓଙ୍କ ସମେତ ଆନନ୍ଦ ରୟ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଦିଲୀପଙ୍କ ସ୍ଥାନ ସ୍ୱତନ୍ତ୍ର: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୯।୬(ବ୍ୟୁରୋ)**

ବରିଷ୍ଠ ଖବରଦାତା ସ୍ୱର୍ଗତ ଦିଲୀପ ଶତପଥୀ ଥିଲେ ଜଣେ ଅନୁଷ୍ଠାନ। ସେ ଅନ୍ୟମାନଙ୍କ ପାଇଁ ସମର୍ପିତ ଥିଲେ, ଯାହାକୁ ଶବ୍ଦରେ ବର୍ଣ୍ଣନା କରାଯାଇପାରିବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶୁକ୍ରବାର ଭୁବନେଶ୍ୱରଠାରେ 'ଦିଲୀପ ଶତପଥୀ ମେମୋରିଆଲ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା' ସମାରୋହରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶା ଗଣମାଧ୍ୟମ ଜଗତରେ ଦିଲୀପଭାଇ ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିଲେ। ନିଜ କାର୍ଯ୍ୟାଧାରାରେ ସମାଜ ଓ ଯୁବପିଢ଼ିଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ଦେଉଥିଲେ। ଗୋଟିଏ ଜୀବନ୍ତ ସମାଜ ତାଙ୍କର ସୁପୁତ୍ରକୁ ମନେପକାଇଲେ ହିଁ ସମାଜରେ ପରିଚୟ ତିଆରି ହୁଏ। ଦିଲୀପ ଶତପଥୀଙ୍କ ଆଦର୍ଶ, ସଂସ୍କାର ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ଅତୁଟ ରହିବା ଦରକାର ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଓଡ଼ିଆ ପିଲାଙ୍କ ଭିତରେ ଗୁଣ ଓ ଜ୍ଞାନର ଅଭାବ ନାହିଁ। ଓଡ଼ିଆ ପିଲାଙ୍କୁ ଦେଖିଲେ ମନରେ ଆତ୍ମବିଶ୍ୱାସ ବଢ଼େ। 'ସ୍ମୃତି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ' ଓ ଦିଲୀପ ଶତପଥୀ ମେମୋରିଆଲ ଟ୍ରଷ୍ଟ ଯୁବଶକ୍ତିଙ୍କ ଜ୍ଞାନକୁ ପ୍ରୋତ୍ସାହିତ କରିବା ପାଇଁ ଭଲ ପରମ୍ପରା ସୃଷ୍ଟି କରିଛି। ପାଠ ପଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବ। ଏହାକୁ ଅନୁସରଣ କରି ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ପାଇଁ ଲଢ଼େଇ କରିଥିବା ମଧୁବାବୁଙ୍କର ଓଡ଼ିଶା ପ୍ରତି ଅବଦାନକୁ ମନେ ପକାଇବାର ଆବଶ୍ୟକତା ରହିଛି। ଯେଉଁ ଜାତିର ମହାପ୍ରଭୁ ହେଉଛନ୍ତି ଶ୍ରୀଜଗନ୍ନାଥ, ଯେଉଁ ଜାତିର ୫୬ ଭୋଗର ପରମ୍ପରା ଅଛି, ଯେଉଁ ଜାତିରେ କେହି ଭୋକିଲା ନ ରହିବାର ସଂସ୍କାର ଅଛି, ଆଜି ସେହି ଓଡ଼ିଶା ରାଜ୍ୟକୁ ଅପପୁଷ୍ଟି କବଳିତ କରିଛି। ଜାତୀୟ ସ୍ୱାସ୍ଥ୍ୟ ସୂଚକାଙ୍କ ତାଲିକାରେ ଓଡ଼ିଶାର ସ୍ଥାନ ଚିନ୍ତାଜନକ। କୁପୋଷଣ ଗୋଟିଏ ଜାତୀୟ ପ୍ରସଙ୍ଗ ହୋଇଛି। ଶୁକ୍ରବାର ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ନନ୍ଦିନୀ ଦେବୀଙ୍କ ଜୟନ୍ତୀ। ତାଙ୍କ ହାତରେ ଓଡ଼ିଶାର ନିର୍ଣ୍ଣୟ ନେବାର କ୍ଷମତା ଥିଲା। ମାତ୍ର ସେ ଯେଉଁ ଓଡ଼ିଶା ନିର୍ମାଣ କରିଥିଲେ, ଆଜି ସେହି ଓଡ଼ିଶା ଦ୍ୱନ୍ଦ୍ୱରେ। ଓଡ଼ିଶାକୁ ବିଶ୍ୱର ଅଗ୍ରଣୀ ଅଞ୍ଚଳ ଭାବେ ତିଆରି କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# 'ଖାଦ୍ୟରେ ନିଶା ବଟିକା ଦେଇ ମା'ଙ୍କୁ ହତ୍ୟା କରାଯାଇଛି'



ଜୟନ୍ତଙ୍କ ଘରେ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ।

## ସ୍ତ୍ରୀଙ୍କ ବିରୋଧରେ ସ୍ୱାମୀ ଆଣିଲେ ସଙ୍ଗିନ ଅଭିଯୋଗ

**ରାସୋଳ, ୯।୬(ଡି.ଏନ୍.ଏ)**

ଢେଙ୍କାନାଳ ଜିଲା ରାସୋଳ ଥାନା ବ୍ରାହ୍ମଣସାହିରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଥିଲା। ଶାଶୁଙ୍କୁ ଖାଦ୍ୟରେ ବିଷ ଦେଇ ବୋହୂ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ମୃତା ସୁଲୋଚନା ସର ଓରଫ୍ ଫୁଲଙ୍କ ପୁଅ ଜୟନ୍ତ ଏଥିଲାଗି ସ୍ତ୍ରୀ ତୃପ୍ତିମୟୀଙ୍କୁ ଦାୟୀ କରିଛନ୍ତି। ଖାଦ୍ୟରେ ମାତ୍ରାଧିକ ନିଶା ବଟିକା ଦେଇ ବୃଦ୍ଧା ମା'ଙ୍କୁ ତାଙ୍କ ସ୍ତ୍ରୀ ମାରିଦେଇଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଶୁକ୍ରବାର ଢେଙ୍କାନାଳରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନଭିନ୍ କରିଛି। ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିବା ସହ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟରୁ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଥାନାଧିକାରୀ ବିଜୟ କୁମାର ହାଇବ୍ରୁ ସୂଚନା ଦେଇଛନ୍ତି।

ପୋଲିସ ନିକଟରେ ହୋଇଥିବା ଅଭିଯୋଗରୁ ଜଣାପଡ଼ିଛି, ଅନୁଗୋଳ ଜିଲା ବନ୍ତଳା ଥାନା ମାଣପୁର ଗ୍ରାମର ତୃପ୍ତିମୟୀଙ୍କ ସହ ଜୟନ୍ତଙ୍କ ବିବାହ ୪ ମାସ ତଳେ ହୋଇଥିଲା। ତେବେ ବିଭିନ୍ନ କାରଣରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ଜୟନ୍ତ ସ୍ତ୍ରୀଙ୍କୁ ବାଇକ୍‌ରେ ନେଇ ଶ୍ୱଶୁର ଘରକୁ ଯାଇଥିଲେ। ଗୁରୁବାର ଫେରିବା ବେଳେ ତୃପ୍ତିମୟୀ ମୁଣ୍ଡବ୍ୟଥା ହେଉଥିବା କହିଥିଲେ। ଏକ ଔଷଧ ଦୋକାନକୁ ଯାଇ ବଟିକା ଆଣିଥିଲେ। ମଧ୍ୟାହ୍ନରେ ପରିବାର ସଦସ୍ୟ ଖାଇପିଇ ଶୋଇଥିଲେ। ଜୟନ୍ତଙ୍କୁ ଗାଢ଼ ନିଦ ହୋଇଯାଇଥିଲା। ସନ୍ଧ୍ୟାରେ ତାଙ୍କର ନିଦ ଭାଙ୍ଗିଥିଲା। ହେଲେ ତାଙ୍କ ମା' ଆଉ ଉଠି ନ ଥିଲେ। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ତୁରନ୍ତ ରାସୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନାକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏଥିପୂର୍ବରୁ ମଧ ତୃପ୍ତିମୟୀ ନିଦ ବଟିକା ଆଣିଦେବାକୁ କହିଥିବାବେଳେ ସ୍ୱାମୀ ଜୟନ୍ତ ଏହାକୁ ଏଡ଼ାଇ ଯାଇଥିଲେ। ତେଣୁ ମା'ଙ୍କୁ ସୁପରିକଳ୍ପିତ ଭାବେ ନିଦବଟିକା ଦେଇ ହତ୍ୟା କରାଯାଇଥିବା ସେ ସନ୍ଦେହ କରି ଥାନାର ଦ୍ୱାରସ୍ଥ ହୋଇଥିଲେ।

ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ପର୍ଯ୍ୟାୟରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତୃପ୍ତିମୟୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି। ସୂଚନାଯୋଗ୍ୟ, ସୁଲୋଚନାଙ୍କ ସ୍ୱାମୀ ତାରେଶ୍ୱର ସର ହେଉଛନ୍ତି ଜଣେ ଅବସରପ୍ରାପ୍ତ ଆର୍‌ଆଇ। ସେ ଜଣେ ମାନସିକ ରୋଗୀ ବୋଲି ଜଣାପଡ଼ିଛି।

# ଭୟାବହ ଅଗ୍ନିକାଣ୍ଡ: ଜଳିଗଲା ୧୮ ବଖରା



ଅଗ୍ନିକାଣ୍ଡ ପରେ କ୍ଷୟକ୍ଷତି ଆକଳନ କରାଯାଉଛି।

**ଆଠମଲ୍ଲିକ,୯।୬(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତ ଓଳଥ ଗ୍ରାମରେ ଶୁକ୍ରବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ୧୩ ପରିବାରର ୧୮ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଆଠମଲ୍ଲିକ ଅଗ୍ନିଶମ କେନ୍ଦ୍ରର ୨ଟି ଗାଡ଼ି ସହ ଅଧିକାରୀ ଅରୁଣ ନାୟକ ଓ ୮ ଜଣ କର୍ମଚାରୀ ଏବଂ ଚାରିଛକ ଅଗ୍ନିଶମ ବାହିନୀର ଗୋଟିଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ୧୩ ପରିବାରର ସମସ୍ତ ଆସବାବପତ୍ର, ଧାନ, ଚାଉଳ, ଟଙ୍କା ଆଦି ପୋଡ଼ି ପାଉଁଶ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ ଗ୍ରାମର ରବୀନ୍ଦ୍ର ମାହାର, ଦିବାକର ମାହାର, ପ୍ରମୋଦ ବାଘ, ଶଙ୍କର ବାଘ, ମୁରଲୀ ବାଘ, ପ୍ରଦୀପ ବାଘ, କୃଷ୍ଣଚନ୍ଦ୍ର ମହାକୁଡ଼, ଅଭିମନ୍ୟୁ ମହାକୁଡ଼, କୃପାସିନ୍ଧୁ ମହାକୁଡ଼, ମିଥିଳା ପ୍ରଧାନ, ରବୀନ୍ଦ୍ର ମହାକୁଡ଼, ନୀଳାମ୍ବର ମାହାର, ମଙ୍କି ବାଘ ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ଖବରପାଇ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା, ତହସିଲଦାର ଯଶୋବନ୍ତ ଦେହୁରୀ, ସହକାରୀ ଜିଲାପାଳ ସୁଜିତ କୁମାର ଭୋଇ, ଅଏଡା ରାଜସ୍ୱ ନିରୀକ୍ଷକ ଅମରନାଥ ଦେହୁରୀ ପ୍ରମୁଖ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ କ୍ଷୟକ୍ଷତି ଆକଳନ କରିଥିଲେ। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ପ୍ରଦାନ କରାଯାଇଥିଲା। ଏଥିରେ ଆନୁମାନିକ ୧୪ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଏଡା ସରପଞ୍ଚ ସୁବାସିନୀ ସେଠୀ ପହଞ୍ଚି ରନ୍ଧା ଖାଦ୍ୟ ବ୍ୟବସ୍ଥା କରିବା ସହିତ ବିପନ୍ନଙ୍କୁ ଆବାସ ଯୋଜନା ଯୋଗାଇ ଦେବାକୁ ଦାବି କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ତୁରନ୍ତ ପ୍ରଶାସନ ପକ୍ଷରୁ ବିପନ୍ନଙ୍କ ଥଇଥାନ ବ୍ୟବସ୍ଥା ଓ ୨୦ ଦିନ ପାଇଁ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ ଓ ପିଇବା ପାଣି ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମାନହାନି ମାମଲା ଚେତାବନୀ ଦେଲେ ସଞ୍ଜୟ ନାୟକ

## ଓଲିଉଡ୍‌ରେ କାଷ୍ଟିଂ କାଉଚ୍ ଅଭିଯୋଗ ଘଟଣା

**ଭୁବନେଶ୍ୱର, ୯।୬(ବ୍ୟୁରୋ)**

ଓଲିଉଡ୍‌ରେ କାଷ୍ଟିଂ କାଉଚ୍ ଘଟଣାକୁ ନେଇ ଫିଲ୍ମ ପ୍ରଯୋଜକ ସଞ୍ଜୟ ନାୟକ ଓରଫ୍ ଟୁଟୁ ଶୁକ୍ରବାର ମୁହଁ ଖୋଲିଛନ୍ତି। କାଷ୍ଟିଂ କାଉଚ୍ ଅଭିଯୋଗ ଆଣିଥିବା ପ୍ରକୃତି ମିଶ୍ରଙ୍କ ଉପରେ ସଞ୍ଜୟ ବର୍ଷିଛନ୍ତି। ଏଥିସହ କୋର୍ଟରେ ମାନହାନୀ ମାମଲା କରିବେ ବୋଲି ସେ ଚେତାବନୀ ଦେଇଛନ୍ତି। ସଞ୍ଜୟ କହିଛନ୍ତି, ତାଙ୍କ ନାମରେ ଆସିଥିବା କାଷ୍ଟିଂ କାଉଚ୍ ଅଭିଯୋଗ ସମ୍ପୂର୍ଣ୍ଣ ମିଛ। କେତେଜଣ ଅଭିନେତ୍ରୀ ଓ ପ୍ରଯୋଜକ ମିଶି ଆକ୍ରୋଶମୂଳକ ଭାବେ ମୋତେ ବଦନାମ କରିବାକୁ ଚକ୍ରାନ୍ତ କରୁଛନ୍ତି। ତଥ୍ୟ ପ୍ରମାଣ ନ ଥାଇ ମିଥ୍ୟା ଅଭିଯୋଗ ଆଣିଥିବାରୁ ପ୍ରକୃତିଙ୍କ ସମେତ ୨ ଅଭିନେତ୍ରୀ ଏବଂ ଖବର ପ୍ରସାରଣ କରିଥିବା ଚ୍ୟାନେଲ ବିରୋଧରେ ମାନହାନୀ ମାମଲା କରିବେ ବୋଲି ସଞ୍ଜୟ ଚେତାବନୀ ଦେଇଛନ୍ତି। ଏଥିସହ ସେ କହିଛନ୍ତି, ମୋ ବାପା ବସନ୍ତ ନାୟକ ବୋଲି ପ୍ରକୃତି ଜାଣିନାହାନ୍ତି। ବାପାଙ୍କ ଦେହାନ୍ତ ପରେ ମୁଁ ସିନେମା କରିନି ବୋଲି ଯଦି ପ୍ରକୃତି କହୁଛନ୍ତି, ତେବେ ସିନେମାରେ ସୁଯୋଗ ଦେବା ଆଳରେ କେତେବେଳେ କାଷ୍ଟିଂ କାଉଚ୍ ଓ ପ୍ରୋଜେକ୍ଟରୁ ବାହାର କରିଦେଲି ବୋଲି ସେ ପ୍ରଶ୍ନ କରିଛନ୍ତି। ବାବୁଶାନ-ପ୍ରକୃତିଙ୍କ ଘଟଣାକୁ ନେଇ ସେ ଦେଇଥିବା ମନ୍ତବ୍ୟ ପାଇଁ ପ୍ରକୃତି ତାଙ୍କୁ ଆକ୍ରୋଶମୂଳକ ଭାବେ ଟାର୍ଗେଟ କରିଥିବା ସଞ୍ଜୟ କହିଛନ୍ତି।

ସୂଚନାଯୋଗ୍ୟ, ଫିଲ୍ମରେ କାମ ଦେବାର ପ୍ରଲୋଭନ ଦେଖାଇ ଅନେକ ନବାଗତ ଝିଅଙ୍କୁ ସଞ୍ଜୟ ଶୋଷଣ କରିଥିବା ପ୍ରକୃତି ଗୁରୁବାର ଗଣମାଧ୍ୟମରେ କହିଥିଲେ। ଏଥିସହ ପୀଡ଼ିତାମାନେ ଏନେଇ ତାଙ୍କୁ ମେସେଜ କରିଥିବା ନେଇ ସେ ସୂଚନା ଦେଇଥିଲେ। ଏପରିକି ତାଙ୍କ ସହ ଅତୀତରେ ଏକ ଦୁଃଖଦ ଘଟଣାବେଳେ ସଞ୍ଜୟ 'ଭଲ ପୁଅଙ୍କୁ ଫସାଇବା ଝିଅଙ୍କ କାମ' ବୋଲି ମନ୍ତବ୍ୟ ଦେଇଥିଲେ। ଯିଏ ତାଙ୍କ କଥାରେ ରାଜି ନ ହୁଏ ସେ ତାଙ୍କୁ କାମରୁ ବାହାର କରିଦିଅନ୍ତି ବୋଲି ପ୍ରକୃତି ଅଭିଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଉଚ୍ଚଶିକ୍ଷା ବିଭାଗ: ମନ୍ତ୍ରୀ ...

ସଚିବଙ୍କୁ ପ୍ରତ୍ୟାହାର କରି ନିଆଯିବା ସହ ସାଧାରଣ ପ୍ରଶାସନ ବିଭାଗରେ ରିପୋର୍ଟ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ରୋହିତଙ୍କୁ ମନ୍ତ୍ରିମଣ୍ଡଳରୁ କାହିଁକି ବାଦ୍ ଦିଆଗଲା ତାହା ସ୍ପଷ୍ଟ ହୋଇନାହିଁ।

ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିବା ପରେ ଗଣମାଧ୍ୟମକୁ ରୋହିତ କହିଛନ୍ତି, ମୁଖ୍ୟମନ୍ତ୍ରୀ ବୋଧେ ମୋଠାରୁ ଅଧିକ ଆଶା କରୁଥିଲେ, ମୁଁ ମୋର ସର୍ବୋତ୍ତମ ପ୍ରଦର୍ଶନ ଦେଇଛି। ବିଗତ ଦିନରେ ମୁଖ୍ୟମନ୍ତ୍ରୀ ମୋତେ ବହୁତ ଆଶୀର୍ବାଦ ଦେଇଥିଲେ। ଆଗକୁ ଯାହା ଦାୟିତ୍ୱ ଦେବେ କରିବି। ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିବା ପରେ ମୋର ଦୁଃଖ ନାହିଁ। ଆଗକୁ ଆହୁରି ଶିଖିବି ବୋଲି ସେ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ, ମେ' ୨୨ତାରିଖରେ ମୁଖ୍ୟମନ୍ତ୍ରୀ ନିଜ କ୍ୟାବିନେଟରେ ୩ ଜଣ ନୂଆ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସାରଦା ନାୟକ ଏବଂ ସୁଦାମ ମାର୍ଣ୍ଡିଙ୍କୁ ସ୍ଥାନ ଦେଇଛନ୍ତି। ସେତେବେଳେ ୨ ଜଣ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଶ୍ରୀକାନ୍ତ ସାହୁଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ରୋହିତଙ୍କ ପଦ ସୁରକ୍ଷିତ ଥିଲା । ମାତ୍ର ୧୫ ଦିନ ମଧ୍ୟରେ ତୃତୀୟ ମନ୍ତ୍ରୀ ଭାବେ ରୋହିତଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରାଯାଇଛି।

### ଆଦର୍ଶ ସ୍କୁଲ ଭାବେ ବିକଶିତ ...

ସହ ଡାଇନିଂ ହଲ୍ ଥିଲା। ମୃତଦେହ ରଖାଯାଇଥିବା କାରଣରୁ ଚାରିଆଡ଼େ ରକ୍ତର ଛିଟା ପଡ଼ିବା ସହ ଡେସ୍କ ଓ ବେଞ୍ଚରେ ମଧ୍ୟ ରକ୍ତ ଲାଗିଥିବା ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ସମୟରେ ମୃତଦେହଗୁଡିକୁ ଅନ୍ୟତ୍ର ନିଆଯାଇ ସ୍କୁଲ ବିଶୋଧନ କରାଯାଇଥିଲେ ମଧ୍ୟ ଶିକ୍ଷୟିତ୍ରୀଶିକ୍ଷକଙ୍କଠାରୁ ଆରମ୍ଭ କରି ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ଉକ୍ତ ଶ୍ରେଣୀଗୃହକୁ ପ୍ରବେଶ କରିବାକୁ ଭୟ କରୁଥିଲେ। ଅଳ୍ପଦିନ ପରେ ସ୍କୁଲ ଖୋଲିଲେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିବେ ଏବଂ କିପରି ପାଠ ପଢ଼ିବେ ସେନେଇ ଆଶଙ୍କା ଥିଲା। ଏ ସମ୍ପର୍କରେ ସ୍କୁଲ ପରିଚାଳନା କମିଟି ପ୍ରଶାସନକୁ ଜଣାଇବା ପରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଗୁରୁବାର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ସହ ଆଲୋଚନା କରି ବାହାନଗା ହାଇସ୍କୁଲ ପରିଦର୍ଶନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ, ସ୍କୁଲ ଓ ଗଣଶିକ୍ଷା ସଚିବ ଏସ୍. ଅଶ୍ୱସ୍ତି ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଯୋଗେ ବାଲେଶ୍ୱର ଜିଲାପାଳ, ସ୍କୁଲ ପରିଚାଳନା କମିଟିର ସଦସ୍ୟବୃନ୍ଦ, ପଞ୍ଚାୟତ ପ୍ରତିନିଧି, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ। ସ୍କୁଲର ୨ଜଣ ଛାତ୍ରୀଛାତ୍ର ଅଷ୍ଟମ ଶ୍ରେଣୀର ପ୍ରିୟଙ୍କା ବେହେରା ଓ ଷଷ୍ଠ ଶ୍ରେଣୀର ସୁମନ ସାହୁ ସ୍କୁଲର ବିକାଶ ବିଷୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସହ ମତ ବିନିମୟ କରିଥିଲେ ଓ ସ୍କୁଲର ବିକାଶ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ପିଲାମାନଙ୍କର ମତାମତ ତଥା ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍କୁଲର ବିକାଶ ଯଥା କଂକ୍ରିଟ ଛାତ, ଶ୍ରେଣୀ ଗୃହ, ଖେଳ ପଡ଼ିଆ, ପାଚେରି ଆଦି ସୁବିଧା ସୁଯୋଗର ବିକାଶ ପାଇଁ ନିଷ୍ପତ୍ତି କରାଯାଇଥିଲା। ଏ ସଂକ୍ରାନ୍ତରେ ୧୫ ଦିନ ମଧ୍ୟରେ ବିସ୍ତୃତ ଯୋଜନା ପ୍ରସ୍ତୁତି କରି ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ୨୩ରେ ୫-ଟି ସଚିବଙ୍କ ବାହାନଗା ବିଦ୍ୟାଳୟ ଗସ୍ତ

**ବାହାନଗା, ୯।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗାରେ ଟ୍ରେନ ଦୁର୍ଘଟଣାକୁ ୮ ଦିନ ପୂରିଛି। ଆସନ୍ତା ୨୩ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବାହାନଗା ବିଦ୍ୟାଳୟ ପରିଦର୍ଶନ କରିବେ। ଏହି ଅବସରରେ ଦୁର୍ଘଟଣାରେ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତି ଓ ମହିଳାମାନଙ୍କୁ ସମ୍ମାନିତ କରାଯିବା ସହ ସେମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ମୃତଦେହ ରଖାଯାଇଥିବା ବାହାନଗା ନୋଡାଲ ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହକୁ ଭାଙ୍ଗି କିପରି ସରକାରୀ ଆଦର୍ଶ ବିଦ୍ୟାଳୟ ଭାବେ ୫-ଟିରେ ସାମିଲ କରାଯିବ ତାହାର ଭିତ୍ତିଭୂମି ନେଇ ଶିକ୍ଷକ, ପରିଚାଳନା କମିଟି, ବିଡିଓ, ଶିକ୍ଷାଧିକାରୀ ଓ ବିଧାୟକଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ସହକର୍ମୀଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିତର୍କ ହୋଇପାରେ। ବନ୍ଧୁଙ୍କ ସହାୟତାରେ ପରିବାରରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କୃତିକା ନକ୍ଷତ୍ର ପୂର୍ବରାଗକୁ କେନ୍ଦ୍ର କରି ଆତ୍ମୀୟସ୍ୱଜନମାନେ ଦୂରେଇ ଯାଇପାରନ୍ତି। ଟେନସନ୍ କମିଯିବା ସକାଶେ ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ ଚେଷ୍ଟା କରିବେ।

**ବୃଷ** - ଆଜି ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିଜାତୀୟ ବ୍ୟକ୍ତି ସାହାଯ୍ୟ କରିବେ। ଅତୀତ ଘଟଣା, ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ମୃଗଶିରା ନକ୍ଷତ୍ରର କଚେରି ମାମଲା କିମ୍ବା ଆକସ୍ମିକ କଳହଜନିତ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ସ୍ଥିର ମନନେଇ କାମକଲେ ସମସ୍ୟାର ସମାଧାନ ହୋଇଯିବ।

**ମିଥୁନ** - ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟ ଧାରଣ କରି ବିଭିନ୍ନ ସମସ୍ୟାର ମୁକାବିଲାରେ ସମର୍ଥ ହେବେ। କେତେକ ଘଟଣାରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅସମର୍ଥିତ ସୂତ୍ରରୁ ଅନ୍ୟମାନଙ୍କ କଥା ଶୁଣି ବ୍ୟସ୍ତ ଅନୁଭବ କରିବେ। ଆରଦ୍ରା ନକ୍ଷତ୍ର ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ।

**କର୍କଟ** - ପୁଷ୍ୟା ନକ୍ଷତ୍ରର ସ୍ୱାସ୍ଥ୍ୟ ଭଲ ରହିଲେ ମଧ ବିଶେଷ ଖଟଣିଜନିତ ମନ ଭଲ ରହିବ ନାହିଁ। ଜମା ଭଲ ପଡୁନଥିବା କୌଣସି ବ୍ୟକ୍ତି ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂକଟ ଦୂରେଇବାରେ ଜଣେ ବିଶିଷ୍ଟ ବ୍ୟକ୍ତି ସହାୟତା କରିବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ସିଂହ** - ସାମାନ୍ୟ କୌଶଳ ପ୍ରୟୋଗ କରି କାମ କଲେ, ଯାହା ଚାହୁଁଛନ୍ତି ତାହା ପାଇପାରିବେ। ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ପୂର୍ବା-ଫାଲଗୁନୀ ନକ୍ଷତ୍ର ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାମାଜିକ ସ୍ତରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**କନ୍ୟା** - ସକାଳୁ କୌଣସି ବିଶେଷ କାମରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ଖରାପ ନ ହେଲେ ମଧ ବିଶେଷ ଭଲ ରହିବ ନାହିଁ। ଉତ୍ତରାଫାଲଗୁନୀ ନକ୍ଷତ୍ର ଆନୁଷ୍ଠାନିକ କ୍ଷେତ୍ରରେ ନୀତିଗତ କାମରୁ ପ୍ରଶଂସିତ ହେବେ।

**ତୁଳା** - କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ସ୍ୱାତୀ ନକ୍ଷତ୍ର ଅନ୍ୟମାନଙ୍କୁ ସୁହାଇଲା ଭଳି କଥାକହି ଲକ୍ଷ୍ୟ ହାସଲ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାରସାମ୍ୟ ରଖି ଚଳିବା ନିତାନ୍ତ ଜରୁରୀ ହୋଇପଡ଼ିବ। ବାଣିଜ୍ୟ, ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ।

**ବିଛା** - ଯାହା ଚାହୁଁଥିଲେ ତାହା ହାସଲ କରିବାରୁ ମନ ଖୁସି ହୋଇଯିବ। ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସହାୟତା ପାଇ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ଜଣାଶୁଣା ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବା ଦ୍ୱାରା କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ଜ୍ୟେଷ୍ଠା ନକ୍ଷତ୍ର ସକାଶେ ପଡ଼ୋଶୀ ଈର୍ଷାନ୍ୱିତ ହୋଇ ଭିନ୍ନ ମନ୍ତବ୍ୟ ଦେବେ।

**ଧନୁ** - ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ହେବାରୁ ଆଶ୍ୱସ୍ତି ଲଭିବେ। ମନ ବୁଝିଲା ଭଳି କଥା କହିବା କାରଣରୁ ବନ୍ଧୁଙ୍କ ସହଯୋଗ ପାଇବାରେ ଅସୁବିଧା ରହିବ ନାହିଁ। ମୂଳା ନକ୍ଷତ୍ରର ରାଜନୀତି କିମ୍ବା ପ୍ରଶାସନିକ ସ୍ତରରେ କାମ ହାସଲ କଷ୍ଟକର ହେବ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ଅବହେଳାରୁ ବ୍ୟୟ ହୋଇଯିବ।

**ମକର** - ଆଜି ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷାରେ ସମର୍ଥ ହେବେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ବନ୍ଧୁଙ୍କୁ କହିବା ସକାଶେ ମନରେ ଭାବୁଥିବା କଥାଟି ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଧନିଷ୍ଠା ନକ୍ଷତ୍ର ପାରିବାରିକ ସ୍ତରରେ ଭଉଣୀ କିମ୍ବା ସ୍ତ୍ରୀଙ୍କ ତରଫରୁ ପ୍ରତିରୋଧ ଆସିପାରେ।

**କୁମ୍ଭ** - ଶତଭିଷା ନକ୍ଷତ୍ରର କର୍ମକ୍ଷେତ୍ରସ୍ଥ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନାଟିକୁ ଆରମ୍ଭ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେବ। ପାରିବାରିକ ବ୍ୟତିକ୍ରମକୁ ନେଇ ମନୋବଳ ହ୍ରାସ ପାଇବ।

**ମୀନ** - ପୂର୍ବ ସ୍ଥିରୀକୃତ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ କିନ୍ତୁ ସତର୍କତାର ସହ କାମ କରି ପାରିଲେ ହେଲା। ରେବତୀ ନକ୍ଷତ୍ର ସକାଶେ ଯେତେ ଭଲ କାମ କଲେ ମଧ ନିଜର ଲୋକମାନେ ଦୋଷ ଖୋଜି ବୁଲିବେ। ପ୍ରତ୍ୟେକ ପରିସ୍ଥିତିରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରିବେ ବାସ୍ତବରେ ସେପରି କିଛି ହେବନି। ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

ଆଜି ଆଷାଢ଼ କୃଷ୍ଣ ସପ୍ତମୀଯୁକ୍ତ ଅଷ୍ଟମୀ, ଶନିବାର, ଜୁନ୍ ୧୦ ତାରିଖ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଅଷ୍ଟମୀର ପାର୍ବଣଶ୍ରାଦ୍ଧ, ଦିବା ଘ. ୧୦।୦୭ ଗତେ ଘ.୧୨।୧୨ ମଧ୍ୟେ, ଘ.୦୩।୦୩ ଗତେ ଘ.୦୩।୪୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୨୮ ଗତେ ଘ.୧୦।୦୭ ମଧ୍ୟେ ରାହୁକାଳ।

# ସରକାରଙ୍କ ନାଁରେ ପୁଞ୍ଜିପତି ଅର୍ଥ ବ୍ୟବସ୍ଥାକୁ ଅକ୍ତିଆର କରିନେଉଛନ୍ତି




ନନ୍ଦିନୀ ଶତପଥୀ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ମଞ୍ଚାସୀନ ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସ, ଲେଖକ ତଥା ବରିଷ୍ଠ ସାମ୍ବାଦିକ ପରଞ୍ଜୟ ଗୁହା ଠାକୁର୍ତା, ଆବାହକ ସୁଧାଂଶୁ ଶେଖର ଦେଓ ଏବଂ ସିଦ୍ଧାର୍ଥ ସ୍ୱରୂପ ଦାସ

## ନେତା ଜୁନିୟର ଅଫିସରଙ୍କୁ ଡରୁଛନ୍ତି: ଭକ୍ତ ଦାସ

## ନନ୍ଦିନୀ ଶତପଥୀ ସ୍ମାରକୀ ବକ୍ତୃତା

**ଭୁବନେଶ୍ୱର,୯।୬(ବ୍ୟୁରୋ)**

ଭାରତର ଅର୍ଥ ବ୍ୟବସ୍ଥାକୁ ସରକାରଙ୍କ ନାଁରେ ପୁଞ୍ଜିପତିମାନେ ଅକ୍ତିଆର କରିନେଉଛନ୍ତି। ଦେଶର ଅର୍ଥ ବ୍ୟବସ୍ଥାର ଭବିଷ୍ୟତ ସରକାରଙ୍କ ଉପରେ ନିର୍ଭର କରୁଛି। ଏହାଛଡ଼ା ଜନସାଧାରଣଙ୍କ ମଧ୍ୟ ଏ କ୍ଷେତ୍ରରେ ଦାୟିତ୍ୱ ରହିଛି। ଯଦି ଆମେ ନୀରବ ରହିବା ଏବଂ ଭୁଲ୍ କାମ୍ ପାଇଁ ପ୍ରତିବାଦ ନ କରିବା ତା'ହେଲେ ସରକାରଙ୍କ ଯାହା ଇଚ୍ଛାହେବ ତାହା କରିବେ ବୋଲି ଲେଖକ ତଥା ବରିଷ୍ଠ ସାମ୍ବାଦିକ ପରଞ୍ଜୟ ଗୁହା ଠାକୁର୍ତା ପ୍ରକାଶ କରିଛନ୍ତି। ଶୁକ୍ରବାର ସୂଚନା ଭବନଠାରେ ଓଡ଼ିଶା ସ୍ୱରାଜ ଅଭିଯାନ ପକ୍ଷରୁ ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ସ୍ମାରକୀ ବକ୍ତୃତା ପ୍ରତିଯୋଗିତାରେ ଠାକୁର୍ତା ମୁଖ୍ୟ ବକ୍ତା ଭାବେ ଯୋଗଦେଇ 'କ୍ରୋନି ପୁଞ୍ଜିବାଦ' ଶୀର୍ଷକରେ ଆଲୋଚନା କରିଛନ୍ତି। ଭାରତରେ ଖାଇବା ତେଲଠୁ ନେଇ ବଡ଼ ବଡ ଜିନିଷ କିଭଳି ଘରୋଇକରଣ ହୋଇଯାଉଛି ସେନେଇ ସେ ବିସ୍ତୃତ ଆଲୋଚନା କରିଛନ୍ତି। ହିଣ୍ଡେନବର୍ଗ ରିପୋର୍ଟ ବିଷୟରେ ସେ ଉଲ୍ଲେଖ କରିବା ସହ ଗୌତମ ଆଦାନୀ, ମୁକେଶ ଅମ୍ବାନୀ ଭଳି ପ୍ରତିଷ୍ଠିତ ବ୍ୟବସାୟୀଙ୍କ ହାତରେ କିଭଳି ଅର୍ଥ ବ୍ୟବସ୍ଥା ପରିଚାଳିତ ହେଉଛି ସେନେଇ ସେ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି। ଅନ୍ୟତମ ବକ୍ତା ଭାବେ କଂଗ୍ରେସ ନେତା ଭକ୍ତ ଚରଣ ଦାସ ରାଜ୍ୟ ଓ କେନ୍ଦ୍ରରେ ଗଣତନ୍ତ୍ରର ଅବସ୍ଥା ଶୀର୍ଷକରେ କହିଛନ୍ତି, ନାରୀ ସମାଜ ପାଇଁ ମୁଖ୍ୟମନ୍ତ୍ରୀ ଶତପଥୀ ପ୍ରେରଣାର ସ୍ରୋତ। କ୍ଷମତାରେ ଥାଇ କେବେ ବି ରାଜନୀତିକୁ କଳୁଷିତ କରିନାହାନ୍ତି ନନ୍ଦିନୀ ଶତପଥୀ। ତାଙ୍କ ସମୟରେ ସୁପରିଚାଳନାର ଏକ ଅନନ୍ୟ ବାତାବରଣ ଦେଖିବାକୁ ମିଳିଥିଲା। କିନ୍ତୁ ଏବେ ରାଜ୍ୟ ଆଉ ଗଣତନ୍ତ୍ରଭିତ୍ତିକ ହୋଇନାହିଁ। ଲୋକତନ୍ତ୍ରରେ ସ୍ୱାଧୀନତା ଅଛି କି ନାହିଁ ତାହା ସନ୍ଦେହରେ। ଏଠାରେ ରାଜନେତା ଦରମା ପାଇଁ ରାଜନୀତିରେ ଯୋଗଦେଉଛନ୍ତି। ସେମାନଙ୍କ ଭିତରୁ କିଛି ରାଜନେତା ରାଜନୀତିରେ ଅସ୍ତିତ୍ୱ ହରାଇଛନ୍ତି, ଆଉ କିଛି ଦୂରେଇ ଯାଇଛନ୍ତି। ରାଜନୀତିର ଦୃଶ୍ୟପଟ୍ଟ ବଦଳାଇବାକୁ ହେବ। ଓଡ଼ିଶାରେ ଏବେ ରାଜନୀତି ନାହିଁ। କେବଳ ମ୍ୟାନେଜ୍‌ରେ ଚାଲିଛି। ସେ କେନ୍ଦ୍ର ହେଉ କି ରାଜ୍ୟ। ନିର୍ବାଚିତ ହେଉଥିବା ନେତା ଜୁନିୟର ଅଫିସରଙ୍କୁ ଡରୁଛନ୍ତି ଏବଂ ସାର ବୋଲି କହି ସମ୍ବୋଧନ କରୁଛନ୍ତି ବୋଲି ସେ କହିଛନ୍ତି। ଏହି ଅବସରରେ ଆବାହକ ସୁଧାଂଶୁ ଶେଖର ଦେଓ ସ୍ୱାଗତ ଭାଷଣ ଦେଇ ନନ୍ଦିନୀ ଶତପଥୀ କିଭଳି ଜନମାନସରେ ରହିଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଛନ୍ତି। ଓଡ଼ିଶା ସ୍ୱରାଜ ଅଭିଯାନର ସିଦ୍ଧାର୍ଥ ସ୍ୱରୂପ ଦାସ ଧନ୍ୟବାଦ ଅର୍ପଣ କରିଛନ୍ତି।

# ସାଓମି ଇଣ୍ଡିଆ ଅଧିକାରୀଙ୍କୁ ଇଡି ନୋଟିସ

## ୫,୫୫୧ କୋଟି ବିଦେଶକୁ ପ୍ରେରଣରେ ଫେମା ଉଲ୍ଲଂଘନ

**ନୂଆଦିଲ୍ଲୀ, ୯।୬:** ବିଦେଶକୁ ୫,୫୫୧କୋଟି ଟଙ୍କା ପ୍ରେରଣରେ ବିଦେଶୀ ବିନିମୟ ପରିଚାଳନା ଆଇନ (ଫେମା) ଉଲ୍ଲଂଘନ ହୋଇଥିବା ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚାଇନାର ମୋବାଇଲ ଫୋନ୍ ଉତ୍ପାଦନକାରୀ କମ୍ପାନୀ ସାଓମି, ଏହାର ସିଏଫ୍‌ଓ ଏବଂ ନିର୍ଦ୍ଦେଶକ ସମୀର ରାଓ, ପୂର୍ବତନ ଏମ୍‌ଡି ମନୁ ଜୈନ ତଥା ୩ଟି ବିଦେଶୀ ବ୍ୟାଙ୍କକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଇଡି ସାଇମି ଟେକ୍‌ନୋଲୋଜି ଇଣ୍ଡିଆ ପ୍ରା.ଲିଃ, ଏହାର ଦୁଇ କାର୍ଯ୍ୟନିର୍ବାହୀ, ସିଟିବ୍ୟାଙ୍କ, ଏଚ୍‌ଏସ୍‌ବିସି ବ୍ୟାଙ୍କ ଏବଂ ଡ୍ୟୁସ୍ ବ୍ୟାଙ୍କ ଏଜି ବିରୋଧରେ ତଦନ୍ତ ଚଳାଇଛି। ଇଡି ପୂର୍ବରୁ ସାଓମି ଟେକ୍‌ନୋଲୋଜି ଇଣ୍ଡିଆର ବ୍ୟାଙ୍କ ଆକାଉଣ୍ଟରେ ଥିବା ୫,୫୫୧.୨୭ କୋଟି ଟଙ୍କା ଜବତ କରିଥିଲା। ଆୟକର ଫାଙ୍କି ଅଭିଯୋଗରେ ଗତ ଡିସେମ୍ବରରେ କମ୍ପାନୀ କାର୍ଯ୍ୟାଳୟ ଉପରେ ଚଢ଼ାଉ ହେବା ସହ ଏହାର ପୂର୍ବତନ ମୁଖ୍ୟ ମନୁ କୁମାର ଜୈନଙ୍କୁ ଜେରା ପାଇଁ ସମନ ହୋଇଥିଲା। ବେଆଇନ ଭାବେ ବିଦେଶକୁ ଅର୍ଥ ପ୍ରେରଣ ଅଭିଯୋଗକୁ ସାଓମି ଖଣ୍ଡନ କରିଛି। ଭରତୀୟ ଆଇନକୁ କମ୍ପାନୀ ଅନୁପାଳନ କରିବା ସହ ଏହାର ରୟାଲଟି ପୈଠ ଓ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଆଇନ ଅନୁଯାୟୀ ହୋଇଥିବା ସାଓମି ପକ୍ଷରୁ କୁହାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
We are a leading company in the pharmaceutical industry at Hyderabad & Vizag.
We are looking for a contract workmen agency who can provide migrant labour for loading & unloading, Housekeeping and also Painters.
Requirement : 1,000 workers per day in Hyderabad & Vizag locations
Interested Vendors may contact us at
91005 11003

MARUTI SUZUKI ARENA
SKY AUTOMOBILES
REQUIRED AT SKY AUTOMOBILES
HIRING
› RURAL SALES MANAGER - 02
Minimum 5 years experience in rural Sales of Automobiles or any other industry
› SR. RELATIONSHIP MANAGERS - 05
(Team Leaders)
Graduate with 5 years experience in Automobile Sales
› RELATIONSHIP MANAGERS - 20
(Sales Executives)
Graduate with 2 years experience in any Sales
› USED CAR SOURCING EXECUTIVES - 03
(Evaluators)
Diploma/ITI (Fitter/Mechanical/Automobiles)
Freshers can also apply.
LOCATIONS
Ganjam District: Berhampur, Aska, Khallikote, Polasara, Jagannath, Prasada, Sorada, Chikiti, Buguda.
Gajapati District: Paralakhemundi, Mohana, R udaygiri, Chheligada.
Kandhamala District: Tikabali, Baliguda, Phiringia, Raikia, Khajuriapada, G udaygiri, Daringbadi.
WALK-IN INTERVIEW on
13th June'23, Tuesday | 2.30pm to 5.30pm
Bring along your updated resume & passport size photograph.
Old & Most Trusted Maruti Dealer in Eastern India
SKY AUTOMOBILES sales • service • spares - SINCE 1987
N.H.-16, Jagannathpur-Gopalpur Jn.
7381045091
arena.berhampur@gmail.com

LADY PEON
ଆବଶ୍ୟକ
ଖାଇବା, ରହିବା ସହିତ
ଦରମା 7500/-.
ଯୋଗାଯୋଗ:
7809525452

WANTED
NIIS GROUP OF INSTITUTIONS
Estd - 2000
NIIS INSTITUTE OF ENGINEERING & TECHNOLOGY
(Approved by AICTE, Govt. of India & Affiliated to BPUT,Govt. of Odisha)
NIIS INSTITUTE OF BUSINESS ADMINISTRATION
(Approved by AICTE, Govt. of India & Affiliated to BPUT,Govt. of Odisha)
NIIS INSTITUTE OF INFORMATION SCIENCE & MANAGEMENT
(Recognised by Govt. of Odisha & Affiliated to Utkal University)
NIIS HIGHER SECONDARY SCHOOL
(Recognised by Govt. of Odisha & Affiliated to CHSE, Odisha)
Invites Applications for
LECTURERS, ASSISTANT PROFESSORS & ASSOCIATE PROFESSORS in
CIVIL, ELECTRICAL, MECHANICAL, EEE, ECE, CSE, MBA, MCA, MATHEMATICS, STATISTICS
M.Sc. (PHYSICS,CHEMISTRY, COMP.SC., BIOTECH)
Eligibility: B.Tech, M.Tech., MCA, MBA, M.Sc. (with M.Phil, Ph.D.)
Relevant Experience in the respective field is essential for the post of Associate Profesors & Assistant Professors
MARKETING & CONSULTING : Graduates / Postgraduates with relevant experience
ADMINISTRATIVE STAFF : Graduates / Postgraduates with 3-5 years working experience in Engineering & Management Colleges
Salary will be best in the industry as per the ability and experience
Interested candidates are advised to send their latest CV by email to hr@niisgroup.org within 2 weeks of publication of the advertisement. Only shortlisted candidates will be called for interview.
SARADA VIHAR, MADANPUR, BHUBANESWAR - 752054
Visit us: www.niisgroup.org

# ମହାପ୍ରଭୁଙ୍କୁ ଲାଗିହେଲା ଫୁଲୁରିତେଲ

**ପୁରୀ ଅଫିସ, ୯।୬**



ବଡ଼ ଓଡ଼ିଆ ମଠ ପକ୍ଷରୁ ଶ୍ରୀମନ୍ଦିରକୁ ଫୁଲୁରି ତେଲ ନିଆଯାଉଛି।

ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଦଇତାପତି ଓ ପତିମହାପାତ୍ର ସେବକମାନେ ନିଷ୍ଠାର ସହ ଶ୍ରୀବିଗ୍ରହଙ୍କ ଗୁପ୍ତସେବା ଜାରି ରଖିଛନ୍ତି। ଦାରୁଦିଅଁଙ୍କ ନିକଟରେ ପଣା ଓ ଚକଟା ଭୋଗ ଲାଗିକରାଯାଉଛି। ଅନବସରର ଚତୁର୍ଥ ଦିବସରେ ଗୁରୁବାର ଦଇତାପତି ସେବାୟତମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଫିଟାନୀତି ସମ୍ପାଦିତ କରିଥିବାବେଳେ ପଞ୍ଚମ ଦିବସ ଶୁକ୍ରବାର ଅଣସର ପିଣ୍ଡିରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗି କରାଯାଇଛି। ଦଇତାପତି ସେବକମାନେ ଏହି ଫୁଲୁରି ତେଲ ଲାଗିକରିଛନ୍ତି।

ମହାପ୍ରଭୁଙ୍କ ଗୁପ୍ତନୀତି ମଧ୍ୟରେ ଫୁଲୁରି ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ପ୍ରତିବର୍ଷ ଅଣସର ସମୟରେ ବଡ଼ ଓଡ଼ିଆ ମଠ ପକ୍ଷରୁ ୬ ସେର ଫୁଲୁରି ତେଲ ଯୋଗାଇ ଦିଆଯାଇଥାଏ। ଏହି ତେଲକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥାଏ। ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ ୧୪ ପ୍ରକାର ଫୁଲ, ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ଯଥା କେତକୀ, ହେନା, ଯୁଇ, ମଲ୍ଲୀ ଆଦି ଅନେକ ସୁଗନ୍ଧିତ ପୁଷ୍ପ ପକାଇ ଏକ ପାତ୍ରରେ ରଖି ମାଟିତଳେ ଏକବର୍ଷ କାଳ ପୋତାଯାଇଥାଏ। ସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇ ରଖାଯାଏ। ପରେ ତେଲକୁ ଛଣାଯାଇ ମାଟିପାତ୍ରରେ ରଖାଯାଏ। ଅଣସରର ପଞ୍ଚମ ଦିନ ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି କରାଯିବା ପାଇଁ ପଠାଯାଏ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଭୋଗ ସମ୍ପନ୍ନ ପରେ ମଠରୁ ଉକ୍ତ ଫୁଲୁରି ତେଲ ଶ୍ରୀମନ୍ଦିରକୁ ଯାଇଥାଏ। ପତିମହାପାତ୍ର ସେବକ ୩ଟି ରୁପାପିଙ୍ଗଣରେ ଫୁଲୁରି ତେଲ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ତାହାକୁ ମାଲିସ୍ କରିଥାନ୍ତି। ଜ୍ୱରାକ୍ରାନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ମାଲିସ୍ କରାଯିବା ପରେ ସେ ସାମାନ୍ୟ ସୁସ୍ଥ ଅନୁଭବ କରିଥାନ୍ତି ବୋଲି ବିଶ୍ୱାସ ରହିଛି।

# ବରିଷ୍ଠ ନାଗରିକଙ୍କ ପାଇଁ ଗୁଣ୍ଡିଚା ମନ୍ଦିରରେ ସ୍ୱତନ୍ତ୍ର କରିଡର ହେଉ

**ପୁରୀ ଅଫିସ, ୯।୬**

ନବଦିନ ଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରି ଭକ୍ତଙ୍କୁ ଦର୍ଶନ ଦେବେ। ଆଡ଼ପମଣ୍ଡପରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଅତ୍ୟଧିକ ଭିଡ଼ ଯୋଗୁ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବୟସାଧିକ ବ୍ୟକ୍ତି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏଣୁ ଗୁଣ୍ଡିଚା ମନ୍ଦିରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବାକୁ ନୀଳାଚଳ ବରିଷ୍ଠ ନାଗରିକ ମଞ୍ଚ ଦାବି କରିଛି। ଏ ନେଇ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ପ୍ରତ୍ୟେକ ଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ୧ ଘଣ୍ଟା କିମ୍ବା ଦୁଇଘଣ୍ଟା ପାଇଁ ସ୍ୱତନ୍ତ୍ର କରିଡରରେ ବରିଷ୍ଠଙ୍କୁ ଦର୍ଶନ କରିବାର ସୁଯୋଗ ଦେବାକୁ ମଞ୍ଚ ଦାବି କରିଛି। ନୃସିଂହ ମନ୍ଦିର ପାର୍ଶ୍ୱରେ ଗୁଣ୍ଡିଚା ମନ୍ଦିର ମଧ୍ୟକୁ ଯିବା ପାଇଁ ଏକ ଦ୍ୱାର ରହିଛି। ବୟସ ପ୍ରମାଣପତ୍ର ଆଧାରରେ ଏହି ଦ୍ୱାର ଦେଇ ବରିଷ୍ଠ ନାଗରିକଙ୍କୁ ଛାଡ଼ିବାକୁ ମଞ୍ଚ ପକ୍ଷରୁ ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଛି। ମଞ୍ଚର ସଭାପତି ବିରେନ୍ଦ୍ର ଭୂଷଣ ହୋତା ଓ ସମ୍ପାଦକ ପ୍ରସନ୍ନ କୁମାର ଶତପଥୀ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ମଞ୍ଚ ପକ୍ଷରୁ ଏସ୍‌ପିଙ୍କୁ ମଧ୍ୟ ଦାବିପତ୍ରର ନକଲ ପ୍ରଦାନ କରାଯାଇଛି।

# କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ

**ବାଲୁଗାଁ,୯।୬(ଡି.ଏନ୍.ଏ):** ବାଲେଶ୍ୱର ଜିଲା ବାହାନଗାରେ ଘଟିଯାଇଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣା ରେଳଯାତ୍ରୀଙ୍କ ମନରେ ଭୟ ଭରି ଦେଇଛି। ଯାତ୍ରାବେଳେ କେଉଁଠି ଅଘଟଣ ଘଟିବ ସେନେଇ ଯାତ୍ରୀମାନେ ଆଶଙ୍କାରେ ରହୁଛନ୍ତି। ତେବେ ଶୁକ୍ରବାର ଅପରାହ୍ନରେ ବାଲୁଗାଁ ରେଳ ଷ୍ଟେଶନ ପୂର୍ବରୁ ଏକ କୋଇଲା ବୋଝେଇ ଟ୍ରେନରେ ନିଆଁ ଲାଗିଯାଇଥିଲା। ଖବରପାଇ ବାଲୁଗାଁ ଏବଂ ବାଣପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନରେ ଏନ୍‌ବିକେଏଲ୍ ନଂ.୨ କୋଇଲା ବୋଝେଇ ଟ୍ରେନ୍ ଖୋର୍ଦ୍ଧରୋଡରୁ ସକାଳ ୯ଟା ୩୦ରେ ବାହାରି ପଲାସା ଅଭିମୁଖେ ଯାଉଥିଲା। ଅପରାହ୍ନ ପ୍ରାୟ ୩ଟାରେ ଟ୍ରେନଟି ସୋଲରୀ ଷ୍ଟେଶନ ଅତିକ୍ରମ କରିବା ପରେ ୧୪ ନମ୍ବର ୱାଗନରୁ ଧୂଆଁ ବାହାରୁଥିବା ଗାର୍ଡ ଦେଖି ବାଲୁଗାଁ ଷ୍ଟେଶନରେ ଟ୍ରେନକୁ ରଖିବା ପାଇଁ ଡ୍ରାଇଭରଙ୍କୁ ପରାମର୍ଶ ଦେଇଥିଲେ। ବାଲୁଗାଁ ଷ୍ଟେଶନର ୨ ନମ୍ବର ପ୍ଲାଟଫର୍ମରେ ଚାଳକ ଟ୍ରେନ୍ ଅଟକାଇବା ପରେ ଗାର୍ଡ ସଙ୍ଗେସଙ୍ଗେ ଷ୍ଟେଶନ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ରିପୋର୍ଟ କରିଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ଼ ଅଘଟଣ ଟଳିଯାଇଥିବା ଆଲୋଚନା ହେଉଛି।


# କେନ୍ଦ୍ରୀୟ ଲୋକ ସେବା ଆୟୋଗ

## ପରୀକ୍ଷା/ନିଯୁକ୍ତି ପରୀକ୍ଷା (ଆର୍‌ଟି)-୨୦୨୪ର କାର୍ଯ୍ୟକ୍ରମ

ନଂ. ୨୨/୨/୨୦୨୩-ଇ.ଆଇ(ବି) - ବର୍ଷ ୨୦୨୪ ନିମନ୍ତେ ଆୟୋଗର ପରୀକ୍ଷା ଓ ନିଯୁକ୍ତି ପରୀକ୍ଷା (ଆର୍‌ଟି)ଗୁଡ଼ିକର କାର୍ଯ୍ୟକ୍ରମ ପ୍ରାର୍ଥୀଙ୍କ ସୂଚନା ପାଇଁ ନିମ୍ନରେ ପ୍ରଦାନ କରାଯାଉଛି। ବାର୍ଷିକ କ୍ୟାଲେଣ୍ଡର ଆୟୋଗର ୱେବ୍‌ସାଇଟ୍ (www.upsc.gov.in)ରେ ମଧ୍ୟ ସ୍ଥାନିତ କରାଯାଇଛି । ଆଶାୟୀ ଓ ପ୍ରାର୍ଥୀମାନଙ୍କୁ ଏହି ବିଜ୍ଞାପନକୁ ସାଇତି ରଖିବା ଏବଂ ୨୦୨୪ରେ ଆୟୋଗର ପରୀକ୍ଷାଗୁଡ଼ିକ ଲାଗି ଆବେଦନ କରିବା ନିମନ୍ତେ ଏକ ତତ୍କାଳ ସନ୍ଦର୍ଭ ଭାବେ ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଉଛି।

| କ୍ର. ସଂ. | ପରୀକ୍ଷାର ନାମ | ଅଧିସୂଚନା ତାରିଖ | ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ | ପରୀକ୍ଷା ଆରମ୍ଭ ତାରିଖ | ପରୀକ୍ଷା ଅବଧି |
|---|---|---|---|---|---|
| ୧. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୧୩।୦୧।୨୦୨୪ (ଶନିବାର) | ୨ ଦିନ |
| ୨. | ଇଞ୍ଜିନିୟରିଂ ସର୍ଭିସେସ୍ (ପ୍ରିଲିମିନାରୀ) ପରୀକ୍ଷା, ୨୦୨୪ | ୦୬।୦୯।୨୦୨୩ | ୨୬।୦୯।୨୦୨୩ | ୧୮।୦୨।୨୦୨୪ (ରବିବାର) | ୧ ଦିନ |
| ୩. | ସମ୍ମିଳିତ ଭୂ-ବୈଜ୍ଞାନିକ (ପ୍ରିଲିମିନାରୀ) ପରୀକ୍ଷା, ୨୦୨୪ | ୨୦।୦୯।୨୦୨୩ | ୧୦।୧୦।୨୦୨୩ | ୧୮।୦୨।୨୦୨୪ (ରବିବାର) | ୧ ଦିନ |
| ୪. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୨୪।୦୨।୨୦୨୪ (ଶନିବାର) | ୨ ଦିନ |
| ୫. | ସିଆଇଏସ୍‌ଏଫ୍ ଏସି (ଇଏକ୍ସଇ) ଏଲ୍‌ଡିସିଇ-୨୦୨୪ | ୨୯।୧୧।୨୦୨୩ | ୧୯।୧୨।୨୦୨୩ | ୧୦।୦୩।୨୦୨୪ (ରବିବାର) | ୧ ଦିନ |
| ୬. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୦୯।୦୩।୨୦୨୪ (ଶନିବାର) | ୨ ଦିନ |
| ୭. | ଏନ୍.ଡି.ଏ. ଓ ଏନ୍.ଏ. ପରୀକ୍ଷା (I), ୨୦୨୪ | ୨୦।୧୨।୨୦୨୩ | ୦୯।୦୧।୨୦୨୪ | ୨୧।୦୪।୨୦୨୪ (ରବିବାର) | ୧ ଦିନ |
| ୮. | ସି.ଡି.ଏସ୍. ପରୀକ୍ଷା (I), ୨୦୨୪ | | | | |
| ୯. | ସିଭିଲ ସର୍ଭିସେସ୍ (ପ୍ରିଲିମିନାରୀ) ପରୀକ୍ଷା, ୨୦୨୪ | ୧୪।୦୨।୨୦୨୪ | ୦୫।୦୩।୨୦୨୪ | ୨୬।୦୫।୨୦୨୪ (ରବିବାର) | ୧ ଦିନ |
| ୧୦. | ଭାରତୀୟ ବନ ସେବା (ପ୍ରିଲିମିନାରୀ) ପରୀକ୍ଷା, ୨୦୨୪ ସିଏସ୍(ପି) ପରୀକ୍ଷା, ୨୦୨୪ ମାଧ୍ୟମରେ | | | | |
| ୧୧. | ଆଇ.ଇ.ଏସ୍./ଆଇ.ଏସ୍.ଏସ୍. ପରୀକ୍ଷା, ୨୦୨୪ | ୧୦।୦୪।୨୦୨୪ | ୩୦।୦୪।୨୦୨୪ | ୨୧।୦୬।୨୦୨୪ (ଶୁକ୍ରବାର) | ୩ ଦିନ |
| ୧୨. | ସମ୍ମିଳିତ ଭୂ-ବୈଜ୍ଞାନିକ (ମୁଖ୍ୟ) ପରୀକ୍ଷା, ୨୦୨୪ | | | ୨୨।୦୬।୨୦୨୪ (ଶନିବାର) | ୨ ଦିନ |
| ୧୩. | ଇଞ୍ଜିନିୟରିଂ ସେବା (ମୁଖ୍ୟ) ପରୀକ୍ଷା, ୨୦୨୪ | | | ୨୩।୦୬।୨୦୨୪ (ରବିବାର) | ୧ ଦିନ |
| ୧୪. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୦୬।୦୭।୨୦୨୪ (ଶନିବାର) | ୨ ଦିନ |
| ୧୫. | ସମ୍ମିଳିତ ମେଡିକାଲ୍ ସେବା ପରୀକ୍ଷା, ୨୦୨୪ | ୧୦।୦୪।୨୦୨୪ | ୩୦।୦୪।୨୦୨୪ | ୧୪।୦୭।୨୦୨୪ (ରବିବାର) | ୧ ଦିନ |
| ୧୬. | କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ଏସିଏସ୍) ପରୀକ୍ଷା, ୨୦୨୪ | ୨୪।୦୪।୨୦୨୪ | ୧୪।୦୫।୨୦୨୪ | ୦୪।୦୮।୨୦୨୪ (ରବିବାର) | ୧ ଦିନ |
| ୧୭. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୧୦।୦୮।୨୦୨୪ (ଶନିବାର) | ୨ ଦିନ |
| ୧୮. | ଏନ୍.ଡି.ଏ. ଓ ଏନ୍.ଏ. ପରୀକ୍ଷା (II), ୨୦୨୪ | ୧୫।୦୫।୨୦୨୪ | ୦୪।୦୬।୨୦୨୪ | ୦୧।୦୯।୨୦୨୪ (ରବିବାର) | ୧ ଦିନ |
| ୧୯. | ସି.ଡି.ଏସ୍. ପରୀକ୍ଷା (II), ୨୦୨୪ | | | | |
| ୨୦. | ସିଭିଲ୍ ସର୍ଭିସେସ୍ (ମୁଖ୍ୟ) ପରୀକ୍ଷା, ୨୦୨୪ | | | ୨୦।୦୯।୨୦୨୪ (ଶୁକ୍ରବାର) | ୫ ଦିନ |
| ୨୧. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୧୯।୧୦।୨୦୨୪ (ଶନିବାର) | ୨ ଦିନ |
| ୨୨. | ଭାରତୀୟ ବନ ସେବା (ମୁଖ୍ୟ) ପରୀକ୍ଷା, ୨୦୨୪ | | | ୨୪।୧୧।୨୦୨୪ (ରବିବାର) | ୭ ଦିନ |
| ୨୩. | ଏସ୍.ଓ./ଷ୍ଟେନୋ (ଜିଡି-ବି/ଜିଡି-ଆଇ) ଏଲ୍‌ଡିସିଇ | ୧୧।୦୯।୨୦୨୪ | ୦୧।୧୦।୨୦୨୪ | ୦୭।୧୨।୨୦୨୪ (ଶନିବାର) | ୨ ଦିନ |
| ୨୪. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୨୧।୧୨।୨୦୨୪ (ଶନିବାର) | ୨ ଦିନ |

ଦ୍ରଷ୍ଟବ୍ୟ : ଅଧିସୂଚନା, ପରୀକ୍ଷା/ଆର୍‌ଟିଗୁଡ଼ିକର ଆରମ୍ଭ ଏବଂ ଅବଧିର ତାରିଖଗୁଡ଼ିକ ପରିସ୍ଥିତିର ଆବଶ୍ୟକତା ଅନୁସାରେ ବଦଳିପାରେ ।

CBC 55101/14/0001/2324

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି- ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା

# ଅଜବ ଅର୍ଡର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ସ୍ପେସିଆଲ ପ୍ରୋଟେକଶନ ଗ୍ରୁପ୍ (ଏସ୍‌ପିଜି)ର ମୁଖ୍ୟ ଭାବେ ଅରୁଣ କୁମାର ସିହ୍ନାଙ୍କ ନିଯୁକ୍ତିରେ କରାଯାଇଥିବା ତ୍ରୁଟି ବାବୁ ପରିସରରେ ଚିନ୍ତାର ଉଦ୍ରେକ କରିଛି। କାର୍ମିକ ଓ ପ୍ରଶାସନ ବିଭାଗ ( ଡିଓପିଟି) ଅପ୍‌ଲୋଡ୍ କରିଥିବା ଏକ ଅଜବ ଅର୍ଡର ବା ନିର୍ଦ୍ଦେଶରେ ଦର୍ଶାଇଥିଲା ଯେ, ସିହ୍ନା ଚୁକ୍ତିଭିତ୍ତିରେ ଏକ ବର୍ଷ ପାଇଁ ନିଯୁକ୍ତ ହେବେ। ଏଭଳି ନିର୍ଦ୍ଦେଶ ଜାରି ହେବାର ଏକ ଘଣ୍ଟା ପରେ ତାହାକୁ ପ୍ରତ୍ୟାହାର କରାଗଲା ଓ ଏକ ନୂଆ ନିର୍ଦ୍ଦେଶ ଜାରି କରାଯାଇ ସିହ୍ନାଙ୍କୁ ଏସ୍‌ପିଜି ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଗଲା। ଏବେ କୁହାଯାଉଛି, ସିହ୍ନାକୁ ଚୁକ୍ତିଭିତ୍ତିରେ ଅଣାଯାଇଥିବା ପ୍ରଥମ ନିର୍ଦ୍ଦେଶ ଜାରି କରାଯାଇ ନ ଥିଲା। ଏହା ଏକ ଡ୍ରାଫ୍ଟ ଥିଲା ଯାହା ଭୁଲ୍‌ରେ ଡିଓପିଟି ୱେବ୍‌ସାଇଟରେ ଅପ୍‌ଲୋଡ୍ ହୋଇଥିଲା। ଏପରି କି ଦୁଇଟି ଅର୍ଡରରେ ଜଣେ ଅଧିକାରୀ ସ୍ୱାକ୍ଷର କରିଥିଲେ ଓ ତାହାକୁ ରାଜ୍ୟଗୁଡ଼ିକର ମୁଖ୍ୟ ସଚିବମାନଙ୍କ ସମେତ ଅନେକ ବିଭାଗକୁ ପଠାଯାଇଥିବା ଚିହ୍ନିତ ହୋଇଥିଲେ ମଧ୍ୟ ଏଭଳି କୁହାଯାଇଛି। ବୋକାଙ୍କ ଭଳି କରାଯାଇଥିବା ଏଭଳି ଏକ ତ୍ରୁଟି ପଛରେ ଏସ୍‌ପିଜି ମୁଖ୍ୟଙ୍କ ନିଯୁକ୍ତିକୁ ନେଇ କରାଯାଇଥିବା ଏସ୍‌ପିଜି ଆକ୍ଟ ଓ ନିୟମର ଏବେକାର ଗେଜେଟ ନୋଟିଫିକେଶନ ରହିଥିବା ମନେହେଉଛି। ଏହି ନିୟମଗୁଡ଼ିକ ସ୍ପଷ୍ଟ ଦର୍ଶାଏ ଯେ, ଏସ୍‌ପିଜି ମୁଖ୍ୟ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ର୍‍ୟାଙ୍କର ହେବା ଉଚିତ ଏବଂ ସର୍ବ ଭାରତୀୟ ସେବାଗୁଡ଼ିକର ଅଧିକାରୀମାନେ ଏସ୍‌ପିଜିରେ ସମାନ ସର୍ତ୍ତ ଓ ନିୟମ ଅନୁଯାୟୀ ନିଯୁକ୍ତ ହେବା ଆବଶ୍ୟକ। କେନ୍ଦ୍ର ସରକାରରେ ଥିବା ଏହିସବୁ ର୍‍ୟାଙ୍କର ଅଧିକାରୀମାନଙ୍କ ପାଇଁ ମଧ୍ୟ ଏହି ସର୍ତ୍ତ ଓ ନିୟମ ଲାଗୁ ହେବ। ଜଣେ ଅଧିକାରୀଙ୍କୁ ଚୁକ୍ତିଭିତ୍ତିରେ ଆଣିବାରେ ଏହି ସର୍ତ୍ତ ଓ ନିୟମ ଲାଗୁ ହୋଇ ନ ପାରିବାରୁ ଅର୍ଡରର ସଂଶୋଧନ ଆବଶ୍ୟକ ହୋଇଛି। କେତେଜଣ ପର୍ଯ୍ୟବେକ୍ଷକ କହନ୍ତି ଯେ,ଏହି ନିୟମଗୁଡ଼ିକ ବିଷୟରେ ଡିଓପିଟି ବାବୁମାନେ ଜାଣିନାହାନ୍ତି।

### ଅବାଞ୍ଛିତ ବିଭେଦ

ପୂର୍ବତନ ଦିଲ୍ଲୀ ଜଳ ବୋର୍ଡ(ଡିଜେବି) ସିଇଓ ଉଦିତ୍ ପ୍ରକାଶ ରାୟଙ୍କ ସରକାରୀ ବାସଭବନର ନିର୍ମାଣ ପାଇଁ ଏକ ଐତିହ୍ୟସ୍ମାରକ ବହନ କରୁଥିବା ବିଲ୍ଡିଂକୁ ଭାଙ୍ଗିଦିଆଯାଇଛି। ଏହାକୁ ନେଇ ବିବାଦ ଦେଖାଦେବା ସହ ରାଜଧାନୀର ବାବୁମାନଙ୍କ ମଧ୍ୟରେ ବିଭେଦ ସାମ୍ନାକୁ ଆସିଛି। ତଦନ୍ତର ତଦାରଖ କରୁଥିବା ୨୦୧୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସ୍ୱତନ୍ତ୍ର ସଚିବ (ଭିଜିଲାନ୍ସ) ୱାଇଭିଭିଜେ ରାଜଶେଖରଙ୍କ ବିରୋଧରେ ରାୟ ନିର୍ଯାତନା ଅଭିଯୋଗ ଆଣିଛନ୍ତି । ତାଙ୍କ ବିରୋଧରେ ଏହା ରାଜନୈତିକ ପ୍ରରୋଚିତ ବୋଲି ରାୟ ଦାବି କରିଛନ୍ତି। ଅନ୍ୟପକ୍ଷରେ ରାଜଶେଖର କହିଛନ୍ତି , ତଥ୍ୟ ପ୍ରମାଣ ଆଧାରରେ ତଦନ୍ତ କରାଯାଇଛି ଓ ସବୁ ବିଷୟ ଠିକ୍ ଭାବେ ରେକର୍ଡ ହୋଇଛି। ଦିଲ୍ଲୀ ମଦ ଦୁର୍ନୀତି ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବାସଭବନ ନବୀକରଣ ହେରଫେରର ତଦନ୍ତ କରୁଛନ୍ତି। ରାୟ ଏବେ ତାଙ୍କ ଅଭିଯୋଗର ନକଲ ଲ୍ୟୁଟ୍‌ନାଣ୍ଟ ଗଭର୍ନର ବିନୟ କୁମାର ସକ୍‌ସେନା, ମୁଖ୍ୟମନ୍ତ୍ରୀ କେଜରିୱାଲ ଓ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଏ.କେ. ଭାଲାଙ୍କ ନିକଟକୁ ପଠାଇଛନ୍ତି। ସୂତ୍ରରୁ ଜଣାପଡ଼ିଛି , ପ୍ରତ୍ନତତ୍ତ୍ୱ ବିଭାଗ ଏବଂ ଏସ୍‌ଜେବି ଦ୍ୱାରା କରାଯାଇଥିବା ମିଳିତ ତଦନ୍ତ ରିପୋର୍ଟ ମଧ୍ୟଯୁଗୀୟ ଐତିହାସିକ ବିଲ୍ଡିଂକୁ ଭାଙ୍ଗିବାକୁ ନିଶ୍ଚିତ କରିଥିବାରୁ ଏହି ରିପୋର୍ଟ ତାଙ୍କ ବିରୋଧରେ ଥିବା ଅଭିଯୋଗଗୁଡ଼ିର ଗୁରୁତ୍ୱ ବଢ଼ାଇଦେଇଛି। ଏହି ଦୃଷ୍ଟିକୋଣରୁ ନିର୍ଯାତନା ଅଭିଯୋଗକୁ ଦେଖିବା ଦରକାର। ଏଭଳି ଦାବି ଓ ପ୍ରତିଦାବିର ଲଢେଇ ଦିଲ୍ଲୀ ବାବୁ ପରିସରରେ ଅବାଞ୍ଛିତ ଫାଟ ବା ବିଭେଦ ସୃଷ୍ଟି କରିଛି ।

### ଦୁର୍ଘଟଣାର କାରଣ

ବାଲେଶ୍ୱର ରେଳ ଦୁର୍ଘଟଣାରେ ଅନେକଙ୍କ ମୃତ୍ୟୁ ଘଟିଛି ଓ ଏହା ମନେପକାଇ ଦେଇଛି ଯେ, ସୁରକ୍ଷା ସର୍ବାଧିକ ପ୍ରାଥମିକତା ହେବା ଉଚିତ। ଏକ ବିଦ୍ୟୁତ ଚାଳିତ ଟ୍ରାକ୍ ପରିଚାଳନା ବ୍ୟବସ୍ଥା ଉପରେ ଅଧିକାରୀମାନେ ନିରୀକ୍ଷଣ କରୁଛନ୍ତି ଏବଂ ଏହାର ବିଫଳତା ଏହି ଭୟଙ୍କର ଦୁର୍ଘଟଣାର କାରଣ ବୋଲି ଅନୁମାନ କରାଯାଉଛି। ଏହା ପଛର ଆପରାଧିକ ସନ୍ଦେହ ଉପରେ ତଦନ୍ତ କରିବାକୁ ସିବିଆଇକୁ ଦାୟିତ୍ୱ ଦିଆଯାଇଛି। କେତେଜଣ ପର୍ଯ୍ୟବେକ୍ଷକ ବିଶ୍ୱାସ କରନ୍ତି ଯେ, ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡୁଛି ଦୁର୍ଘଟଣା ରେଲୱେର ବ୍ୟବସ୍ଥାଗତ ସମସ୍ୟା ଯୋଗୁ ନୁହେଁ, ବରଂ ତାହା ମନୁଷ୍ୟକୃତ ଭୁଲ୍ ପାଇଁ ଘଟିଛି। କେଉଁ କାରଣଗୁଡ଼ିକ ଯୋଗୁ ଦୁର୍ଘଟଣା ଘଟୁଛି ତାହା ଭଲ ଭାବେ ଜଣା। ପୁରୁଣା ସିଗ୍‌ନାଲ ସିଷ୍ଟମ, ଅପର୍ଯ୍ୟାପ୍ତ ପରିଚାଳନା ପଦ୍ଧତି ଏବଂ ହାଇ ସ୍ପିଡ୍ ଟ୍ରେନ ଚଳାଚଳ ଆରମ୍ଭ କରିବାରେ ସରକାରଙ୍କ ଗୁରୁତ୍ୱ। କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି)ଦ୍ୱାରା ପ୍ରକାଶ କରାଯାଇଥିବା ରିପୋର୍ଟ ପ୍ରାଥମିକତା ନ ଥିବା କାର୍ଯ୍ୟ ଉପରେ ଅଧିମ ବ୍ୟୟ କରାଯିବା ଧାରାକୁ ପାଦକୁ ଆଣିଛି। ଏପରି କି ଟ୍ରାକ୍ ନବୀକରଣ ଓ ତାହାର ପରିଚାଳନା ପାଇଁ ଆବଣ୍ଟିତ ପାଣ୍ଠି ବି ଦ୍ରୁତ ଗତିରେ ହ୍ରାସ ପାଇଥିବା ଦର୍ଶାଇଛି। ଏହି ସମୟରେ ରେଳ ମନ୍ତ୍ରଣାଳୟର ବାବୁମାନେ କିଛି କହିବାର ସମ୍ଭାବନା ନ ଥିଲେ ବି ସିଗ୍‌ନାଲ ସୁରକ୍ଷା ଏବଂ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନିବେଶ ବଢାଇବା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରଣାଳୟ ପକ୍ଷରୁ ବି ଅନେକ ଥର ଲିଖିତ ଭାବେ ଦର୍ଶାଯାଇଛି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | 3 | 4 | |
| | | | | | | 5 | | 9 |
| | | | 2 | | 9 | | | 8 |
| | | 1 | 7 | | 3 | | 2 | |
| | 4 | | | | | | | |
| | 3 | | | | 5 | | | |
| | 2 | | | 3 | 4 | | 9 | |
| | 9 | | | | 1 | | | |
| 5 | | | 6 | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 2 | 1 | 8 | 4 | 6 | 5 | 3 |
| 6 | 3 | 4 | 2 | 7 | 5 | 1 | 9 | 8 |
| 5 | 8 | 1 | 9 | 6 | 3 | 4 | 2 | 7 |
| 4 | 6 | 9 | 7 | 3 | 1 | 2 | 8 | 5 |
| 2 | 5 | 3 | 8 | 4 | 9 | 7 | 1 | 6 |
| 1 | 7 | 8 | 5 | 2 | 6 | 3 | 4 | 9 |
| 8 | 1 | 7 | 6 | 9 | 2 | 5 | 3 | 4 |
| 9 | 4 | 5 | 3 | 1 | 7 | 8 | 6 | 2 |
| 3 | 2 | 6 | 4 | 5 | 8 | 9 | 7 | 1 |

ଗତକାଲିର ଉତ୍ତର

# ଆଦିବାସୀ ପିଲାଙ୍କ ଶିକ୍ଷା ସମସ୍ୟା



ଡ. ଅନ୍ତର୍ଜିତା ନାୟକ

ଶିକ୍ଷା ହିଁ କେବଳ ଏକମାତ୍ର ସାଧନ, ଯାହା ମାନବସମ୍ବଳର ସୁବିନିଯୋଗ କରି ଦେଶର ବିକାଶ ଓ ଅଭିବୃଦ୍ଧିରେ ସହାୟକ ହୋଇପାରିବ। ଯେହେତୁ ଭାରତର ମୋଟ ଜନସଂଖ୍ୟାର ଶତକଡା ୮.୬ ଭାଗ ହେଲେ ଆଦିବାସୀ, ସେମାନଙ୍କର ବିକାଶର ସାମଗ୍ରିକ ପ୍ରକ୍ରିୟାରେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସେମାନଙ୍କର ବ୍ୟକ୍ତିଗତ ଅବଦାନକୁ ନବୀକରଣ କରି ଓ ବିଭିନ୍ନ ପ୍ରତିବନ୍ଧକକୁ ଦୂରକରି ସେମାନଙ୍କର କଲ୍ୟାଣ ତଥା ଉନ୍ନତି ପାଇଁ ଗୁଣାତ୍ମକ ଶିକ୍ଷା ନିରନ୍ତର ସୁଯୋଗ ସୃଷ୍ଟି କରିପାରିବ। କିନ୍ତୁ ସାତ ଦଶନ୍ଧିରୁ ଅଧିକ ବର୍ଷର ସ୍ୱାଧୀନତା ପରେ ମଧ୍ୟ ଆଦିବାସୀମାନଙ୍କର ଶିକ୍ଷା ଓ ସେମାନଙ୍କର ଅଭିବୃଦ୍ଧି ଦିଗରେ ବର୍ତ୍ତମାନ ସୁଦ୍ଧା ଭାରତ ସଂଘର୍ଷ କରୁଛି। ସର୍ବଶିକ୍ଷା ଅଭିଯାନ, ମଧ୍ୟାହ୍ନଭୋଜନ ଯୋଜନା ଏବଂ ଶିକ୍ଷା ଅଧିକାର ଆଇନ ଭଳି କାର୍ଯ୍ୟକ୍ରମ ସତ୍ତ୍ୱେ ଆଦିବାସୀଙ୍କ ଶିକ୍ଷା ଓ ଶିକ୍ଷାଦାନ ସ୍ଥିତିରେ ସନ୍ତୋଷଜନକ ବିକାଶ ପରିଲକ୍ଷିତ ହୋଇନାହିଁ। ଅନୁସୂଚିତ ଜାତି ଏବଂ ଜନଜାତି ପିଲାମାନଙ୍କର ସ୍କୁଲ ଡ୍ରପଆଉଟ ହାର ଯଥାକ୍ରମେ ୫୧.୨୫%ଏବଂ ୫୭.୫୮%, ଯାହା ଅଣ-ଅନୁସୂଚିତ ଜାତି ଓ ଜନଜାତି ପିଲାମାନଙ୍କ ତୁଳନାରେ ୩୭.୨୨%ଅଧିକ। ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବା ପ୍ରତ୍ୟେକ ଦଶଟି ପିଲାଙ୍କ ମଧ୍ୟରୁ ପ୍ରାୟ ଚାରିଜଣ ସେମାନଙ୍କ ଅଷ୍ଟମ ଶ୍ରେଣୀ ଶେଷ କରିବା ପୂର୍ବରୁ ବିଦ୍ୟାଳୟ ଓ ପାଠପଢ଼ା ଛାଡ଼ି ଦେଉଛନ୍ତି। ହେଲେ କାହିଁକି ? ଅଧାରୁ ପାଠପଢ଼ା ଛାଡ଼ିବାର କାରଣ ତ ଅନେକ ଅଛି ; କିଛିଟା ଜଣା, କିଛିଟା ଅଜଣା, କିଛିଟା ଅବହେଳିତ ତ କିଛିଟା ଅଣଦେଖା। ସରକାରୀ ତଥ୍ୟରେ ଦର୍ଶାଯାଉଥିବା ଆଦିବାସୀ ପିଲାଙ୍କର ଡ୍ରପଆଉଟ ଜନିତ ସଂଖ୍ୟା ଏବଂ ପରିସଂଖ୍ୟାନ ଓ ବାସ୍ତବ ଛବି ଭିତରେ ପାର୍ଥକ୍ୟ ଦେଖିବାକୁ ମିଳିବ। ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳରେ ପିଲାମାନେ ସ୍କୁଲ ଯାଉନାହାନ୍ତି ବା ଅଧାରୁ ପାଠ ଛାଡ଼ିଦିଅନ୍ତି। ଦିନେ ଆସିଲେ ପିଲାମାନେ ଦଶ ଦିନ ସ୍କୁଲ ବନ୍ଦ କରନ୍ତି। ପୁଅଙ୍କ ତୁଳନାରେ ଝିଅମାନେ ଭଲ ପାଠପଢୁଥିଲେ ମଧ୍ୟ ସେମାନେ ବି ରୀତିମତ ସ୍କୁଲ ଆସନ୍ତି ନାହିଁ। ଏହା ପଛରେ ଥିବା ବାସ୍ତବ କାରଣଗୁଡ଼ିକୁ ଖେଳାଇବାକୁ ପଡ଼ିବ, ଯାହାଫଳରେ ସମାଧାନର ବାଟ ଦିଶିବ। ଆଦିବାସୀ ଗ୍ରାମାଞ୍ଚଳରେ ପିଲାମାନଙ୍କ ଘରଠାରୁ ସ୍କୁଲ ପ୍ରାୟତଃ ବହୁତ ବାଟ। କାନ୍ଧରେ ବହିବସ୍ତାନି ବୋଝେଇ, କେବେ କେବେ ନଈ-ନାଳ ମଧ୍ୟ ପାରିକରି ସ୍କୁଲ ଯିବାକୁ ପଡିଥାଏ। ଅଧିକାଂଶ ସମୟରେ ଏହିସବୁ କାରଣବଶତଃ ଶିକ୍ଷକମାନେ ମଧ୍ୟ ନିୟମିତ ସ୍କୁଲକୁ ଆସନ୍ତି ନାହିଁ। ପାଠପଢ଼ାର ମୂଲ୍ୟ କ'ଣ, ନା ତ ଏଇ ଆଦିବାସୀ ପିଲା ବୁଝନ୍ତି ନା ତାଙ୍କ ମା'ବାପାମାନେ ତାଙ୍କୁ ବୁଝାନ୍ତି। ମା'ବାପା ନିଜେ ବି ବୁଝି ନ ଥିବେ ଶିକ୍ଷାର ମୂଲ୍ୟ କ'ଣ! ତାହାଛଡ଼ା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ମଧ୍ୟ ଏହା ଧାରଣା ଥାଏ ଯେ 'ଆଦିବାସୀ ପିଲା ପାଠପଢ଼ି କ'ଣ କରିବେ ବା କେତେ ବାଟ ଯାଏ ପାଠ ପଢ଼ିପାରିବେ! ଏମାନଙ୍କ ପିଛା ଏତେ ପରିଶ୍ରମ କରି କିଛି ଲାଭ ନାହିଁ।' ଖାଲି ସରକାରୀ ଖାତାରେ ପିଲା ଆସୁଛନ୍ତି ଓ ଶିକ୍ଷକ ମଧ୍ୟ ଆସି ତାଙ୍କୁ ପଢ଼ାଉଛନ୍ତି ବୋଲି ରେକର୍ଡ ରହିବା ଦରକାର। କାରଣ ରେକର୍ଡରେ ଯଦି ପିଲା ସ୍କୁଲ ଆସିବେନି ବା ଛାଡ଼ିଦେବେ ତେବେ ଶିକ୍ଷକମାନଙ୍କୁ ତା' ବାବଦରେ ସ୍ପଷ୍ଟୀକରଣ ଦେବାକୁ ପଡ଼ିବ।



ଆଦିବାସୀ ଝିଅଙ୍କର ସ୍କୁଲ ଯିବା ଓ ପାଠପଢ଼ା ଅତ୍ୟନ୍ତ ସମ୍ବେଦନଶୀଳ। ଅଧେ ସମୟ ଗାଈ-ଗୁହାଳ, ସାନ ଭାଇ-ଭଉଣୀ ଓ ଘର କଥା ବୁଝିଲେ। ଆଉ ଇଚ୍ଛା ଥିଲେ ବା ଶରୀରରେ ବଳ କି ହାତରେ ସମୟ ରହିଲେ ତ ସ୍କୁଲ ଯିବେ! ତାହାଛଡ଼ା ପ୍ରତି ମାସ ଋତୁସ୍ରାବ ବେଳେ ଝିଅମାନଙ୍କର ସ୍କୁଲ ଛୁଟି। ସ୍କୁଲରେ କିଛି ଅସୁବିଧା ହେଲେ ତା'ର ସୁବିଧା କି ବ୍ୟବସ୍ଥା ମଧ୍ୟ ନାହିଁ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସ୍କୁଲଗୁଡ଼ିକରେ ଶିକ୍ଷୟିତ୍ରୀଙ୍କ ସଂଖ୍ୟା ନାହିଁ କହିଲେ ଚଳେ। ଋତୁସ୍ରାବଜନିତ କିଛି ଅସୁବିଧା ସ୍କୁଲରେ ହେଲେ, ମାଷ୍ଟରମାନଙ୍କୁ କହିବାକୁ ଝିଅମାନଙ୍କୁ ଲାଜ ଲାଗେ। ତାହାଛଡ଼ା ଆଦିବାସୀମାନଙ୍କ ମଧ୍ୟରେ ଏହା ଗୋଟେ କୁପ୍ରଥା ଯେ, ଝିଅର ଋତୁସ୍ରାବ ଥରେ ଆରମ୍ଭ ହୋଇଗଲେ ସେମାନେ ତାକୁ ଆଉ ସ୍କୁଲ ଛାଡ଼ିବାକୁ ପସନ୍ଦ କରନ୍ତି ନାହିଁ। ଏହିସବୁ କାରଣ ମିଶିଗଲେ, ଝିଅମାନଙ୍କର ପାଠପଢ଼ା ଓ ସ୍କୁଲ ଯିବାରେ ଡୋରି ବନ୍ଧା ହୋଇଯାଏ। କୁପୋଷଣ ଓ ସ୍କୁଲ ଡ୍ରପଆଉଟ ହାରକୁ କମାଇବା ପାଇଁ ସରକାର ଯେଉଁ 'ମଧ୍ୟାହ୍ନଭୋଜନ ଅଭିଯାନ' ଆରମ୍ଭ କରିଛନ୍ତି,ତାହା ମଧ୍ୟ କେତେକ ଜାଗାରେ କାମ ଦେଉନାହିଁ। ଅନେକ ପିଲା ଅଛନ୍ତି ଯେଉଁମାନେ ସ୍କୁଲ ବନ୍ଦ କରି ପାଠପଢା ଛାଡ଼ି ରୋଜଗାର କରିଲେ ତାଙ୍କ ପରିବାରକୁ ଗଣ୍ଡେ ଖାଇବାକୁ ମିଳେ। ବଢୁଥିବା ଦରଦାମ ସହିତ ନିଜକୁ ଜୀବିତ ରଖିବା ଚେଷ୍ଟାରେ, ସ୍କୁଲ ଆସି ମସ୍ତିଷ୍କ ଲାଗି ଖାଦ୍ୟ ଯୋଗାଇବାଠାରୁ ପେଟକୁ ଦୁଇ ମୁଠା ଖାଇବା ଯୋଗାଇବା ତାଙ୍କ ଲାଗି ଅତ୍ୟନ୍ତ ଜରୁରୀ ହୋଇପଡ଼େ। ଏହି ପରିପ୍ରେକ୍ଷୀରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ସରକାରୀ ବିଦ୍ୟାଳୟଗୁଡ଼ିକରେ ଦିଆଯାଉଥିବା ଶିକ୍ଷାର ମାନ ବଢ଼ାଇବା ଅତ୍ୟନ୍ତ ଜରୁରୀ। ଖାଲି ଶିକ୍ଷା ବା ସ୍କୁଲ ଜରୁରୀ ନୁହେଁ, ବରଂ ଗୁଣାତ୍ମକ ଶିକ୍ଷା ଓ ଶିକ୍ଷା ଲାଗି ସମର୍ପିତ ଶିକ୍ଷକ ମଧ୍ୟ ଲୋଡ଼ା। ଆଜିକାଲିକାର ଇଣ୍ଟରନେଟ ଯୁଗରେ ଜଣେ ଘରେ ବସି ସର୍ବନିମ୍ନ ଶିକ୍ଷା ଆହରଣ କରିପାରିବ,କିନ୍ତୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଓ ସେଇ ଶିକ୍ଷାକୁ କିପରି ଜୀବନରେ ବ୍ୟବହାର କରାଯାଇପାରିବ, ତାହାର ଗୁରୁଦାୟିତ୍ୱ ଶିକ୍ଷକଙ୍କ ଉପରେ। ପାଠ ପଢିଲେ କ'ଣ ଲାଭ,ପିଲାମାନଙ୍କ ପୂର୍ବରୁ ତାଙ୍କ ମା'ବାପାଙ୍କୁ ଜଣାଇବା ଓ ବୁଝାଇବା ଜରୁରୀ। ପାଠପଢ଼ା ଯେ କେବଳ ଅଣ୍ଡା-ଛତୁଆ ଖାଇବା ନୁହଁ, ବରଂ ଏକ ଗଛ ଲଗାଇଲା ଭଳି। ଗଛ ଲଗାଉ ଲଗାଉ ଯେମିତି ଫଳ ଦିଏ ନାହିଁ,ସେମିତି ପାଠ ପଢୁ ପଢୁ ତୁରନ୍ତ ଫଳ ମିଳେ ନାହିଁ। କିନ୍ତୁ ପାଠ ପଢ଼ିଥିଲେ,ସେ ଭବିଷ୍ୟତରେ ଗଛ ଭଳି ଛାଇ, ପତ୍ର, ଫୁଲ, ଫଳ, କାଠ ସ୍ୱରୂପ ଏକ ସୁନ୍ଦର ଜୀବନ ଓ ଉତ୍ତମ ଜୀବନଶୈଳୀ ପ୍ରଦାନ କରିପାରିବ,ତାହା ଆଦିବାସୀ ମା'ବାପାଙ୍କୁ ବୁଝାଇବା ଅନିବାର୍ଯ୍ୟ। ଯଦି କେଉଁଠି ସ୍କୁଲ ଯିବାର ପଥ ନିରାପଦ ନାହିଁ ବା ସ୍କୁଲ ଆଦିବାସୀ ଗାଁଠାରୁ ଦୂରରେ ଅଛି,ତାହାହେଲେ ସେଇଠି ସରକାରୀ ବସ୍ ବା କୌଣସି ବାହନର ସୁବିଧା ଯୋଗାଇଦେଲେ ଭଲ ହୁଅନ୍ତା। ହୁଏତ ଏଇ ପ୍ରସ୍ତାବଟି ଟିକିଏ ମହଙ୍ଗା ଲାଗିପାରେ,ହେଲେ ଅସମ୍ଭବ ନୁହେଁ। ରାଜ୍ୟରେ ଯେତେବେଳେ କୋଟି କୋଟି ସମ୍ପତ୍ତି ରକ୍ଷଣାବେକ୍ଷଣ ଅଭାବରୁ ଉଇର ଶିକାର ହେଉଛି ବା ମାଟିରେ ମିଶି ଯାଉଛି,ସେତେବେଳେ ଏଇ ଗରିବ ଆଦିବାସୀ ପିଲାଙ୍କ ପାଠପଢ଼ା ନିମନ୍ତେ ଦାୟିତ୍ୱବାନ ନିବେଶ କରିବାରେ ବୋଧହୁଏ କିଛି ଅସୁବିଧା ନ ହୋଇପାରେ। ତାହାଛଡ଼ା ଯେତେ ବିକାଶମୂଳକ ପ୍ରକଳ୍ପ ଜାରି କରାହେଉଛି ତାହା ସ୍ଥାୟୀ ହେବା ଦରକାର ଓ ଯାହା ଲାଗି ହେଉଛି ସେମାନଙ୍କୁ ଏହା ବିଷୟରେ ଅବଗତ କରାଇବା ଅତ୍ୟନ୍ତ ଜରୁରୀ। କାରଣ ଅଧିକାଂଶ ସମୟରେ ଠିକ ହିତାଧିକାରୀଙ୍କ ନିକଟରେ ସୁବିଧା ପହଞ୍ଚି ପାରୁନାହିଁ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମହିଳା ଶିକ୍ଷକଙ୍କର ଅଧିକ ନିଯୁକ୍ତି ହେବା ଆବଶ୍ୟକ, ଯାହାଫଳରେ ଝିଅମାନେ ସ୍କୁଲରେ ସମ୍ମୁଖୀନ କରୁଥିବା ଅସୁବିଧା ନିଃସଂକୋଚରେ କହିପାରିବେ। ଏହା ବ୍ୟତୀତ ଋତୁସ୍ରାବ ଜନିତ ସାମାଜିକ ପ୍ରତିବନ୍ଧତା,ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ପ୍ରତି ସଚେତନତା ଆଣିବା ମଧ୍ୟ ଅତ୍ୟନ୍ତ ଜରୁରୀ। ଉତ୍ତମ ସ୍ୱାସ୍ଥ୍ୟ ଓ ଗୁଣାତ୍ମକ ଶିକ୍ଷାର ବ୍ୟବସ୍ଥା ହେଲେ,ବିକାଶ ଆପେ ଆପେ ହେବ। ଶିକ୍ଷାର ମୂଳ ଉଦ୍ଦେଶ୍ୟକୁ ପଛରେ ପକାଇ,ଆଦିବାସୀ ପିଲାଙ୍କ ବିକାଶର ଲକ୍ଷ୍ୟ ହାସଲ କରିବା କଷ୍ଟ।

ମୋ:୬୩୭୦୯୦୫୯୪୭

# ଜଳବାୟୁ ବିପଦର ସତର୍କବାଣୀ



ବିପିନ ବିହାରୀ ରାଉତ

ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆନ୍ତଃ ସରକାରୀ ପ୍ୟାନେଲ (ଆଇପିସିସି) ର ସଦ୍ୟ ରିପୋର୍ଟରେ ଏକ ସତର୍କ ବାଣୀ ଦିଆଯାଇଛି। ଯାହା ଏ ପର୍ଯ୍ୟନ୍ତ ଆସିଥିବା ବିପଦ ସଙ୍କେତଠାରୁ ଅତି ଅଧିକ ଗୁରୁତର। ସମଗ୍ର ମାନବ ସମାଜ ପ୍ରତି ବାୟୁମଣ୍ଡଳ ସମସ୍ୟାର ସମୂହ ବିପଦକୁ ଅନ୍ତର୍ଜାତୀୟ ସମ୍ପ୍ରଦାୟ ଏ ପର୍ଯ୍ୟନ୍ତ ପ୍ରାୟତଃ ଏଡ଼ାଇ ଆସିଛି। ଆଇପିସିସି ଓ ଅନ୍ୟାନ୍ୟ ଅନେକ ସଂସ୍ଥା ତଥା ବିଶେଷଜ୍ଞମାନେ ଦିନକୁ ଦିନ ବାୟୁମଣ୍ଡଳ ଉତ୍ତପ୍ତ ହୋଇ ପୃଥିବୀରେ ଜଳବାୟୁରେ ଯେଉଁସବୁ ପରିବର୍ତ୍ତନ ଘଟୁଛି ଅଥବା ଘଟିବାର ଆଶଙ୍କା ରହିଛି ସେ ବିଷୟରେ କ୍ରମାଗତ ଭାବେ ସମସ୍ତ ଦିଗ ଉପସ୍ଥାପନ କରିଆସିଛନ୍ତି। କିନ୍ତୁ ଏହି ସମସ୍ୟାର ସମାଧାନ ଲାଗି ଏ ପର୍ଯ୍ୟନ୍ତ ସବୁ ଦେଶ କୌଣସି ଦୃଢ଼ ପଦକ୍ଷେପ ନେଇନାହାନ୍ତି। ଗତ କିଛିବର୍ଷରେ ଜଳବାୟୁ ପରିବର୍ତ୍ତନ ଏକ କ୍ରମାଗତ ବିତର୍କର ବଷୟ ହୋଇଛି। ଦିନକୁ ଦିନ ପରିଲକ୍ଷିତ ହେଉଥିବା ଏଥିଜନିତ ସମସ୍ୟାଗୁଡ଼ିକ ଚର୍ଚ୍ଚାକୁ ଆସୁଛି। ବିଭିନ୍ନ ସମୟରେ ପରିବେଶ ସମ୍ପର୍କିତ ରିପୋର୍ଟଗୁଡ଼ିକ ଭବିଷ୍ୟତ କୁପ୍ରଭାବ ସୂଚାଉଛି। ଏବେକାର ଆଇପିସିସି ରିପୋର୍ଟ ୬୭ଟି ଦେଶରେ ବୈଜ୍ଞାନିକମାନଙ୍କଠାରୁ ମିଳିଥିବା ମତାମତ ଉପରେ ପର୍ଯ୍ୟବସିତ। ସେ ସବୁକୁ ଆଧାର କରାଯାଇ ଏହି ମୂଲ୍ୟାୟନ କରାଯାଇଛି। ଏଥିରେ କୁହାଯାଇଛି ଯେ ଆଗାମୀ, ଦୁଇଦଶନ୍ଧି ମଧ୍ୟରେ ବିଶ୍ୱ ଉତ୍ତପ୍ତୀକରଣ ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରହିଲେ ବି ପୃଥିବୀରେ ଅନେକ ଜଳବାୟୁ ବିପର୍ଯ୍ୟୟ ଅନୁଭୂତ ହେବ। ତାପମାତ୍ରା ତା'ଠାରୁ ବଢ଼ିଲେ ଏପରି କି ସେହି ବୃଦ୍ଧି ସାମୟିକ ହେଲେ ବି ପରିଣାମ ଅତ୍ୟନ୍ତ ଗୁରୁତର ହେବ ଏବଂ ସେ ସବୁରୁ ଅନେକଙ୍କୁ ବଦଳାଯାଇପାରିବ ନାହିଁ। ବିଶ୍ୱ ତାପମାତ୍ରା ବୃଦ୍ଧି ପ୍ରାକୃତିକ ପରିବେଶରେ ଏପରି କେତେ ପରିବର୍ତ୍ତନ ଆଣିସାରିଛି ଯାହାକୁ ବଦଳାଇ ହେବନାହିଁ। ପୃଥିବୀରେ ଅନେକ କ୍ଷେତ୍ରରେ ଏହାର ପ୍ରଭାବ ପଡ଼ିସାରିଛି।

ଜଳବାୟୁର ସମସ୍ତ ପ୍ରାକୃତିକ ବ୍ୟବସ୍ଥା, ଦୈନନ୍ଦିନ ପାଣିପାଗ ଓ ଅନ୍ୟାନ୍ୟ ଦିଗ କ୍ଷତିକାରକ ଢଙ୍ଗରେ ଏପଟ ସେପଟ ହେବାକୁ ଯାଉଛି ବୋଲି ପାଣିପାଗ ବିଶେଷଜ୍ଞମାନଙ୍କର ମତ। ତଦ୍ୱାରା ପୃଥିବୀରେ ବହୁ ସଂଖ୍ୟକ ଲୋକ ବଞ୍ଚିବା ଭଳି ପରିସ୍ଥିତିରେ ରହିବେ ନାହିଁ। ଗତ କେଇ ଶତାବ୍ଦୀ ମଧ୍ୟରେ ସମୁଦ୍ର ଜଳସ୍ତର ଯେତିକି ବଢ଼ିଥିଲା ଆଗାମୀ କେତେକ ଦଶନ୍ଧିରେ ତାହା ବେଶି ବୃଦ୍ଧି ପାଇବ। ବନ୍ୟା ଓ ତାପ ପ୍ରଭାବ ପରି ପାଣିପାଗର ମାତ୍ରାଧିକ କୁପ୍ରଭାବ ସମଗ୍ର ପୃଥିବୀ ଉପରେ ପଡ଼ିବ। ଅନେକ ଅଞ୍ଚଳରେ ମରୁଡ଼ି ଦେଖାଦେବ। ସମସ୍ତ ପ୍ରତିକ୍ରିୟା ଜୀବନ ଚକ୍ରକୁ ଏପଟସେପଟ କରିଦେବ। ଗରିବ ରାଷ୍ଟ୍ରଗୁଡ଼ିକ ସହ ସେ ସବୁ ଦେଶର ଦୁର୍ବଳ ଶ୍ରେଣୀ ଏଥିରେ ବେଶି କ୍ଷତିଗ୍ରସ୍ତ ହେବେ। ଦକ୍ଷିଣ ଏସିଆ ଓ ଭାରତ ଉପରେ ପାଣିପାଗ ପରିବର୍ତ୍ତନର ଅଧିକ କୁପ୍ରଭାବ ଦେଖାଦେବ। ଉତ୍ତର ଭାରତର ଅଧିକାଂଶ ଅଞ୍ଚଳରେ ଆର୍ଦ୍ର ଭଲ୍‌ବ ତାପମାତ୍ରା ଦେଖାଦେବ, ଯାହା ତାପ ଓ ଆର୍ଦ୍ରତାର ଏକ ମାପକ। ଏହା ଅସହ୍ୟ ୩୫ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ପହଞ୍ଚିପାରେ। ଆଉ ଏକ ବିପଜ୍ଜନକ ଭବିଷ୍ୟତବାଣୀ ହେଲା ମୁମ୍ବାଇ, କୋଲକାତା ଓ ଚେନ୍ନାଇ ପରି ବୃହତ ସହରଗୁଡ଼ିକ ଲାଗି ସେସବୁ ସମୁଦ୍ର କୂଳ ସହର, ସମୁଦ୍ର ପତ୍ତନ ବୃଦ୍ଧିରେ ସ୍ଥଳଭାଗକୁ ସମୁଦ୍ର ଜଳ ପ୍ରବେଶ କରିବା ଫଳରେ ସେ ସବୁ ସହର, ଅନ୍ୟ ଜନବସତିଗୁଡ଼ିକ କ୍ଷତିଗ୍ରସ୍ତ ହେବ। ଭାରତରେ ଉପକୂଳ ବନ୍ୟା ଯୋଗୁ ଆଗାମୀ ଦୁଇଦଶନ୍ଧିରେ ସାଢ଼େ ୩ କୋଟି ଲୋକ ଓ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ୫ କୋଟି ଲୋକ ବିପଦଗ୍ରସ୍ତ ହେବେ। ପ୍ରକୃତରେ ଜଳବାୟୁ ପରିବର୍ତ୍ତନ ଯୋଗୁ ସମସ୍ତ ଭୌଗୋଳିକ ଚିତ୍ର ଏବଂ ଏଯାଏ ପ୍ରକୃତି ଯାହା ସବୁ ଦେଇଛି ସେ ସବୁ ପ୍ରଭାବିତ ହେବାକୁ ଯାଉଛି। ପାହାଡ଼ ପର୍ବତମାଳା, ନଦୀ ଓ ସମତଳ ଅଞ୍ଚଳ ପରି ପ୍ରାକୃତିକ କ୍ଷେତ୍ର ସବୁଠାରୁ ଆରମ୍ଭ କରି କୃଷି, ମତ୍ସ୍ୟ ଓ ଶିଳ୍ପ ଯାଏ ସବୁ ଉଦ୍ୟୋଗ ଏହି ସମସ୍ୟାର ଶିକାର ହେବେ। ତାହା ଜୀବଜଗତ ପାଇଁ କି ବିପଦ ଆଣିଦେବ ସହଜରେ ଅନୁମେୟ। ମଣିଷର ଚଳଣି ଆଧୁନିକତାର ଅଗ୍ରଗତି ସହ ବଦଳୁଛି। ତାପମାତ୍ରା ବୃଦ୍ଧି ଯୋଗୁ ଓ ଆର୍ଥିକ ପ୍ରଗତି କାରଣରୁ ମଣିଷ ଜଳବାୟୁ ପରିବର୍ତ୍ତନର ସମସ୍ୟାକୁ ବୈଷୟିକ ପଦ୍ଧତିରେ ମୁକାବିଲା କରିବାକୁ ଚେଷ୍ଟା କରୁଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତ ପରି ଦେଶରେ ସହରାଞ୍ଚଳଗୁଡ଼ିକରେ ଏୟାରକଣ୍ଡିଶନର ବ୍ୟବହାର ଏକ ସାଧାରଣ ବିଷୟ ହୋଇଗଲାଣି। ତିନି ଦଶନ୍ଧି ତଳେ ଗଣମାଧ୍ୟମଠାରୁ ଆରମ୍ଭ କରି ସାଧାରଣ ଆଲୋଚନାରେ ବିଳାସର ଅଂଶଭାବେ ଶୀତତାପ ନିୟନ୍ତ୍ରିତ କୋଠରିରେ ରହିବା କୁହାଯାଉଥିଲା। ସେ ସ୍ଥିତି ଆଉନାହିଁ କିନ୍ତୁ ଏୟାରକଣ୍ଡିଶନର ବ୍ୟବହାର ଯୋଗୁ ବାହାରର ତାପମାତ୍ରା ବଢୁଛି। ମଣିଷର ଚଳଣି ଜନିତ ଅନେକ ବିଷୟ ବିଶ୍ୱ ଉତ୍ତପ୍ତୀକରଣକୁ ବଢ଼ାଉଛି। ପେଟ୍ରୋଲ, ଡିଜେଲ ଚାଳିତ ଯାନବାହନ ବ୍ୟବହାରଠାରୁ ଆରମ୍ଭ କରି ବିଦ୍ୟୁତ୍ ଉତ୍ପାଦନ ସକାଶେ କୋଇଲାର ଉପଯୋଗ ଏହି ସମସ୍ୟାକୁ ଅଧିକ ଉତ୍କଟ କରିଛି। ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ଲାଗି ବିଶ୍ୱ ସମ୍ପ୍ରଦାୟ ଅନେକ ମିଳିତ କୌଶଳର ଆଲୋଚନା କରିଛନ୍ତି। ସେ ସମ୍ପର୍କରେ ଅନେକ ରାଜିନାମା ବି ହେଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ସେ ଦିଗରେ ଦୃଢ଼ ପଦକ୍ଷେପ ନିଆଯାଇନାହିଁ। ଆଇପିସିସି ରିପୋର୍ଟରେ କୁହାଯାଇଛି ଯେ, ୨୦୨୧ନଭେମ୍ବରରେ ଗ୍ଲାସ୍‌ଗୋରେ ହୋଇଥିବା ଜଳବାୟୁ ସମ୍ମିଳନୀରେ ଯେଉଁ ସବୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ତା'ର ମିଆଦ ଏତେ ବଢ଼ାଇ ଦିଆଯାଇଛି ଯେ, ସେସବୁରୁ ହଠାତ୍ ଉପକାର ମିଳିବା କଷ୍ଟକର। ଜଳବାୟୁ ପରିବର୍ତ୍ତନ ଏବେକାର ସମସ୍ୟା ଓ ତୁରନ୍ତ ତା'ର ମୁକାବିଲା କରିବାକୁ ହେବ। ଗତ ଦୁଇବର୍ଷ ଧରି କରୋନା ମହାମାରୀ ବିରୋଧରେ ଯେପରି ବିଶ୍ୱକୁ ଲଢ଼ିବାକୁ ପଡ଼ିଲା ସେହିପରି ବାୟୁମଣ୍ଡଳ ଉତ୍ତପ୍ତୀକରଣ ବିପଦକୁ ମିଳିତ ଭାବେ ସମସ୍ତଙ୍କୁ ଅଟକାଇବାକୁ ପଡ଼ିବ। ଧନୀ ଦେଶଗୁଡ଼ିକ ଏ କ୍ଷେତ୍ରରେ ନିଜର ଦାୟିତ୍ୱକୁ ତୁରନ୍ତ ଗ୍ରହଣ କରି ସହାୟକ ପଦକ୍ଷେପ ନେବା ଦରକାର। ଆଇପିସିସିର ସତର୍କବାଣୀକୁ ସେମାନେ ଓ ସମଗ୍ର ବିଶ୍ୱ ତୁରନ୍ତ ଗୁରୁତ୍ୱ ନ ଦେଲେ ସମସ୍ତେ ବିପଦଗ୍ରସ୍ତ ହେବେ।



**ଶ୍ରୀବିହାର କଲୋନୀ, କଟକ**

**ମୋ: ୯୪୩୭୬୬୬୪୫୩**

## ଏଇ ଭାରତରେ

ବୟସ ୧୯, କିନ୍ତୁ ସେ ଆବିଷ୍କାର କରିଯାଇଥିବା ଏକ ପ୍ରାକୃତିକ ଫ୍ରିଜ୍ ତାଙ୍କ ଦକ୍ଷତାକୁ ପ୍ରତିପାଦିତ କରିଛି। ଏହି ଯୁବତୀ ଜଣକ ହେଉଛନ୍ତି ଚେନ୍ନାଇର ମହକ ପରଭେଜ। ସେ ଆବିଷ୍କାର କରିଥିବା ଫ୍ରିଜ୍‌ର ନାମ ରଖିଛନ୍ତି 'ସନ ହାର୍ଭେଷ୍ଟେଡ କୁଲରୁମ'। କାରଣ ଏହା କେବଳ ସୌରଶକ୍ତିରେ ହିଁ ଚାଲୁଛି। ଏଥିରେ କୌଣସି ବିଦ୍ୟୁତ୍ ଲାଗୁ ନ ଥିବାରୁ ଏହା ପୂରା ପରିବେଶ ଉପଯୋଗୀ। ମହକ ତାଙ୍କ ନିଜ କ୍ଷେତରୁ ଉତ୍ପାଦିତ ଫସଲ ନଷ୍ଟକୁ ଦେଖି ଏଭଳି ଏକ ଫ୍ରିଜ୍ ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ। ପାରମ୍ପରିକ ଶୀତଳଭଣ୍ଡାର ତୁଳନାରେ ଏହା ୩ ଗୁଣ ଅଧିକ ସମୟ ପନିପରିବାକୁ ସତେଜ ରଖିପାରୁଛି। ଏହି ଫ୍ରିଜ୍‌ରେ କୃଷକମାନେ ଅଧିକ ସମୟ ସେମାନଙ୍କ ପନପରିବା ସତେଜ ରଖିବାକୁ ସକ୍ଷମ ହେବେ ବୋଲି କହନ୍ତି ମହକ, ଯାହାଫଳରେ କ୍ଷତି କମିବ। ଏହି ଆବିଷ୍କାର ପାଇଁ ତାଙ୍କୁ ୨୦୨୩ ଲିକ୍ସସ ଡିଜାଇନ ଆୱାର୍ଡ ପ୍ରଦାନ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜୁନ୍ ୧୯୯୮

- ସୌରାଷ୍ଟ୍ର ଉପକୂଳରେ ଭୟାନକ ସାମୁଦ୍ରିକ ଝଡ଼ରେ ଶତାଧିକ ଲୋକଙ୍କ ପ୍ରାଣହାନି।
- ବିହାର ଅନ୍ତର୍ଗତ ବରିହ୍ୟାଗତ ଡୋଲାଠାରେ ମର୍ମନ୍ତୁଦ ଅଗ୍ନିକାଣ୍ଡ ଘଟି ୬ ମହିଳାଙ୍କ ସମେତ ୧୦ ଜୀବନ୍ତ ଦଗ୍ଧ।
- ଆସାମରେ ପ୍ରବଳ ବର୍ଷା, ଆକସ୍ମିକ ବନ୍ୟା ଓ ମାଟି ଅତଡ଼ା ଖସିବା ଘଟଣାରେ ୪୬ ଜଣ ଲୋକଙ୍କ ମୃତ୍ୟୁ।

## ଚିରନ୍ତନୀ

ବିଦାୟ ଘେନଇ ଶିଶୁ
ଜନନୀର କ୍ରୋଡ଼ୁଁ ହୋଇ ଛନ୍ନ
ଯାଏ ରଖି ଧରାପରେ
ସୁକୋମଳ ତା'ର ପଦଚିହ୍ନ।
(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ପାଇଁ ଜନ ହନ୍ତସନ୍ତ

ମହାଶୟ,

ମହାନଦୀର ଅବସ୍ଥିତି ଓ ଜଳଭଣ୍ଡାର ପାଇଁ ଏହାର ନାମକରଣ 'ମହାନଦୀ' ହୋଇଥିଲା। ମାତ୍ର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ନଦୀ ଉପର ମୁଣ୍ଡରେ ଅନେକ ଡ୍ୟାମ ତିଆରି କରି ମହାନଦୀର ତଳମୁଣ୍ଡକୁ ପ୍ରବାହିତ ହେଉଥିବା ଜଳକୁ ଏବେ ଅଟକାଇ ଦେଇଛି। ଫଳରେ ମହାନଦୀରେ ଜଳ ନ ଥାଇ ଏହାର ଗର୍ଭ ଶୁଖିଲା ପଡ଼ିଛି। ଓଡ଼ିଶାବାସୀ ମୁଖ୍ୟତଃ ମହାନଦୀ ଜଳ ଦ୍ୱାରା ଚାଷବାସ କରିବା ସହ ସେମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ କାମରେ ଲଗାଉଥିଲେ। ବିଶ୍ୱତାପନ ବିଶୃଙ୍ଖଳା ହେତୁ ନାନାଦି ଦୈବୀ ଦୁର୍ବିପାକ ସଂଗଠିତ ହେବାରେ ଲାଗିଛି। ବିଶେଷକରି ବର୍ଷା ପରିମାଣ ଅନେକାଂଶରେ କମିଯାଇଛି। ଜଳ ବିଶେଷଜ୍ଞଙ୍କ ମତରେ ପୃଥିବୀର ଭୂଜଳସ୍ତର ନିମ୍ନଗାମୀ ହେବାରେ ଲାଗିଛି। ତେଣୁ କୂପ ଓ ନଳକୂପ ଆଦିର ଜଳସ୍ତର ଯଥେଷ୍ଟ ହ୍ରାସ ପାଉଛି। ଜଳ ପାଇଁ କୃଷିକାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଅନେକ ଲୋକ ନଦୀବାଲିକୁ ଖୋଳି ସେହି ଚୁଆରୁ ନିର୍ଗତ ମୁନ୍ଦା ମୁନ୍ଦା ପାଣି ସଂଗ୍ରହ ପୂର୍ବକ ବ୍ୟବହାର ମଧ୍ୟ କରୁଛନ୍ତି। ଉକ୍ତ ପରିପ୍ରେକ୍ଷୀରେ ସରକାର ବସୁଧା ଯୋଜନା, ନଳକୂପ ଓ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଭଳି ଯୋଜନା ପ୍ରଣୟନ କରୁଛନ୍ତି। ମାତ୍ର ଏହାର କାର୍ଯ୍ୟକାରିତା ଠିକ୍ ରୂପେ ରୂପାନ୍ତରିତ ହେଉନାହିଁ । ବିଶେଷକରି ମହାନଦୀର ଜଳ ବିବାଦକୁ ସ୍ଥାୟୀ ସମାଧାନ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କେବଳ ଦରଖାସ୍ତ ଦେଇ ନିରବ ରହୁଛନ୍ତି। ଶାସକ ଓ ବିରୋଧୀ ଦଳ ନେତାମାନେ ମହାନଦୀ ଜଳ ବିବାଦକୁ ନେଇ ସେମାନଙ୍କର ଶସ୍ତା ରାଜନୀତି ଚଳାଇ ଥିବାର ଜନମତରୁ ଜଣାଯାଏ। ଜଳକ୍ଲିଷ୍ଟ ପାଇଁ ରାଜ୍ୟବାସୀ ଡହଳବିକଳ ହେଉଥିବା ସମୟରେ ରାଜନେତାଏ ଶସ୍ତା ରାଜନୀତିରେ ମିଳିତ ଭାବେ ମହାନଦୀ ଜଳ ବିବାଦର ସ୍ଥାୟୀ ସମାଧାନ ବିଷୟରେ ତତ୍ପରତା ପ୍ରକାଶ କରିବାକୁ ଅନୁରୋଧ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କଂଗ୍ରେସ ନେତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

**ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟାକାଣ୍ଡ**

**ରାୟଗଡ଼ା/ଚିକିଟି,୯।୬(ସ୍ୱ.ପ୍ର./ଡି.ଏନ୍.ଏ.):** ରାୟଗଡ଼ା ଜିଲ୍ଲା କାଶୀପୁର ଥାନା ଅନ୍ତର୍ଗତ କସନାଦୋରା ଗାଁ ନିକଟରେ ଶୁକ୍ରବାର ଏକ ହତ୍ୟାକାଣ୍ଡ ଘଟିଛି। ଠିକାଦାର ତଥା କଂଗ୍ରେସର ଟାଣୁଆ ନେତା ଗଜେନ୍ଦ୍ର ନାୟକ(୫୦)ଙ୍କୁ ଚାନ୍ଦଗିରି ଗ୍ରାମର ବାଘ ଗୌଡ଼ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତା କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବା ସୂଚନା ମିଳିଛି। ଗଜେନ୍ଦ୍ରଙ୍କୁ ହତ୍ୟା କରିବା ପରେ ବାଘ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ବହୁ ଖୋଜାଖୋଜି କରି ବାଘଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ଗଜେନ୍ଦ୍ରଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ହତ୍ୟାକାଣ୍ଡ ଯୋଗୁ କାଶୀପୁର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଗଜେନ୍ଦ୍ର ଗୁରୁବାର ସନ୍ଧ୍ୟାରେ ତାଙ୍କର ଠିକା କାମ ଚାଲିଥିବା କସନଦୋରା ଗାଁ ନିକଟକୁ ଯାଇଥିଲେ। ସେହି ସମୟରେ ଅଭିଯୁକ୍ତ ବାଘଙ୍କ ସହ ଅନ୍ୟ ୨ ଜଣ ବ୍ୟକ୍ତି ସେଠାରେ ପହଞ୍ଚି କୌଣସି କାରଣକୁ ନେଇ ଗଜେନ୍ଦ୍ରଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ ଗଜେନ୍ଦ୍ର ନିଜ ଘରକୁ ଫେରି ଆସିଥିଲେ। ଶୁକ୍ରବାର ସକାଳୁ ସେ ପୁଣି ଠିକା କାମସ୍ଥଳକୁ ଯାଇଥିବାବେଳେ ଅଭିଯୁକ୍ତ ବାଘଙ୍କ ସହ ଅନ୍ୟ ୨ ଜଣ ସେଠାରେ ପହଞ୍ଚି ଗଜେନ୍ଦ୍ରଙ୍କ ସହିତ ପାଟିତୁଣ୍ଡ କରିଥିଲେ। ବାଘ ଉତ୍ତ୍ୟକ୍ତ ହୋଇ ହଠାତ୍ ଏକ ଟାଙ୍ଗିଆରେ ଗଜେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଏହି ହତ୍ୟାକାଣ୍ଡରେ ଅନ୍ୟ ୨ଜଣ ସହାୟତା କରିଥିବା ଉଦ୍ଧାରକାରୀ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ତଦନ୍ତ ପରେ ହତ୍ୟାକାଣ୍ଡର ପ୍ରକୃତ ରହସ୍ୟ ଏବଂ ସହଯୋଗୀଙ୍କ ବିଷୟରେ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଆଇଆଇଟିରେ ଭର୍ଚୁଆଲ ଏବଂ ଅଗ୍‌ମେଣ୍ଟେଡ୍ ରିଆଲିଟି ସେଣ୍ଟର ଅଫ୍ ଏକ୍ସଲେନ୍ସ ଉଦ୍‌ଘାଟନ କଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୯।୬(ବ୍ୟୁରୋ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଆଇଆଇଟି ଭୁବନେଶ୍ୱରରେ ଭର୍ଚୁଆଲ ଏବଂ ଅଗ୍‌ମେଣ୍ଟେଡ୍ ରିଆଲିଟି ସେଣ୍ଟର ଅଫ୍ ଏକ୍ସଲେନ୍ସ ଉଦ୍‌ଘାଟନ କରିଛନ୍ତି। ଏହି ସେଣ୍ଟର ବିଭିନ୍ନ କ୍ଷେତ୍ରରେ ଡିଜିଟାଲ ପରିବର୍ତ୍ତନ ତ୍ୱରାନ୍ୱିତ କରିବ ଓ ଆପ୍ଲିକେଶନ ଦ୍ୱାରା ପରିଚାଳିତ ଗବେଷଣାକୁ ପ୍ରୋତ୍ସାହନ ଦେବା ସହ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସ୍ଥାପତ୍ୟ ଆଦି କ୍ଷେତ୍ରରେ ପରିବର୍ତ୍ତନ କରିବା ପାଇଁ ଏଆର୍ ଏବଂ ଭିଆର୍ ପାଖରେ ଅପାର ସାମର୍ଥ୍ୟ ରହିଛି। ଏହିଭଳି ଆଇଆଇଟି ଭୁବନେଶ୍ୱର ନ୍ୟୁ ଇଣ୍ଡିଆର ପରିବର୍ତ୍ତିତ ଆକାଂକ୍ଷା ସହ ତାଳ ଦେଇ ନବସୃଜନ ଏବଂ ସମାଧାନର ସ୍ଥାନୀୟକରଣ କରିବା ଉପରେ ଗୁରୁତ୍ୱ ଦେବା ଦରକାର। ଆଇଆଇଟି ଭୁବନେଶ୍ୱର ଉନ୍ନତମାନର ପରୀକ୍ଷାମୂଳକ ସୁବିଧା ପ୍ରଦାନ କରିବା ପାଇଁ ଦୁଇଟି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ପ୍ରଶଂସନୀୟ। ଗୋଟିଏ ହେଲା ମ୍ୟାଟେରିଆଲ ପଦ୍ଧତିକୁ ଜାଣିବା ସହ ପ୍ରକ୍ରିୟାକରଣ, ଉତ୍ପାଦନ କେନ୍ଦ୍ର ଏବଂ ଅନ୍ୟଟି ହେଲା ଲାବରେଟୋରି ଗ୍ରୋନ୍ ଡାଇମଣ୍ଡ କେନ୍ଦ୍ର। ଏହି ସୁବିଧା ଶିକ୍ଷାନୁଷ୍ଠାନର ଗବେଷଣା ଓ ବିକାଶ ଏବଂ ନବସୃଜନ କ୍ଷେତ୍ରକୁ ସମ୍ପ୍ରସାରଣ କରିବ। ମ୍ୟାଟେରାଲ ସାଇନ୍ସରେ ନବସୃଜନ ଏବଂ ଗବେଷଣାକୁ ସୁଦୃଢ଼ କରିବ। ଶିଳ୍ପ-ଶିକ୍ଷାଗତ ସମ୍ପର୍କକୁ ପ୍ରୋତ୍ସାହିତ କରିବା ସହ ଗୁରୁତ୍ୱପୂର୍ଣ୍ଣ ଜ୍ଞାନକୌଶଳର ବିକାଶରେ ସହାୟତା କରିବ। ଏହି ଅବସରରେ ଧର୍ମେନ୍ଦ୍ର ଶିକ୍ଷାନୁଷ୍ଠାନର ନବନିଯୁକ୍ତ ସମସ୍ତ ଅଧ୍ୟାପକଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି। ଯୁବକମାନଙ୍କ ମନରେ ସାମାଜିକ ଦାୟିତ୍ୱ ସୃଷ୍ଟି କରିବା ଏବଂ ଜାତୀୟ ଶିକ୍ଷାନୀତିର ଦର୍ଶନ ଅନୁଯାୟୀ ବୈଶ୍ୱିକ ନାଗରିକ ହେବା ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇ କହିଛନ୍ତି, ଜାତୀୟ ଶିକ୍ଷାନୀତି ହେଉଛି, ଏକବିଂଶ ଶତାବ୍ଦୀରେ ବିଶ୍ୱର ମାନବ ସମ୍ବଳର ଆବଶ୍ୟକତାକୁ ପୂରଣ କରିବା ଭଳି ଏକ ଦାର୍ଶନିକ ତତ୍ତ୍ୱ। ଏକ ଆଧୁନିକ, ସାଂସ୍କୃତିକ ଭିତ୍ତିକ ଓ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ପାଇଁ ଆମେ ସମସ୍ତେ ଏହାକୁ କାର୍ଯ୍ୟକାରୀ କରିବା ଉଚିତ। ଆଇଆଇଟି ଆସିଲେ ନୂଆ ବିଷୟ ଜାଣିବାକୁ ମିଳିଥାଏ। ଏହି ଅନୁଷ୍ଠାନ ଆମକୁ ସର୍ବଦା ନୂଆ ଉର୍ଜା, ପ୍ରେରଣା ଦେଇଥାଏ ଏବଂ ଶିକ୍ଷାର୍ଥୀଙ୍କୁ ନିଜ ଭିତରେ ଜାଗ୍ରତ କରିଥାଏ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ବିଲରେ ନିଆଁ ଲଗାଇଲେ ଅମଳ କମିବ

**ହ୍ରାସ ପାଇବ ଆର୍ଦ୍ରତା, ଉର୍ବରତା**

■ ପରିବେଶ ପ୍ରଦୂଷଣ, ବଢ଼ୁଛି ଉତ୍ତାପ

■ ଦଣ୍ଡନୀୟ ଅପରାଧ

**ସମ୍ବଲପୁର,୯।୬(ବ୍ୟୁରୋ)**

କୃଷକଙ୍କ ସୁବିଧା ପାଇଁ ସମ୍ପ୍ରତି ଚାଷ ପ୍ରଣାଳୀରେ ଅନେକ ପରିବର୍ତ୍ତନ କରାଯାଉଛି। ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରାଯାଇ ଶୀଘ୍ର ବୁଣିବା, ରୋଇବା ଓ ଅମଳ ଆଦି କାମ ହୋଇପାରୁଛି। ହେଲେ ଯନ୍ତ୍ରପାତି ବ୍ୟବହାର କରାଯାଇ କ୍ଷତିକାରକ ମଧ୍ୟ ହେଉଛି। ହାର୍ଭେଷ୍ଟର ଓ ମେଶିନରେ ଧାନ ଅମଳ କରିବା ପରେ ବିଲରେ ଥିବା ନଡ଼ାକୁ ଚାଷୀ ନିଆଁ ଲଗାଇ ଦେଉଛନ୍ତି। ଏହା ଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହ ମୃତ୍ତିକା ଚାଷ ଅନୁପଯୋଗୀ ହୋଇଯାଉଛି। ଏହା ଏକ ଦଣ୍ଡନୀୟ ଅପରାଧ ହୋଇଥିବାରୁ ଅଗ୍ନିଶମ ବିଭାଗ, ପୋଲିସ, ରାଜସ୍ୱ ବିଭାଗ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। କାରଣ ବିଲରେ ନିଆଁ ଲଗାଇବା ପରେ ତାହା ନିକଟସ୍ଥ ଗ୍ରାମ, ପନିପରିବା ଚାଷ ଏପରି କି ଘରକୁ ବ୍ୟାପିଥାଏ। ଏହାକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବିଭାଗକୁ ନାକେଦମ ହେବାକୁ ପଡ଼ିଥାଏ। ଏହା ବିଶେଷକରି ଜଳସେଚନ ହେଉଥିବା ରବି ଫସଲ ଅମଳ ସମୟରେ ହୋଇଥାଏ। ଅନ୍ୟପଟେ ଅଣଜଳସେଚିତ ଅଞ୍ଚଳରେ ମଧ୍ୟ ବିଲକୁ ସଫା କରିବା ପାଇଁ ଚାଷୀମାନେ ନିଆଁ ଲଗାଇ ଦେଉଥାନ୍ତି।



ବିଲରେ ନିଆଁ ଲଗାଯାଇଛି।

ସେହିପରି କେନ୍ଦୁପତ୍ର ସଂଗ୍ରହ କରିବା ପାଇଁ ମଧ୍ୟ ଜଙ୍ଗଲରେ ନିଆଁ ଲଗାଯାଇଥାଏ। ନିଆଁର ଉତ୍ତାପ ଯୋଗୁ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ସମ୍ବଲପୁର ଜିଲାରେ ଚଳିତ ଗ୍ରୀଷ୍ମରେ ତାପମାତ୍ରା ରାଜ୍ୟରେ ସର୍ବାଧିକ ରହିଛି। ଜମିରେ ନିଆଁ ଲଗାଇବା ଏହାର ଏକ ମୁଖ୍ୟ କାରଣ ହୋଇପାରେ। ଚାଷ ପାଇଁ ଉପଯୁକ୍ତ ମାଟିର ଆବଶ୍ୟକତା ରହିଛି। ନିଆଁ ଲଗାଇବା ଫଳରେ ମାଟିର ଉର୍ବରତା, ଆର୍ଦ୍ରତା କମିଯାଉଛି। ଏହା ଦ୍ୱାରା ଫସଲ ଅମଳ କମିବ ବୋଲି ସମ୍ବଲପୁର ଚିପିଲିମାସ୍ଥିତ ଓୟୁଏଟି କୃଷି ବୈଜ୍ଞାନିକ (ମୃତ୍ତିକା) ଆସିଷ୍ଟାଣ୍ଟ ପ୍ରଫେସର ଈପ୍‌ସିତା ଦାସ କହିଛନ୍ତି।

ସେ ଆହୁରି କହିଛନ୍ତି, ବିଲରେ ନିଆଁ ଲଗାଇଲେ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଆର୍ଦ୍ରତା କମିଥାଏ। ଫଳରେ ପରବର୍ତ୍ତୀ ଚାଷ ସମୟରେ ସମସ୍ୟା ହୋଇଥାଏ। କୌଣସି ଫସଲ ପାଇଁ ମାଟିର ଆର୍ଦ୍ରତା ରହିବା ଆବଶ୍ୟକ। ନିଆଁରେ ମୃତ୍ତିକା ପାଇଁ ଉପକାର କରୁଥିବା ଜୀବାଣୁ, ଜୀବଗୁଡିକ ମରିଯାନ୍ତି। ମାଟିରୁ ପ୍ରାକୃତିକ ଭାବେ ମିଳୁଥିବା ଅମ୍ଳଜାନ, ଜିଙ୍କ୍ ଓ ଅନ୍ୟ ଭିଟାମିନ ମଧ୍ୟ ନଷ୍ଟ ହୋଇଯାଉଛି। ଏଥିପାଇଁ ଫସଲରେ ଅଧିକ ରାସାୟନିକ ସାର ଦେବାକୁ ପଡିଥାଏ। ଜୈବିକ ପ୍ରଣାଳୀରେ ଚାଷ କରିବାକୁ ହେଲେ ନଡାକୁ ବିଲରେ ପ୍ରାକୃତିକ ଉପାୟରେ ନଷ୍ଟ କରିବାକୁ ହେବ। ବର୍ଷା ହେଲେ ଆପେ ଆପେ ନଡା ନଷ୍ଟ ହୋଇଯାଇଥାଏ। ମାଟିକୁ ଯତ୍ନ କରି ନ ରଖିଲେ ଆଗାମୀ ଦିନରେ ଚାଷୀ ସମାଜ ପାଇଁ ବିପତ୍ତି ହୋଇପାରେ। ଯନ୍ତ୍ରପାତି ବ୍ୟବହାର କରି ଚାଷ କରିବାରେ ସମସ୍ୟା ନାହିଁ। ହେଲେ ମାଟିକୁ ମଧ୍ୟ ଦୃଷ୍ଟିଦେବାକୁ ପଡିବ ବୋଲି ସେ କହିଥିଲେ। ଅନ୍ୟପଟେ ନିଆଁ ଲଗାଇବା ଏକ ଅପରାଧ। ଯେଉଁମାନେ ବିଲରେ ନିଆଁ ଲଗାଉଥିବେ ତଥ୍ୟ ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପରିବେଶବିତ୍ ଦାବି କରିଛନ୍ତି। ଚାଷୀ ଅଶୋକ ପ୍ରଧାନ କହିଛନ୍ତି, ପୂର୍ବରୁ ଓଡ଼ିଶାରେ ଏଭଳି ହେଉ ନ ଥିଲା। ବାହାର ରାଜ୍ୟର ଚାଷୀମାନେ ଆସି ଏଭଳି କରୁଛନ୍ତି। ଏହା ପରିବେଶ, ଧନ, ଜୀବନ, ଚାଷ ପାଇଁ ବିପତ୍ତି। ତେଣୁ ଚାଷୀମାନେ ନିଆଁ ନ ଲଗାଇବାକୁ ସେ ଅନୁରୋଧ କରିଥିଲେ।




ବାହାନଗା ଟ୍ରେନ୍ ଦୁର୍ଘଟଣା ପାଇଁ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାୟୀ କରିବା ସହ ତାଙ୍କ ଇସ୍ତଫା ଦାବି କରି ସିପିଆଇ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରାଜମହଲ ଛକରେ ବିକ୍ଷୋଭ କରାଯାଉଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨ ଲକ୍ଷର ଚେକ୍ ପ୍ରଦାନ

**ଭୁବନେଶ୍ୱର, ୯।୬(ବ୍ୟୁରୋ):** ବାହାନଗାଠାରେ ଘଟିଥିବା ରେଳ ଦୁର୍ଘଟଣାଗ୍ରସ୍ତ ପରିବାର ପାଇଁ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ, ବ୍ରହ୍ମପୁର ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ କୁମାର ସ୍ୱାଇଁ, ବେସିକ୍ ସାଇନ୍ସ ବିଭାଗୀୟ ମୁଖ୍ୟ ଚିତ୍ତରଞ୍ଜନ ମଲ୍ଲିକ, ସିଭିଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ପ୍ରଫେସର ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସାକ୍ଷାତକରି ଏହି ସହାୟତା ରାଶି ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ସେହିପରି କଟକ ଜିଲା ସାଲେପୁର ବ୍ଲକ୍ ଅନ୍ତର୍ଗତ କୁକୁଡ଼ାଙ୍ଗ ଗ୍ରାମର ହିମାଂଶୁ କୁମାର ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବଙ୍କୁ ଗୁରୁବାର ହିମାଂଶୁ ମହାନ୍ତି ସାକ୍ଷାତକରି ଏହି ସହାୟତା ରାଶି ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।

## ୫ ବର୍ଷ ତଳେ ଗାଏବ ଶିଶୁପୁତ୍ର ଉଦ୍ଧାର

**ଡିଏନ୍‌ଏ ରିପୋର୍ଟ ପଜିଟିଭ ଆସିଲେ ହସ୍ତାନ୍ତର**

**ବ୍ରହ୍ମପୁର ଅଫିସ,୯।୬**

ଏମ୍‌କେସିଜି ମେଡିକାଲରେ ଜନ୍ମ ପରେ ଗାଏବ ହୋଇ ଯାଇଥିବା ଏକ ଶିଶୁପୁତ୍ର ପ୍ରାୟ ୫ବର୍ଷ ପରେ ଉଦ୍ଧାର ହୋଇଛି। ବ୍ରହ୍ମପୁର ଗଜପତିନଗରରେ ଲାଳନପାଳନ କରିଥିବା ମା'ଙ୍କ ପାଖରୁ ପୋଲିସ ଶିଶୁଟିକୁ ଉଦ୍ଧାର କରିଛି। ଉଦ୍ଧାର ପରେ ଶିଶୁ ସମେତ ପ୍ରକୃତ ମା' ବୋଲି ଦାବି କରୁଥିବା ମହିଳା ଓ ଲାଳନପାଳନ କରିଥିବା ମହିଳାଙ୍କୁ ଶୁକ୍ରବାର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଦୁଇ ମହିଳା ସେମାନଙ୍କ ପକ୍ଷ ରଖିବା ପରେ ଏସ୍‌ଡିଜେଏମ୍‌ଙ୍କ ନିର୍ଦ୍ଦେଶ ପ୍ରକାରେ ଶିଶୁକୁ ଗୋଷାଣୀ ନୂଆଗାଁସ୍ଥିତ ଉତ୍କଳ ବାଳାଶ୍ରମରେ ଥିବା ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଛି। ଜନ୍ମଦାତ୍ରୀ ଦାବି କରୁଥିବା ମହିଳା ଓ ଶିଶୁଟିର ଡିଏନ୍‌ଏ ପରୀକ୍ଷା କରାଯିବ। ରିପୋର୍ଟ ଆସିବା ପର୍ଯ୍ୟନ୍ତ ଲାଳନପାଳନ କରିଥିବା ମହିଳା ଜଣଙ୍କ ସପ୍ତାହକୁ ଥରେ ଶିଶୁପୁତ୍ର ସହ ମିଶିପାରିବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ୨୦୧୮ରେ ରମ୍ଭାର ସୁନିତା ବେହେରା ବ୍ରହ୍ମପୁର ବଡ଼ ମେଡିକାଲରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ହେଲେ ଜନ୍ମ ପରେ ତାଙ୍କ କୋଳରୁ ସନ୍ତାନ ଗାଏବ ହୋଇଯାଇଥିଲା। ସେ ବହୁ ଖୋଜାଖୋଜି ପରେ ନ ମିଳିବାରୁ ସ୍ୱାମୀ ପୀତବାସ ବେହେରାଙ୍କ ସହ ମିଶି ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ଏବଂ ଥାନାରେ ଏତଲା ମଧ୍ୟ ଦେଇଥିଲେ। କୌଣସି ସୁଫଳ ନ ମିଳିବାରୁ ଦମ୍ପତି ଫେରି ଆସିଥିଲେ। କିଛିଦିନ ତଳେ ତାଙ୍କ ପୁଅ ବୈଦ୍ୟନାଥପୁର ଥାନା ଅଧୀନ ଗଜପତି ନଗରରେ ଜଣେ ମହିଳାଙ୍କ ପାଖରେ ରହିଛି ବୋଲି ଦମ୍ପତି ଖବର ପାଇଥିଲେ। ପୁଅ ଚୋରି ହୋଇଥିବା ନେଇ ସେମାନେ ବିଏନପୁର ଥାନାରେ ଗତ ୬ ତାରିଖରେ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରିବା ସହ ଶିଶୁପୁତ୍ରକୁ ଉଦ୍ଧାର କରିଥିଲା। ଶିଶୁପୁତ୍ରକୁ ଲାଳନ ପାଳନ କରିଥିଲେ ଗୀତା ଦାସ ଓ ସନ୍ତୋଷ ଦାସ। ଇତିମଧ୍ୟରେ ସନ୍ତୋଷଙ୍କ ମୃତ୍ୟୁ ଘଟିସାରିଲାଣି। ଗୀତା ପିଲାଟିକୁ ପାଇଥିବା ବେଳେ ତାହାର ସମସ୍ତ ପ୍ରକାର ଯତ୍ନ ସେ ନେଇଛନ୍ତି। ତେଣୁ ଶିଶୁଟି ଉପରେ ତାଙ୍କର ଅଧିକାର ରହିଛି ବୋଲି ସେ ଦାବି କରିଛନ୍ତି। ଏନେଇ ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣା ବିବେକ ଏମ୍ କହିଛନ୍ତି, ଶିଶୁଟି କିପରି ଗାଏବ ହେଲା ଓ ଗୀତାଙ୍କ ପାଖକୁ କିପରି ଆସିଲା ତାହା ତଦନ୍ତ ପରେ ଜଣାପଡ଼ିବ। ଡିଏନ୍‌ଏ ରିପୋର୍ଟ ପଜିଟିଭ ଆସିଲେ ସୁନିତାଙ୍କୁ ଶିଶୁପୁତ୍ର ହସ୍ତାନ୍ତର କରାଯିବ ବୋଲି ଏସ୍‌ପି କହିଛନ୍ତି।

## ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି କର୍ମଚାରୀ ମୃତ

**୫୦ଲକ୍ଷ କ୍ଷତିପୂରଣ ଦାବିରେ ଘେରାଉ**

**ଜଳେଶ୍ୱର, ୯।୬(ଡି.ଏନ୍.ଏ.)**

ଜଳେଶ୍ୱରସ୍ଥିତ ଟାଟା ପାୱାର କମ୍ପାନୀର ଜଣେ କର୍ମଚାରୀ ଖୁଣ୍ଟରେ ଚଢ଼ି ମରାମତି କରୁଥିବା ବେଳେ ତଳକୁ ଖସିପଡିବାରୁ ଗୁରୁତର ଆହତ ହୋଇଥିଲେ। ଦୁଇଦିନ ପରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଛି। ଗ୍ରାମବାସୀ ସ୍ଥାନୀୟ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରି ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି ଜଣାଇଛନ୍ତି । ଗତ ୨ଦିନ ତଳେ କାଳବୈଶାଖୀ ଯୋଗୁ ଜଳେଶ୍ୱର ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟି ଭାଙ୍ଗି କିମ୍ବା ଉପୁଡି ପଡିଥିଲା। ସେହିଦିନ ରାତିରେ ମରାମତି କାର୍ଯ୍ୟ ଆରମ୍ଭ ହେବାରୁ ଶାନ୍ତିଆ ଗାଁର ଚୈତନ୍ୟ ଅଣ୍ଡିଆଙ୍କ ପୁଅ ଅଜୟ ଅଣ୍ଡିଆ (୨୮) ସେହି ଗାଁର ଏକ ଖୁଣ୍ଟରେ ଚଢ଼ି ମରାମତି କାର୍ଯ୍ୟ କରୁଥିବା ବେଳେ ତଳକୁ ଖସିପଡିଥିଲେ। ତୁରନ୍ତ କାର୍ଯ୍ୟରତ ଅନ୍ୟ କର୍ମଚାରୀମାନେ ତାଙ୍କୁ ଜିକେଭଟ୍ଟର ଡାକ୍ତରଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କମ୍ପାନୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଅଣତାଲିମପ୍ରାପ୍ତ ଯୁବକଙ୍କୁ କମ୍ପାନୀ ପକ୍ଷରୁ ଖୁଣ୍ଟରେ ଚଢ଼ି ମରାମତି ଲାଗି ନିର୍ଦ୍ଦେଶ ଦେଇଥିବାରୁ ଶାନ୍ତିଆ ଗ୍ରାମ୍ୟ ମୁଖ୍ୟ ସୀତାଂଶୁ ସେନାପତି ସ୍ଥାନୀୟ କର୍ମକର୍ତ୍ତାଙ୍କୁ ଦାୟୀ କରିଛନ୍ତି। ତାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା ସହାୟତା ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୌମ୍ୟରଞ୍ଜନ ନାୟକଙ୍କୁ ପଚାରିବାରୁ ମୃତ ବ୍ୟକ୍ତି ହେଲପର ଭାବେ କାର୍ଯ୍ୟ କରି ଆସୁଥିଲେ। ମରାମତି ବେଳେ ସେ ସୁରକ୍ଷା ବେଲ୍ଟ ଓ ହେଲମେଟ୍ ପିନ୍ଧି ନ ଥିବାରୁ ଏପରି ଦୁର୍ଘଟଣା ଘଟିଥିବା କହିଛନ୍ତି।

## 'ମହିଳା ସଶକ୍ତୀକରଣର ପ୍ରଥମ ମାର୍ଗଦର୍ଶୀ ନନ୍ଦିନୀ ଦେବୀ'

**ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ**

**ଢେଙ୍କାନାଳ ଅଫିସ, ୯।୬**

ନନ୍ଦିନୀ ଦେବୀ ନାରୀଶକ୍ତି ଓ ନାରୀ ସ୍ୱାଭିମାନର ପ୍ରତୀକ ଥିଲେ। ସେ ଓଡ଼ିଶାରେ ପ୍ରଥମେ ଯୌତୁକ ନିରୋଧୀ ଆଇନ ପ୍ରଣୟନ କରିଥିଲେ। ହାଇସ୍କୁଲସ୍ତରରେ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ବୁକ୍ ବ୍ୟାଙ୍କ ବ୍ୟବସ୍ଥା ପ୍ରଚଳନ କରିଥିଲେ। ମହିଳା ସଶକ୍ତୀକରଣ କ୍ଷେତ୍ରରେ ପ୍ରଥମ ମାର୍ଗଦର୍ଶୀ ଥିଲେ। ଭୁବନେଶ୍ୱରରେ ଷ୍ଟାଡିୟମ୍ ନ ଥିବା ବେଳେ ଢେଙ୍କାନାଳ, ବାରିପଦା, ବଲାଙ୍ଗୀରରେ ତାଙ୍କ ସମୟରେ ପିଲାଙ୍କୁ କ୍ରୀଡ଼ା କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ଜିଲାସ୍ତରରେ ଷ୍ଟାଡିୟମ୍ ନିର୍ମାଣ କରାଯାଇଥିଲା। ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ପଶ୍ଚିମ ଓଡ଼ିଶାରେ ୧୯୭୨ରୁ ୧୯୭୬ ମଧ୍ୟରେ ଜଳସେଚନର ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଅଳ୍ପ ସମୟ ମଧ୍ୟରେ ସ୍ୱଚ୍ଛ ଚିନ୍ତାରେ ବିକାଶମୂଳକ କାର୍ଯ୍ୟ କରିପାରିଲେ ସାମାଜିକ ପରିବର୍ତ୍ତନ ସମ୍ଭବ। ନନ୍ଦିନୀ ଦେବୀ ଏଥିରେ ବିଶ୍ୱାସ କରୁଥିଲେ ବୋଲି କହିଛନ୍ତି 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ। ଢେଙ୍କାନାଳ କଣ୍ଟାନାଳୀ ବାଇପାସ୍‌ରେ ଅକ୍ଷମ କଲ୍ୟାଣ ସମିତି ପରିଚାଳିତ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ଅନୁଷ୍ଠାନର ପ୍ରାଣପ୍ରତିଷ୍ଠାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୨ତମ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ଅଭିଭାଷଣରେ ସେ ଏହା କହିଛନ୍ତି।

ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ, ଢେଙ୍କାନାଳରେ କଳିଙ୍ଗ ସମବାୟ ସୂତାକଳ, ସଦର ମହକୁମାରେ ଷ୍ଟାଡିୟମ, ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠାରେ ନନ୍ଦିନୀ ଦେବୀଙ୍କ ନିଜସ୍ୱ ଅବଦାନ ଥିଲା। ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନପୂର୍ବକ ଢେଙ୍କାନାଳ ମହିଳା ମହାବିଦ୍ୟାଳୟକୁ ନନ୍ଦିନୀ ଦେବୀ ମହିଳା ମହାବିଦ୍ୟାଳୟରେ ନାମିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଜିଲା କାରାଗାର ଅଧୀକ୍ଷକ ପ୍ରସନ୍ନ କୁମାର ସାହୁ, ବିଶିଷ୍ଟ ସାମାଜିକ କର୍ମୀ ରାଜୀବ ଲୋଚନ ସିଂଦେଓ ପ୍ରମୁଖ ନନ୍ଦିନୀ ଦେବୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ସମ୍ପାଦକ ବିଶ୍ୱନାଥ ବେହେରା ବିବରଣୀ ପାଠ କରିଥିଲେ। ଉପସଭାନେତ୍ରୀ ପୂର୍ଣ୍ଣିମାଚାନ୍ଦ ସାହୁ, କାଉନସିଲର ସୂର୍ଯ୍ୟପ୍ରତାପ ରାଉତ ମଞ୍ଚାସୀନ ଥିଲେ। ଦୃଷ୍ଟିବାଧିତ ଶିକ୍ଷକ ରତ୍ନାକର ପ୍ରଧାନଙ୍କ ନିର୍ଦ୍ଦେଶନାରେ ଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶ୍ରବଣବାଧିତ ଛାତ୍ରୀଛାତ୍ରଙ୍କୁ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ପ୍ରଦତ୍ତ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପ୍ରତିଷ୍ଠାତା ସଭ୍ୟ ପୂର୍ବତନ ସମ୍ପାଦକ ଅକ୍ଷୟ କୁମାର ପାଣିଗ୍ରାହୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କୋଷାଧ୍ୟକ୍ଷ ମଳୟ ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ରାଷ୍ଟ୍ରପତିଙ୍କଠାରୁ ପୁରସ୍କୃତ ହେବେ ସେବତୀ

**ସେବା ପାଇଁ ସମ୍ମାନ**

**ନବରଙ୍ଗପୁର,୯।୬(ବି.ପ୍ର.)**

ସେବା ପାଇଁ ସମ୍ମାନ। ଉନ୍ନତ ସେବା ଲାଗି ରାଷ୍ଟ୍ରପତିଙ୍କ ହାତରୁ ସମ୍ମାନିତ ହେବେ ସେବତୀ ସାହୁ(୫୦)। ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସିୟୁ ବିଭାଗ ନର୍ସିଂ ଅଫିସର ଭାବେ ସେବତୀ କାମ କରନ୍ତି। ଚଳିତ ମାସ ୧୯ ତାରିଖରେ ରାଷ୍ଟ୍ରପତି ଭବନରେ ଆୟୋଜନ ହେବାକୁ ଥିବା ନ୍ୟାଶନାଲ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ଆୱାର୍ଡ କାର୍ଯ୍ୟକ୍ରମରେ ସେବତୀଙ୍କୁ ପୁରସ୍କୃତ କରାଯିବ।

ସେବତୀ ଜୀବନର ପ୍ରଥମ ଭାଗରେ ୮ ବର୍ଷ ବେସରକାରୀଭାବେ ଏବଂ ପରେ ୨୦ ବର୍ଷ ହେଲା ସରକାରୀ ମେଡିକାଲରେ କାର୍ଯ୍ୟରତ। ୨୦ ବର୍ଷ କାଳ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗରେ ସେ କାମ କରି ଆସୁଛନ୍ତି। ଏହାସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଗ୍ରାମ ବିକାଶ କାର୍ଯ୍ୟ, ଅପହଞ୍ଚ ଇଲାକାରେ ପହଞ୍ଚି ଲୋକଙ୍କୁ ସଚେତନ କରାଉଛନ୍ତି। ଡାକ୍ତରଖାନାକୁ ରୋଗୀ ଆସିବା ପରେ ସେ ଭଲ ନ ହେବା ଯାଏ ସେବା ଶୁଶ୍ରୂଷା କାମରେ ଲାଗିପଡ଼ନ୍ତି ସେବତୀ। କୋଭିଡ୍ ସମୟରେ କରିଥିବା ଅନେକ ସେବା କାର୍ଯ୍ୟ ପାଇଁ ଜିଲା ପ୍ରଶାସନ ତାଙ୍କୁ ସମ୍ମାନିତ କରିଛନ୍ତି। ସେ ସ୍ୱାସ୍ଥ୍ୟ କ୍ଷେତ୍ରରେ ରିସର୍ଚ୍ଚ କରିବା ସହ ସ୍ୱାସ୍ଥ୍ୟକୁ ନେଇ କବିତା ଓ ଗଳ୍ପ ମଧ୍ୟ ଲେଖନ୍ତି।



ସେବତୀ ସାହୁ

ସେବତୀଙ୍କୁ ମିଳୁଥିବା ଏହି ସମ୍ମାନ ସେବା ମନୋବୃତ୍ତି ରଖି ଏହି ମେଡିକାଲ ବୃତ୍ତିକୁ ଆସୁଥିବା ସମସ୍ତଙ୍କୁ ଏକ ପ୍ରେରଣା ଯୋଗାଇବ ବୋଲି ସହକର୍ମୀ ଏମ୍. ଜି. ପୁଷ୍ପାଞ୍ଜଳି କହିଛନ୍ତି। ଏହା କାମ କରିବାର ଇଚ୍ଛାକୁ ଦ୍ୱିଗୁଣିତ କରୁଥିବା ନର୍ସିଂ ଛାତ୍ରୀମାନେ କହିଛନ୍ତି। ଏହି ସମ୍ମାନ ସେବତୀଙ୍କ କର୍ମର ଫଳ, ଯାହାକୁ ନେଇ ପୂରା ଜିଲା ଏବେ ଗର୍ବିତ। ଅବିଭକ୍ତ କୋରାପୁଟରେ କେହି ଆଜି ପର୍ଯ୍ୟନ୍ତ ଏହି ସମ୍ମାନ ପାଇନାହାନ୍ତି। ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ ଅଫିସର ଯୋଗ୍ୟ ବିବେଚିତ ହୋଇଥିବା ଯୋଗୁ ସମସ୍ତେ ଅତି ଆନନ୍ଦିତ ବୋଲି ନବରଙ୍ଗପୁର ସିଡିଏମ୍‌ଓ କାଳୀପ୍ରସାଦ ବେହେରା କହିଛନ୍ତି।

## ସାପ କାମୁଡ଼ାରେ ଛାତ୍ରଙ୍କ ମୃତ୍ୟୁ

**ନିରାକାରପୁର,୯।୬(ଡି.ଏନ୍.ଏ)**

ଜଙ୍କିଆ ଥାନା ଅଧୀନ ଗୋଡ଼ିପଡ଼ା ପଞ୍ଚାୟତ ଉପର ମୋଟା ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଗ୍ରାମର ଶୁଭଙ୍କର ପାଇକରାୟ ଓରଫ ଶୁଭ (୧୦)। ସେ ପଞ୍ଚମ ଶ୍ରେଣୀର ଛାତ୍ର ଥିଲେ। ସୂଚନା ମୁତାବକ, ଗୁରୁବାର ରାତିରେ ଶୁଭ ଶୋଇଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ଚିକିତ୍ସା ପାଇଁ ପରିବାର ଲୋକେ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୮/୨୩)ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଜ୍ଞାରତ୍ନହରା କର କହିଛନ୍ତି।

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha
[Accredited with 'A' Grade by NAAC]

**QUOTATION CALL NOTICE FOR MULTIPLE SUPPLY, REPAIR & SHIFTING WORKS AT NLUO CUTTACK**

Sealed quotations are invited for 06 nos. works consisting of Supply of items for NLUO, Repair to the sliding Aluminium windows of hostel at NLUO, Repair of the Plywood furniture at NLUO, Repair works at NLUO Cuttack, Supply of Items for Recreation Centre at NLUO & Shifting of Library items at NLUO Cuttack. Last date & time of receipt is **16.06.2023 at 11.00AM**. For details please visit website: www.nluo.ac.in.

Sd/- Registrar

**ନାମଲେଖା ବିଜ୍ଞପ୍ତି**

ଦିବ୍ୟାଙ୍ଗଜନ ସଶକ୍ତୀକରଣ ବିଭାଗ, ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଅନୁଷ୍ଠାନ ଏନ୍‌ଆଇଏଲ୍‌ଡି-କୋଲକାତା, ଏସ୍‌ଭିଏନ୍‌ଆଇଆରଟିଏଆର୍-କଟକ, ଏନ୍‌ଆଇଇପିଏମ୍‌ଡି-ଚେନ୍ନାଇ ଏବଂ ପିଡିୟୁଏନ୍‌ଆଇପିପିଡି-ନୂଆଦିଲ୍ଲୀରେ ଅଣ୍ଡର ଗ୍ରାଜୁଏଟ୍ ପାଠ୍ୟକ୍ରମ ଅଧୀନରେ ନାମଲେଖା ପାଇଁ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଟି-୨୦୨୩)

| ପାଠ୍ୟକ୍ରମଗୁଡ଼ିକର ନାମ | ଯୋଗ୍ୟତା |
|---|---|
| ବ୍ୟାଚେଲର ଅଫ୍ ଫିଜିଓଥେରାପି (ବିପିଟି) | ୧୦+୨ ବିଜ୍ଞାନ ପିସିବି ଓ ଇଂରାଜୀ |
| ବ୍ୟାଚେଲର ଅଫ୍ ଅକ୍ୟୁପେସନାଲ ଥେରାପି (ବିଓଟି) | ୧୦+୨ ବିଜ୍ଞାନ ପିସିବି ଓ ଇଂରାଜୀ |
| ବ୍ୟାଚେଲର ଇନ୍ ପ୍ରୋସ୍ଥେଟିକ୍ସ ଆଣ୍ଡ ଅର୍ଥୋପେଡିକ୍ସ (ବିପିଓ) | ୧୦+୨ ବିଜ୍ଞାନ ପିସିବି/ପିସିଏମ୍ ଓ ଇଂରାଜୀ |

**ଗୁରୁତ୍ୱପୂର୍ଣ୍ଣ ତାରିଖ**
ଅନ୍‌ଲାଇନ ଆବେଦନର ଶେଷ ତାରିଖ:
ତା୨୦।୦୬।୨୦୨୩ରିଖ (ଅପରାହ୍ନ ୫.୦୦ ଘଟିକା) ପର୍ଯ୍ୟନ୍ତ ବୃଦ୍ଧି
ପ୍ରବେଶିକା ପରୀକ୍ଷା ତାରିଖ: ୦୯।୦୭।୨୦୨୩ (ରବିବାର)

ଅଧିକ ବିବରଣୀ ପାଇଁ ଲଗ୍ ଅନ୍ କରନ୍ତୁ www.niohkol.nic.in
ସିଇଟି-୨୦୨୩ ସହାୟତା କେନ୍ଦ୍ର:
ଟେଲି. ନଂ.: ୦୩୩-୨୫୩୧୨୫୬୪, ମୋବାଇଲ: ୯୪୩୨୭୬୨୭୨୫
ଇମେଲ୍: nild.cet2023@gmail.com
CBC 38113/12/0015/2324
ଅଧ୍ୟକ୍ଷ, ସିଇଟି ୨୦୨୩

**ସର୍ବସାଧାରଣ ବିଜ୍ଞପ୍ତି**

ICICI Bank
ICICI Bank Limited

**ପଞ୍ଜୀକୃତ କାର୍ଯ୍ୟାଳୟ:** ଲ୍ୟାଣ୍ଡମାର୍କ, ରେସ୍ କୋର୍ସ ସର୍କଲ, ଭଦୋଦରା ୩୯୦୦୦୭।
**କର୍ପୋରେଟ୍ କାର୍ଯ୍ୟାଳୟ:** ଆଇସିଆଇସିଆଇ ବ୍ୟାଙ୍କ ଟାୱାର୍ସ, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ମୁମ୍ବାଇ ୪୦୦ ୦୫୧।

**ସୁନା ଇ-ନିଲାମ ତଥା ଆମନ୍ତ୍ରଣ ବିଜ୍ଞପ୍ତି**

ନିମ୍ନଦର୍ଶିତ ଋଣଗ୍ରହୀତାମାନଙ୍କୁ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ (''ଆଇସିଆଇସିଆଇ ବ୍ୟାଙ୍କ'')ଠାରୁ ସେମାନେ ହାସଲ କରିଥିବା ସୁନା ଅଳଙ୍କାର ବଦଳରେ ସୁବିଧା (''ସୁବିଧା'') ବାବଦୀୟ ବକେୟା ଅର୍ଥରାଶି ପୈଠ କରିବା ଲାଗି ନୋଟିସ ଜାରି କରାଯାଇଥିଲା। ସେମାନେ ବକେୟା ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ସେମାନଙ୍କ ଦ୍ୱାରା ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାରଗୁଡ଼ିକର ଇ-ନିଲାମ **ଜୁନ୍ ୨୦, ୨୦୨୩** ଦିନ ସଞ୍ଚାଳନ କରିବା ଲାଗି ଆମେ ବାଧ୍ୟ ହେଉଛୁ। କୌଣସି ଆଗୁଆ ନୋଟିସ ବିନା ଖାତାକୁ ଅପସାରିତ କରିବା/ଇ-ନିଲାମ ତାରିଖକୁ ବଦଳାଇବାର ପ୍ରାଧିକାର ଆଇସିଆଇସିଆଇ ବ୍ୟାଙ୍କର ରହିଛି । ନିଲାମ ଅନ୍‌ଲାଇନ୍ - **https://jewel-auction.procuretiger.com**ରେ **ଅପରାହ୍ନ ୧୨.୩୦ ଘଟିକାରୁ ୩.୩୦ ଘଟିକା** ମଧ୍ୟରେ ସଞ୍ଚାଳନ କରାଯିବ। ସବିସ୍ତୃତ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ପ୍ରଦତ୍ତ ୱେବସାଇଟ୍‌ରେ ଲଗ୍ ଇନ୍ କରନ୍ତୁ । ମୃତ ଋଣଗ୍ରହୀତାଙ୍କ କ୍ଷେତ୍ରରେ, ସମସ୍ତ ସର୍ତ୍ତାବଳୀ ଆଇନଗତ ଉତ୍ତରାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ ।

| ଋଣ ଖାତା ନଂ. | ଗ୍ରାହକଙ୍କ ନାମ |
|---|---|
| ଶାଖାର ନାମ: ଆନନ୍ଦପୁର | |
| ୭୩୭୪୦୫୦୦୦୬୮ | ଦୀପାଞ୍ଜଳି ରାଉତ |
| ଶାଖାର ନାମ: ବୌଦ୍ଧଗଡ଼, ଓଡ଼ିଶା | |
| ୩୬୮୨୦୫୦୦୦୮୬୪ | କ୍ରିଷ୍ଣଚନ୍ଦ୍ର ମହାକୁଲ |
| ଶାଖାର ନାମ: ଭେଡ଼ରିଆ, ଓଡ଼ିଶା | |
| ୩୬୭୮୦୫୦୦୪୪୭୦ | ଅବଦୁଲ ତାହିଦ |
| ଶାଖାର ନାମ: ଭୋଗରାଇ | |
| ୨୧୬୪୦୫୦୧୧୪୧୯ | ଅଂଶୁମାନ ଦଣ୍ଡପାଟ |
| ୨୧୬୪୦୫୦୧୫୧୫୩ | ସନାତନ ଦେ |
| ଶାଖାର ନାମ: ଭୁବନ | |
| ୩୨୬୬୦୫୦୦୬୮୬୩ | ସଚ୍ଚିଦାନନ୍ଦ ଭୋଇ |
| ଶାଖାର ନାମ: ଭୁବନେଶ୍ୱର | |
| ୦୦୬୧୦୫୦୨୯୫୫୯ | ଚୟନିକା ସାଇକିଆ ଦାସ |
| ଶାଖାର ନାମ: ଭୁବନେଶ୍ୱର-କଟକରୋଡ୍ | |
| ୧୫୦୦୦୦୫୦୦୫୭୦୮ | ତାପସ କୁମାର ଦାସ |
| ଶାଖାର ନାମ: ଭୁବନେଶ୍ୱର-ନୟାପଲ୍ଲୀ | |
| ୦୨୮୪୦୫୦୧୦୯୬୦ | ରଞ୍ଜନ କୁମାର ପଣ୍ଡା |
| ଶାଖାର ନାମ: ଭୁବନେଶ୍ୱର-ଖଣ୍ଡଗିରି | |
| ୧୯୭୧୦୫୦୦୨୫୪୩ | ମାନସରଞ୍ଜନ ଜେନା |
| ଶାଖାର ନାମ: ଭୁବନେଶ୍ୱର-ରସୁଲଗଡ଼ | |
| ୭୩୧୧୦୫୦୦୦୫୨୩ | ସମିମୁଦ୍ଦିନ ଶାହା |
| ଶାଖାର ନାମ: ଚଣ୍ଡିଖୋଲ | |
| ୨୦୩୪୦୫୦୧୧୯୨୮ | ସୁବ୍ରତ ସାହୁ |
| ୨୦୩୪୦୫୦୧୧୯୫୪ | କରୁଣାକର ଦାସ |
| ଶାଖାର ନାମ: ଛେଣ୍ଡିପଦା | |
| ୨୫୬୫୦୫୦୦୨୪୩୨ | ସିଲି ପ୍ରଧାନ |
| ଶାଖାର ନାମ: କଟକ-କଲେଜଛକ | |
| ୨୪୩୩୦୫୦୦୨୮୨୫ | ଚନ୍ଦନ ରାୟ |

| ଋଣ ଖାତା ନଂ. | ଗ୍ରାହକଙ୍କ ନାମ |
|---|---|
| ଶାଖାର ନାମ: ଭୁବୁରୀ | |
| ୨୦୨୩୦୫୦୦୧୬୬୬ | ଉମେଶ ଚନ୍ଦ୍ର ଲେଙ୍କା |
| ୨୦୨୩୦୫୦୦୧୬୪୮ | କମଳାକାନ୍ତ ନାୟକ |
| ଶାଖାର ନାମ: ଯାଜପୁର | |
| ୦୫୯୨୦୫୦୦୬୨୭୧ | ସୁସ୍ମିତା ମହାନ୍ତି |
| ଶାଖାର ନାମ: ଯାଜପୁର ଟାଉନ୍ | |
| ୨୧୬୨୦୫୦୦୫୭୮୩ | ମୀନତି ବେହୁରିଆ |
| ଶାଖାର ନାମ: ଜଟଣୀ | |
| ୧୯୮୫୦୫୦୦୭୫୩୧ | ସାର୍ଥକ ସଞ୍ଜୟ |
| ୧୯୮୫୦୫୦୦୬୮୬୬ | ସଞ୍ଜୟ ନାୟକ |
| ଶାଖାର ନାମ: ଯୋଡ଼ା | |
| ୦୭୭୯୦୫୦୦୫୬୭୭ | ବିସୀ ଦେବଗନ |
| ୦୭୭୯୦୫୦୦୫୯୪୯ | ପ୍ରଦୀପ କୁମାର ବାରିକ |
| ଶାଖାର ନାମ: କେନ୍ଦୁଝର | |
| ୦୪୬୯୦୫୦୦୮୮୭୮ | ଦେବାଶିଷ କୁମାର |
| ଶାଖାର ନାମ: ଖୋର୍ଦ୍ଧା | |
| ୦୪୬୪୦୫୦୧୫୫୬୨ | ରାକେଶ କୁମାର ପଟ୍ଟନାୟକ |
| ୦୪୬୪୦୫୦୧୫୫୭୧ | ରାକେଶ କୁମାର ପଟ୍ଟନାୟକ |
| ଶାଖାର ନାମ: କୋରାପୁଟ | |
| ୨୫୮୧୦୫୦୧୪୧୧୧ | ଦିଲୀପ କୁମାର ପାଢ଼ୀ |
| ଶାଖାର ନାମ: କୋସାଗୁମୁଡା | |
| ୨୭୭୩୦୫୦୦୪୫୭୧ | ରାଇଧର ଭତ୍ରା |
| ଶାଖାର ନାମ: କୃଷ୍ଣାନନ୍ଦପୁର, ଓଡ଼ିଶା | |
| ୩୨୭୩୦୫୦୦୭୧୭୩ | ଅକବରୀ ବିବି |
| ଶାଖାର ନାମ: କୁଜଙ୍ଗ | |
| ୩୦୫୩୦୫୦୧୧୯୬୦ | ଜିତେନ୍ଦ୍ର ସାହୁ |
| ଶାଖାର ନାମ: ଲମତାପୁଟ | |
| ୩୯୨୦୦୫୦୦୧୭୬୭ | ସବା ଖୁରା |

| ଋଣ ଖାତା ନଂ. | ଗ୍ରାହକଙ୍କ ନାମ |
|---|---|
| ଶାଖାର ନାମ: ପଞ୍ଚପଡ଼ା, ଓଡ଼ିଶା | |
| ୩୬୮୭୦୫୦୦୬୦୧୬ | ମୀନକେତନ ସେଠୀ |
| ଶାଖାର ନାମ: ପଟାମୁଣ୍ଡାଇ, ଓଡ଼ିଶା | |
| ୩୨୭୯୦୫୦୦୨୨୨୧ | ଏସ୍‌କେ ଗୋଲାମ ହମ୍‌ଦାନୀ |
| ଶାଖାର ନାମ: ପୁରୀ | |
| ୦୮୭୫୦୫୦୧୨୪୯୬ | ସଞ୍ଜୀବ କୁମାର ମହାନ୍ତି |
| ଶାଖାର ନାମ: ରାଜଗାଙ୍ଗପୁର | |
| ୧୪୭୧୦୫୦୦୫୮୯୯ | ସୁଶାନ୍ତ କାନ୍ତ |
| ଶାଖାର ନାମ: ରାଉରକେଲା | |
| ୦୧୯୫୦୫୦୧୨୨୪୫ | ଆବିଦ ହୁସେନ୍ |
| ୦୧୯୫୦୫୦୧୨୨୪୬ | ରେଶ୍‌ମା ପରୱିନ୍ |
| ୦୧୯୫୦୫୦୧୨୧୯୮ | କୋଣ୍ଡେ ଲକ୍ଷ୍ମୀ ସ୍ୱାମୀ |
| ଶାଖାର ନାମ: ସିମିଳିଗୁଡା | |
| ୧୬୩୨୦୫୦୨୦୬୨୩ | ବଳଭଦ୍ର ନାୟକ |
| ୧୬୩୨୦୫୦୨୪୩୧୯ | ଏମ୍ ଅନୁରାଧା |
| ଶାଖାର ନାମ: ସୁନ୍ଦରଗଡ଼ | |
| ୦୮୭୬୦୫୦୦୯୫୦୬ | ସମୀର କୁମାର ନାଏକ |
| ଶାଖାର ନାମ: ତେଲରାଇ-କାଳିମେଳା | |
| ୩୯୨୩୦୫୦୦୧୦୪୪ | ସନ୍ତାନ ସନା |
| ଶାଖାର ନାମ: ତ୍ରିଶୁଳିଆ | |
| ୩୦୫୦୦୫୦୦୦୩୧୮ | ତ୍ରିଲୋଚନ ବେହେରା |
| ୩୦୫୦୦୫୦୦୦୩୪୭ | ସାଗରିକା ବେହେରା |
| ଶାଖାର ନାମ: ଚକ୍ରଧରପୁର | |
| ୧୮୪୯୦୫୦୦୨୦୫୧ | ବିଶାଲ ବେହେରା |
| ଶାଖାର ନାମ: ନଗରନାର | |
| ୨୬୩୯୦୫୦୦୧୭୭୩ | ଉମେଶ ପୂଜାରୀ |
| ୨୬୩୯୦୫୦୦୨୧୭୯ | ରମେଶ ରନ୍ଧାରୀ |

**ତାରିଖ: ୧୦।୦୬।୨୦୨୩**
ସ୍ଥାନ: ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ଯାଜପୁର, ବରଗଡ଼, ସୁନ୍ଦରଗଡ଼, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାଉରକେଲା, କୋରାପୁଟ

ସ୍ୱା./- ପ୍ରାଧିକୃତ ଅଧିକାରୀ
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ ପାଇଁ

## ସଂକ୍ଷେପରେ

### ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ



# ପାଳିକରି ଶିକ୍ଷାଦାନ କରୁଛନ୍ତି ଶିକ୍ଷୟିତ୍ରୀ ଶିକ୍ଷକ

### ସରକାରୀ ଯୋଜନାରୁ ବଞ୍ଚିତ ଆନ୍ଧ୍ର ସୀମାନ୍ତବାସୀ ଏକାଠି ହେଲେ

## ବ୍ୟବସାୟୀଙ୍କ ଟଙ୍କା ଚୋରି କରି ଧରାପଡ଼ିଲେ ଯୁବକ

### ପାଠ ପଢ଼ିବାକୁ ସହାୟତା ଦେଲେ ସାମାଜିକ କର୍ମୀ



# ୪ଶହ ପିଲାଙ୍କୁ ଜଣେ ଅଧ୍ୟାପକ

■ ଜିଲ୍ଲାରେ କ୍ରମଶଃ ପଢ଼ିଛି ଉଚ୍ଚଶିକ୍ଷାର ମୂଲ୍ୟବତ୍ତା

■ ପ୍ରତି କଲେଜରେ ଛାତ୍ରଛାତ୍ରୀଙ୍କ ତୁଳନାରେ ଅଧ୍ୟାପକ ସଂଖ୍ୟା କମ୍

### ପୌରପାଳିକା ନୋଟିସ ପରେ ରାସ୍ତା ମଝିରୁ ହଟିଲା ବିଦ୍ୟୁତ୍ ଖୁଣ୍ଟ

## ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

## ଷ୍ଟେଟ୍‌ବ୍ୟାଙ୍କ ପକ୍ଷରୁ ବଣ୍ଡାଘାଟିରେ ୨ହଜାର ଟଙ୍କିଆ ନୋଟ୍ ଅଦଳବଦଳ



### ଜୟପୁରରୁ ରାଉରକେଲାକୁ ନୂଆ ବସ୍

### ସବୁ ଅଞ୍ଚଳର ଲୋକଙ୍କୁ ସୁବିଧାରେ ବିଦ୍ୟୁତ୍ ସେବା ମୋର ପ୍ରାଥମିକତା

## ଜୟପୁରରେ ଧାନମଣ୍ଡି ଉଦ୍‌ଘାଟିତ



## ପ୍ରଗତିକା ନନ୍ଦପୁର ବ୍ଲକ ଟପ୍ପର



### ଓର୍ଲେ ଥାନାରେ ନୂଆ ଥାନା ଅଧିକାରୀ

## ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ସମ୍ପର୍କିତ ସଚେତନତା



## ୩୪,୪୩୨ କ୍ୱିଣ୍ଟାଲ ଧାନ କିଣା ଟାର୍ଗେଟ



## ଶିଶୁ ଉଦ୍ୟାନ ଉଦ୍‌ଘାଟିତ



## ଜିଲ୍ଲାସ୍ତରୀୟ ପେନ୍‌ଚାକ୍ ସିଲାଟ୍ ଚାମ୍ପିୟନଶିପ୍ ପ୍ରତିଯୋଗିତା



# ଆନ୍ଧ୍ରରୁ ଆସିବ ରଥଟଣା ଦଉଡ଼ି

### ରଥଯାତ୍ରା ପ୍ରସ୍ତୁତି ବୈଠକ

# କାଳବୈଶାଖୀ: ଉଡ଼ିଲା ଛପର, ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟି



www.sreeleathers.com
@SreeleathersIndia @SreeleathersOfficial



#20549 ₹425/-
#20550 ₹425/-
#401102 ₹1460 /-
#206402 ₹999/-
#206406 ₹999/-
#206403 ₹999/-

Sreeleathers KOLKATA
Headquarters - Kolkata , Odisha - Bhubaneswar Asoke Nagar, Chandrasekharpur, Cuttack, Brahmapur, Rourkella WhatsApp :- +91 8420976065

**ବେଆଇନ ବାଲି ଖନନ ମାମଲା: ୭.୫ କୋଟି ଜବତ କଲା ଇଡି**

ବିହାରରେ ବେଆଇନ ବାଲି ଖନନ ଯୋଗୁ ସରକାରଙ୍କର ୨୫୦ କୋଟି ଟଙ୍କାର ରାଜସ୍ୱ ହାନି ହୋଇଛି। ଏହା ସହ ଜଡ଼ିତ ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିଭିନ୍ନ ସ୍ଥାନରେ ଚଢ଼ାଉକରି ୭.୫ କୋଟି ଟଙ୍କାର ନଗଦ ଅର୍ଥ ଓ ସ୍ଥାୟୀ ଜମାକୁ ଜବତ କରିଛି। ବ୍ରୋଡଶନ କମୋଡିଟି ପ୍ରା.ଲିଃ, ଆଦିତ୍ୟ ମଲ୍ଟିକମ୍ ପ୍ରା.ଲିଃ ଓ ଏହାର ନିର୍ଦ୍ଦେଶକ, ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଘର ଉପରେ ଚଢ଼ାଉ କରାଯାଇଥିଲା।

## ସଂକ୍ଷେପରେ

### ପାୱାରଙ୍କୁ ହତ୍ୟା ଧମକ

**ମୁମ୍ବାଇ, ୯।୬:** ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାରଙ୍କୁ ସୋସିଆଲ ମିଡିଆରେ ହତ୍ୟା ଧମକ ମିଳିଥିବା ଦଳ ପକ୍ଷରୁ ଶୁକ୍ରବାର ଅଭିଯୋଗ କରାଯାଇଛି। ଏହାକୁ ଅତ୍ୟନ୍ତ ଗୁରୁତର ସହ ନିଆଯାଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ପାୱାର ଜଣେ ବରିଷ୍ଠ ତଥା ସମ୍ମାନିତ ନେତା। ତାଙ୍କ ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକ ସତର୍କତା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଉତ୍ତେଜନା ସୃଷ୍ଟି ପାଇଁ ଜାଣିଶୁଣି ଏଭଳି ଉଦ୍ୟମ କରାଯାଉଥିବା କିଛିଦିନ ପୂର୍ବରୁ ଶିନ୍ଦେ କହିଥିଲେ। ପାୱାରଙ୍କ ଝିଅ ତଥା ଲୋକ ସଭା ସଦସ୍ୟ ସୁପ୍ରିୟା ସୁଲେଙ୍କ ନେତୃତ୍ୱରେ ଏନ୍‌ସିପିର ଏକ ପ୍ରତିନିଧି ଦଳ ମୁମ୍ବାଇ ପୋଲିସ ମୁଖ୍ୟ ବିବେକ ଫଣସାଲ୍‌କରଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଖୁବ୍‌ଶୀଘ୍ର ପାୱାରଙ୍କୁ ନରେନ୍ଦ୍ର ଡାଭୋଲକରଙ୍କ ଦଶା ଭୋଗିବାକୁ ପଡ଼ିବ ବୋଲି ଫେସ୍‌ବୁକ୍‌ରେ ୮୨ ବର୍ଷୀୟ ଏନ୍‌ସିପି ଅଧ୍ୟକ୍ଷଙ୍କୁ ବାର୍ତ୍ତା ଆସିଥିଲା ବୋଲି ପ୍ରତିନିଧି ଦଳ ପୋଲିସକୁ ଜଣାଇଛନ୍ତି। ସୂଚନାଯୋଗ୍ୟ, ଅନ୍ଧବିଶ୍ୱାସ ବିରୋଧରେ ଲଢ଼େଇ କରୁଥିବା ଡାଭୋଲକରଙ୍କୁ ୨୦୧୩ ଅଗଷ୍ଟ ୨୦ରେ ଗୁଳିକରି ହତ୍ୟା କରାଯାଇଥିଲା।


ଶରଦ ପାୱାର

### ଦିଲ୍ଲୀ ହସ୍ପିଟାଲରେ ନିଆଁ: ୨୦ ନବଜାତକ ଉଦ୍ଧାର

**ନୂଆଦିଲ୍ଲୀ, ୯।୬(ଆଇଏଏନ୍‌ଏସ୍):** ଦିଲ୍ଲୀର ଏକ ଶିଶୁ ହସ୍ପିଟାଲରେ ନିଆଁ ଲାଗିଯାଇଥିବାବେଳେ ୨୦ ଜଣ ନବଜାତକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ଗୁରୁବାର ରାତି ୧ଟା ୩୫ ମିନିଟ୍ ସମୟରେ ବୈଶାଳୀ କଲୋନିରେ ଥିବା ନ୍ୟୁବର୍ନ ଚାଇଲ୍ଡ ହସ୍ପିଟାଲରେ ନିଆଁ ଲାଗିଥିଲା। ନିଆଁଲିଭା କାର୍ଯ୍ୟରେ ୯ଟି ଦମକଳ ଗାଡ଼ିକୁ ନିୟୋଜିତ କରାଯାଇଥିଲା ବୋଲି ଦିଲ୍ଲୀ ଅଗ୍ନିସେବା ନିର୍ଦ୍ଦେଶକ ଅତୁଲ ଗର୍ଗ କହିଛନ୍ତି। ଅଗ୍ନିଶମ କର୍ମଚାରୀମାନେ ସମସ୍ତ ୨୦ ଜଣ ନବଜାତକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାରକରି ନିକଟବର୍ତ୍ତୀ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ।

# ମଣିପୁରରେ ସାନି ହିଂସା: ୩ ମୃତ

- ୬ ଏତଲା ଦାଏରକଲା ସିବିଆଇ
- ଇଣ୍ଟରନେଟ୍ ବନ୍ଦ ବିରୋଧରେ ଜରୁରୀ ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା

**ଗୁଆହାଟୀ/ନୂଆଦିଲ୍ଲୀ, ୯।୬**

ମଣିପୁର ହିଂସା ଥମିବା ନାଁ ନେଉନି। କିଛିଦିନର ନୀରବତା ପରେ ଶୁକ୍ରବାର ସେଠାରେ ସାନି ହିଂସାକାଣ୍ଡ ଦେଖାଦେଇଛି। ଏଥିରେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। କୁକି ବହୁଳ କଙ୍ଗପୋକ୍‌ପି ଜିଲା ଏବଂ ମେଇତି ବହୁଳ ଇମ୍ଫାଲ ଇଷ୍ଟ ଜିଲା ସୀମାବର୍ତ୍ତୀ ଖୋକେନ ଗ୍ରାମରେ ଭୋର ୪ଟା ସମୟରେ ଦୁଇଗୋଷ୍ଠୀ ମଧ୍ୟରେ ଗୁଳିକାଣ୍ଡ ଘଟିଥିଲା। ସେନା ପୋଷାକରେ ଅଜଣା ବନ୍ଧୁକଧାରୀମାନେ ଗ୍ରାମରେ ଧସେଇ ପଶିଥିଲେ। ସେମାନେ ତଲାସି ଅଭିଯାନରେ ଆସିଥିବା ସୈନ୍ୟ ବୋଲି ଗାଁ ଲୋକେ ଧରିନେଇଥିଲେ। କିନ୍ତୁ ସେମାନେ ହଠାତ୍ ଗୁଳି ଚଳାଇବାରୁ ଗାଁର ୩ ଜଣଙ୍କ ଜୀବନ ଯିବା ସହ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଇଣ୍ଡିଜେନିଅସ୍ ଟ୍ରାଇବାଲ ଲିଡର୍ସ ଫୋରମ୍ (ଆଇଟିଏଲ୍‌ଏଫ୍) ଏହି ଆକ୍ରମଣର ନିନ୍ଦା କରିଛି।



ମାସେରୁ ଊର୍ଦ୍ଧ୍ୱ ସମୟ ଧରି ମଣିପୁରରେ ହିଂସା ଲାଗିରହିଥିବାବେଳେ ଶତାଧିକ ଲୋକଙ୍କ ଜୀବନ ଗଲାଣି। ୩୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଘରଦ୍ୱାର ହରାଇ ଅସ୍ଥାୟୀ ଶିବିରରେ ମୁଣ୍ଡ ଗୁଞ୍ଜିଛନ୍ତି। ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ମାନ୍ୟତାକୁ ବିରୋଧ କରି ଗତ ମାସ ୩ ତାରିଖରେ କୁକି ସମ୍ପ୍ରଦାୟ ପକ୍ଷରୁ ଆଦିବାସୀ ଶୋଭାଯାତ୍ରା ବାହାର କରାଯାଇଥିବାବେଳେ ଏହା ହିଂସାର ରୂପ ନେଇଥିଲା। କେନ୍ଦ୍ରୀୟ ତଦନ୍ତକାରୀ ଟିମ୍ (ସିବିଆଇ)କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ସିବିଆଇ ୬ଟି ଏତଲା ଦାଏର କରିବା ସହ ହିଂସା ପଛର ଷଡ଼ଯନ୍ତ୍ରର ତଦନ୍ତ ଲାଗି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛି। ସାମ୍ପ୍ରଦାୟିକ ହିଂସା ଯୋଜନାବଦ୍ଧ ଥିଲା କି ନାହିଁ, ଏହା ପଛର ଷଡ଼ଯନ୍ତ୍ର ଆଦି ୬ଟି ବିଷୟର ତଦନ୍ତ କରିବାକୁ ମଣିପୁର ସରକାର ସିବିଆଇକୁ କହିଛନ୍ତି। ରାଜ୍ୟରେ ହିଂସାକାଣ୍ଡ ଘଟିବା ଦିନଠାରୁ ୩,୭୦୦ରୁ ଅଧିକ ଏତଲା ଦାଏର ହେଲାଣି। ଇମ୍ଫାଲ ଇଷ୍ଟ ଜିଲାରେ ସର୍ବାଧିକ ଏତଲା ଦାଏର ହୋଇଥିବାବେଳେ ଏହା ପଛକୁ କାଙ୍ଗପୋକ୍‌ସି ଏବଂ ବିଷ୍ଣୁପୁର ରହିଛି।

ଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ନାଗା ବିଧାୟକମାନଙ୍କ ସହ ଆଲୋଚନା କରି କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ସମ୍ପର୍କର ସେତୁ ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି। କୁକି ବିଧାୟକମାନେ ସ୍ୱତନ୍ତ୍ର ପ୍ରଶାସନ ପାଇଁ ଦାବି କରୁଥିବାବେଳେ ନାଗା ବିଧାୟକମାନେ ଏହି ଦାବିଠାରୁ ଦୂରେଇ ରହିଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ସେମାନଙ୍କୁ ମଣିପୁରରେ ଶାନ୍ତି ସ୍ଥାପନ ଲାଗି ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

ହିଂସା ପ୍ରଭାବିତ ମଣିପୁରରେ ଇଣ୍ଟରନେଟ ସେବା ବନ୍ଦ ରହିଥିବାବେଳେ ଏହାକୁ ବିରୋଧକରି ଦାଏର ପିଟିଶନ୍‌ର ଜରୁରୀ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ମଣିପୁରର ୨ ଜଣ ବ୍ୟକ୍ତି ଏହି ପିଟିଶନ ଦାଏର କରିଥିଲେ। ହାଇକୋର୍ଟରେ ଏଭଳି ଏକ ମାମଲାର ଶୁଣାଣି ସ୍ଥଗିତ ରହିଥିବା ଜଷ୍ଟିସ୍ ଅନିରୁଦ୍ଧ ବୋଷ ଏବଂ ରାଜେଶ ବିନ୍ଦଲଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି। ହାଇକୋର୍ଟରେ ମାମଲା ବିଚାରାଧୀନ ଥିବାରୁ ପୁନର୍ବାର ଶୁଣାଣିର ଆବଶ୍ୟକତା କ'ଣ ବୋଲି ଖଣ୍ଡପୀଠ ପ୍ରଶ୍ନ କରିବା ସହ ନିୟମିତ ଖଣ୍ଡପୀଠ ନିକଟରେ ଆବେଦନ କରିବାକୁ କହିଛନ୍ତି।

## ଆୟେଶା ଶ୍ରଫ୍‌ଙ୍କଠାରୁ ୫୮ ଲକ୍ଷ ଠକେଇ



**ମୁମ୍ବାଇ, ୯।୬**

ବଲିଉଡ୍‌ର ବରିଷ୍ଠ ଅଭିନେତା ଜାକି ଶ୍ରଫ୍‌ଙ୍କ ସ୍ତ୍ରୀ ଆୟେଶା ଶ୍ରଫ୍ ୫୮ ଲକ୍ଷ ଟଙ୍କା ଠକାମିର ଶିକାର ହୋଇଛନ୍ତି। ଅଭିଯୁକ୍ତ ଆଲାନ ଫର୍ନାଣ୍ଡିଜ୍‌ଙ୍କ ବିରୋଧରେ ମୁମ୍ବାଇ ସାନ୍ତାକ୍ରୁଜ୍ ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଖବର ଅନୁଯାୟୀ ଆଲେନ ଏମ୍‌ଏମ୍‌ଏ ମାଟ୍ରିକ୍ସ କମ୍ପାନୀର ନିର୍ଦ୍ଦେଶକ ଥିଲେ। ଉକ୍ତ କମ୍ପାନୀ ଟାଇଗର ଶ୍ରଫ ଓ ତାଙ୍କ ମାଆ ଆୟେଶାଙ୍କ ନାଁରେ ରହିଛି। ଭାରତ ଓ ଭାରତ ବାହାରେ ୧୧ଟି ଟୁର୍ନାମେଣ୍ଟ ଆୟୋଜନ ଲାଗି ଆଲେନ୍ କମ୍ପାନୀରୁ ବହୁ ଅର୍ଥ ନେଇଯାଇଥିବା ଅଭିଯୋଗ ହୋଇଛି।

## କୋଇଲା ଖଣି ଭୁଶୁଡ଼ି ୩ ମୃତ


ଖଣିରୁ ଉଦ୍ଧାର କାର୍ଯ୍ୟ ଚାଲିଛି

**ଧାନବାଦ, ୯।୬ :** ଝାଡ଼ଖଣ୍ଡର ଧାନବାଦ ନିକଟରେ ଥିବା ଏକ ବେଆଇନ କୋଇଲା ଖଣି ଶୁକ୍ରବାର ସକାଳେ ଭୁଶୁଡ଼ି ପଡ଼ିବାରୁ ଜଣେ ନାବାଳକଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ଭାରତ କୋକିଂ କୋଲ୍ ଲିଃର ଭୋୱରା କୋଲିଏରି ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ଉକ୍ତ ଖଣିକୁ ପୂର୍ବରୁ ବନ୍ଦ ଘୋଷଣା କରାଯାଇଥିଲେ ମଧ୍ୟ ଲୋକେ ସେଠାକୁ କୋଇଲା ସଂଗ୍ରହ କରିବାକୁ ଯାଉଥିଲେ। ଖାଦାନର କିଛି ଅଂଶ ଭୁଶୁଡ଼ି ପଡ଼ିବାରୁ ଏହା ତଳେ କେତେଜଣ ରହିଯାଇଥିଲେ। ସ୍ଥାନୀୟ ଲୋକେ ଖାଦାନ ମଧ୍ୟରୁ ୫ ଜଣଙ୍କୁ ବାହାର କରି ହସ୍ପିଟାଲକୁ ପଠାଇଥିଲେ। ସେଠାରେ ୩ ଜଣଙ୍କୁ ମୃତ ଘୋଷଣା କରାଯାଇଛି।

## ଡିଜିଟାଲ ଇଣ୍ଡିଆ ବିଲ୍: ୧୧ ପ୍ରକାର ବିଷୟବସ୍ତୁ ବ୍ୟାନ୍ ହେବ

**ନୂଆଦିଲ୍ଲୀ, ୯।୬**

ଇଣ୍ଟରନେଟ୍‌କୁ ନିୟନ୍ତ୍ରଣ କରିବା ସହ ଦେଶରେ ସାଇବର ଅପରାଧ ରୋକିବା ଲାଗି କେନ୍ଦ୍ର ସରକାର ନୂଆ ଆଇନ ଆଣିବାକୁ ଯୋଜନା କରୁଛନ୍ତି। ଡିଜିଟାଲ ଇଣ୍ଡିଆ ବିଲ୍ ଆଣିବା ପାଇଁ ବିଭିନ୍ନ ଷ୍ଟେକ୍ ହୋଲ୍ଡରଙ୍କ ସହ ସରକାର ପରାମର୍ଶ କରଥିବା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଘୋଷଣା କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଶିଶୁ ଯୌନ ଶୋଷଣ ବିଷୟବସ୍ତୁ, ଧର୍ମୀୟ ଉତ୍ତେଜକ ବିଷୟ, ହିଂସା ସୃଷ୍ଟିକାରୀ ବିଷୟ, ଭୁଲ୍ ତଥ୍ୟ ପ୍ରସାରଣ ଆଦି ୧୧ ପ୍ରକାରର ବିଷୟବସ୍ତୁ ରୋକିବା ଲାଗି ଡିଜିଟାଲ ଇଣ୍ଡିଆ ବିଲ୍‌ରେ ବ୍ୟବସ୍ଥା ରହିବ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ବ୍ୟବହାରକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଡିଜିଟାଲ ନାଗରିକମାନେ ଯେପରି କ୍ଷତିଗ୍ରସ୍ତ ନ ହେବେ, ସେହି ଅନୁଯାୟୀ ଏଆଇକୁ ନିୟନ୍ତ୍ରଣ କରାଯିବ। ଆଗାମୀ ୫ ବର୍ଷ ଯାଏ ନିଯୁକ୍ତିକୁ ନେଇ କୌଣସି ବିପଦ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

## ସରସ୍ୱତୀଙ୍କୁ ବିବାହ କରିଥିଲେ ଅଭିଯୁକ୍ତ ମନୋଜ

**ମୁମ୍ବାଇ ବୀଭତ୍ସ ହତ୍ୟା ଘଟଣା**

**ମୁମ୍ବାଇ, ୯।୬**

ମହାରାଷ୍ଟ୍ର ପୁଣେର ମୀରା ରୋଡ୍‌ସ୍ଥିତ ଗୀତାନଗରରେ ଗୁରୁବାର ଏକ ବୀଭତ୍ସ ହତ୍ୟାକାଣ୍ଡ ସାମ୍ନାକୁ ଆସିଥିଲା। ୫୬ ବର୍ଷୀୟ ମନୋଜ ସାନେ ତାଙ୍କ ଲିଭ୍-ଇନ୍ ପାର୍ଟନର ସରସ୍ୱତୀ ବୈଦ୍ୟଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଖଣ୍ଡ ଖଣ୍ଡ କରି ପ୍ରେସର କୁକରରେ ସିଝାଇ କୁକୁରଙ୍କୁ ଖାଇବାକୁ ଦେଇଥିଲେ। ମନୋଜଙ୍କ ଘରୁ ଦୁର୍ଗନ୍ଧ ଆସିବା ପରେ ହତ୍ୟାକାଣ୍ଡ ସମ୍ପର୍କରେ ଜଣାପଡ଼ିଥିଲା। ୩୨ ବର୍ଷୀୟା ସରସ୍ୱତୀ ବୈଦ୍ୟ ଓ ମନୋଜ ସାନେ ଠାଣେ ମୀରା-ଭୟଣ୍ଡର ଅଞ୍ଚଳର ଏକ କୋଠାରେ ୩ ବର୍ଷ ହେଲା ଭଡ଼ାରେ ରହିଆସୁଥିଲେ। ସେମାନେ ଏକ ମନ୍ଦିରରେ ପରସ୍ପରକୁ ବିବାହ କରିଥିଲେ ବୋଲି ପୋଲିସ ଶୁକ୍ରବାର କହିଛି। ସରସ୍ୱତୀଙ୍କ ନିଜ ବିବାହ ସମ୍ପର୍କରେ ତାଙ୍କର ୩ ଭଉଣୀଙ୍କୁ କହିଥିଲେ। ତେବେ ବୟସରେ ତାରତମ୍ୟ କାରଣରୁ ସେମାନେ ଉକ୍ତ ବିବାହ ସମ୍ପର୍କରେ ବାହାରେ ପ୍ରକାଶ କରୁ ନ ଥିଲେ ବୋଲି ପୋଲିସ ଅଧିକାରୀ ଜୟନ୍ତ ବାବାଲେ କହିଛନ୍ତି। ମନୋଜ ତାଙ୍କର ମାମୁ ବୋଲି ସରସ୍ୱତୀ ବାହାର ଲୋକଙ୍କୁ କହୁଥିଲେ।


ମନୋଜ ସାନେ ସରସ୍ୱତୀ ବୈଦ୍ୟ

ଅନ୍ୟପକ୍ଷରେ ସରସ୍ୱରୀ ଜୁନ୍ ୩ରେ ବିଷ ପିଇ ଆତ୍ମହତ୍ୟା କରିଥିଲେ ବୋଲି ମନୋଜ ଜେରା ବେଳେ ପୋଲିସକୁ କହିଛନ୍ତି। ଏଥିରେ ମନୋଜ ଡରିଯାଇଥିଲେ। ପୋଲିସ ତାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବ ସେ ଆଶଙ୍କା କରିଥିଲେ। ତେଣୁ ପ୍ରମାଣ ନଷ୍ଟ କରିବା ପାଇଁ ସେ ମୃତଦେହକୁ ଖଣ୍ଡଖଣ୍ଡ କରି କୁକରରେ ସିଝାଇଥିଲେ ବୋଲି ପୋଲିସକୁ କହିଛନ୍ତି। ପୋଲିସ ମନୋଜଙ୍କୁ ଗିରଫ କରି ୧୬ ତାରିଖ ଯାଏ ହାଜତକୁ ନେଇଛି।

## ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରେ ପରିବର୍ତ୍ତନକୁ ବିରୋଧ

**ନାଁ ବାଦ୍ ଦେବାକୁ ଉପଦେଷ୍ଟାଙ୍କ ଦାବି**

**ନୂଆଦିଲ୍ଲୀ, ୯।୬(ପି.ଟି.)**

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ନିକଟରେ ସ୍କୁଲ ପାଠ୍ୟପୁସ୍ତକଗୁଡ଼ିକରୁ ବହୁ ବିଷୟ ଅଯଥା କାଟିଦେବା ଓ ହଟାଇଦେଇଥିବାରୁ ପୁସ୍ତକର ଉପଦେଷ୍ଟାମାନେ ଏହାର ପ୍ରତିବାଦ କରିଛନ୍ତି। ୨୦୦୬-୦୭ରେ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ପ୍ରଥମେ ପ୍ରକାଶିତ ରାଜନୀତି ବିଜ୍ଞାନ ପୁସ୍ତକର ମୁଖ୍ୟ ଉପଦେଷ୍ଟା ଥିବା ସୁହାସ ପାଲଶିକର ଏବଂ ଯୋଗେନ୍ଦ୍ର ଯାଦବ ଏନ୍‌ସିଇଆର୍‌ଟିକୁ ପତ୍ର ଲେଖି ବର୍ତ୍ତମାନର ପାଠ୍ୟପୁସ୍ତକରୁ ସେମାନଙ୍କ ନାଁ ବାଦ୍ ଦେବାକୁ ଅନୁରୋଧ କରିଛନ୍ତି। ରାଜନୀତି ବିଜ୍ଞାନ ପୁସ୍ତକରୁ ୨୦୦୨ ଗୁଜରାଟ ଦଙ୍ଗା ସମ୍ପର୍କିତ ବିଷୟକୁ ବାଦ୍ ଦିଆଯାଇଥିବାବେଳେ ମୋଗଲ ଯୁଗ ଏବଂ ଜାତିପ୍ରଥା ବିଷୟକୁ କାଟ୍‌ଛାଣ୍ଟ କରାଯାଇଛି। ପୁସ୍ତକରେ ମନଇଚ୍ଛା ପରିବର୍ତ୍ତନ ସେମାନଙ୍କୁ ଲଜ୍ଜିତ କରିଥିବା ଉପଦେଷ୍ଟାମାନେ କହିଛନ୍ତି। ପାଲଶିକର ଜଣେ ଶିକ୍ଷାବିତ୍ ଏବଂ ରାଜନୀତି ବିଜ୍ଞାନ ବିଶାରଦ। ଯାଦବ ରାଜନୀତି ବିଜ୍ଞାନୀ ଓ ସ୍ୱରାଜ ଇଣ୍ଡିଆ ନେତା। ସେମାନଙ୍କ ସହ କୌଣସି ପରାମର୍ଶ ନ କରି ଏନ୍‌ସିଆର୍‌ଟି ପାଠ୍ୟପୁସ୍ତକରେ ପରିବର୍ତ୍ତନ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ପାଠ୍ୟପୁସ୍ତକରୁ ବିଭିନ୍ନ ବିଷୟକୁ ବାଦ୍ ଦିଆଯିବାକୁ ନେଇ ଏନ୍‌ସିଇଆର୍‌ଟି ବିବାଦ ମଧ୍ୟରେ ରହିଛି। ଶିକ୍ଷାବିତ୍ ଏବଂ ରାଜନେତାମାନେ ଏହାକୁ ବିରୋଧ କରିଆସୁଛନ୍ତି।


ସୁହାସ ପାଲଶିକର


ଯୋଗେନ୍ଦ୍ର ଯାଦବ

## ଭାରତରେ ୧୦.୧ କୋଟି ମଧୁମେହ ଆକ୍ରାନ୍ତ

**ନୂଆଦିଲ୍ଲୀ, ୯।୬(ଆଇଏଏନ୍‌ଏସ୍)**

ଭାରତରେ ୩୧ କୋଟି ୫୦ ଲକ୍ଷ ଲୋକଙ୍କର ଉଚ୍ଚ ରକ୍ତଚାପ ରହିଥିବାବେଳେ ୧୦ କୋଟି ୧୦ ଲକ୍ଷ ଲୋକ ମଧୁମେହ ଆକ୍ରାନ୍ତ। ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। ଦି ଲାନ୍‌ସେଟ୍ ଡାଇବେଟିସ୍ ଆଣ୍ଡ ଏଣ୍ଡୋକ୍ରିନୋଲୋଜିରେ ଉକ୍ତ ଅଧ୍ୟୟନ ପ୍ରକାଶ ପାଇଛି। ଉକ୍ତ ଅଧ୍ୟୟନ ଅନୁଯାୟୀ ୧୩.୬ କୋଟି ଭାରତୀୟଙ୍କଠାରେ ପ୍ରାକ୍ ମଧୁମେହ ଦେଖାଦେଇଥିବାବେଳେ ୨୧.୩ କୋଟିଙ୍କଠାରେ ଉଚ୍ଚ କୋଲେଷ୍ଟରଲ, ୧୮.୫ କୋଟିଙ୍କଠାରେ ଉଚ୍ଚ ଏଲ୍‌ଡିଏଲ୍ କୋଲେଷ୍ଟରଲ ରହିଛି। ସେହିପରି ୨୫.୪ କୋଟିଙ୍କଠାରେ ସାଧାରଣ ମୋଟାପଣ ରହିଥିବାବେଳେ ୩୫.୧ କୋଟି ମେଦବହୁଳତାରେ ଆକ୍ରାନ୍ତ।




୨୦୦୮ରୁ ୨୦୨୦ ମଧ୍ୟରେ ସାରା ଦେଶରୁ ମୋଟ ୨୦ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ୧,୧୩,୦୪୩ ଜଣଙ୍କ ଉପରେ ଆଇସିଏମ୍‌ଆର୍- ଇଣ୍ଡିଆ ଡାଇବେଟିସ୍ (ଆଇସିଏମ୍‌ଆର-ଆଇଏନ୍‌ଡିଆଇଏବି) ଅଧ୍ୟୟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୩,୫୩୭ ସହରାଞ୍ଚଳର ହୋଇଥିବାବେଳେ ୭୯,୫୦୬ ଜଣ ଗ୍ରାମାଞ୍ଚଳ ଲୋକ। ଭାରତରେ ଅଣସଂକ୍ରାମକ ରୋଗ (ଏନ୍‌ସିଡି)ର ଦ୍ରୁତ ବୃଦ୍ଧି ଘଟୁଛି। ତେବେ ବିଭିନ୍ନ ଅଞ୍ଚଳରେ ଏହାର ପ୍ରସାରଣରେ ଭିନ୍ନତା ରହିଛି। ପ୍ରାକ୍ ମଧୁମେହ ବ୍ୟତୀତ ମେଦବହୁଳତା, ଉଚ୍ଚ ରକ୍ତଚାପ ଏବଂ ଡାଇସ୍ଲିପିଡେମିଆ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଅଧିକ ବ୍ୟାପୁଛି। ନିମ୍ନ ମାନବୀୟ ବିକାଶ ସୂଚକାଙ୍କ ଥିବା ଅଧିକାଂଶ ରାଜ୍ୟରେ ଡାଇବେଟିସ୍ ଓ ପ୍ରିଡାଇବେଟିସ୍ ଅନୁପାତ ୧ରୁ କମ୍ ରହିଛି। ଅନ୍ୟ ରାଜ୍ୟ ତୁଳନାରେ କେରଳ, ପଣ୍ଡିଚେରି, ଗୋଆ, ସିକିମ୍ ଏବଂ ପଞ୍ଜାବରେ ଅଣସଂକ୍ରାମକ ରୋଗ ଅଧିକ ବ୍ୟାପୁଥିବା ଅଧ୍ୟୟନରୁ ଜଣାପଡ଼ିଛି। ଭାରତର ଦକ୍ଷିଣ ଓ ଉତ୍ତରାଞ୍ଚଳରେ ଅଧିକ ମଧୁମେହ ବ୍ୟାପୁଥିବା ଦେଖାଦେଇଛି। ସହରାଞ୍ଚଳରେ ଏହାର ମାତ୍ରା ଅଧିକ। କେନ୍ଦ୍ରୀୟ ଏବଂ ଉତ୍ତରପୂର୍ବାଞ୍ଚଳରେ ମହୁମେହ ଆକ୍ରାନ୍ତଙ୍କ ସଂଖ୍ୟା କମ୍ ରହିଛି। କେନ୍ଦ୍ରୀୟ ଭାରତକୁ ବାଦ୍ ଦେଲେ ସାରା ଦେଶରେ ବିଶେଷକରି ସହରାଞ୍ଚଳରେ ଉକ୍ତ ରକ୍ତଚାପ ରୋଗୀଙ୍କ ସଂଖ୍ୟା ଅଧିକ।

**୩୧.୫ କୋଟିଙ୍କଠାରେ ଉଚ୍ଚ ରକ୍ତଚାପ**

**ଫୁର୍‌ସତ୍**

## ସୋସିଆଲ ମିଡିଆରୁ କାଜଲଙ୍କ ବିରତି



**ମୁମ୍ବାଇ:** ବର୍ତ୍ତମାନ ସମୟରେ ସମସ୍ତଙ୍କ ପାଇଁ ସୋସିଆଲ ମିଡିଆ ନିତାନ୍ତ ଆବଶ୍ୟକ ହୋଇଗଲାଣି। ଏହି ସମୟରେ ବଲିଉଡ୍ ଅଭିନେତ୍ରୀ କାଜଲ ଶୁକ୍ରବାର ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଏହି ପୋଷ୍ଟ ଜରିଆରେ ସେ ସୋସିଆଲ ମିଡିଆରୁ ବିରତି ନେଉଛନ୍ତି ବୋଲି ଜଣାଇଛନ୍ତି। ସେ ତାଙ୍କର ସମସ୍ତ ଫଟୋକୁ ଇନ୍‌ଷ୍ଟାଗ୍ରାମ୍‌ରୁ ହଟାଇ ଦେଇଛନ୍ତି। ଏଥିସହ ସୋସିଆଲ ମିଡିଆ ଆକାଉଣ୍ଟକୁ ନିଷ୍କ୍ରିୟ କରି କିଛି ସମୟ ପାଇଁ ବିରତି ନେଇଛନ୍ତି। ତାଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ କେବଳ ଗୋଟିଏ ପୋଷ୍ଟ ଅଛି। ସେଥିରେ ଲେଖାହୋଇଛି, 'ମୋ ଜୀବନର ସବୁଠାରୁ କଠିନ ପରୀକ୍ଷଣର ସମ୍ମୁଖୀନ କରୁଛି।' କ୍ୟାପ୍ସନରେ ସେ ସୋସିଆଲ ମିଡିଆରୁ ବିରତି ନେଉଥିବା ଲେଖାହୋଇଛି। ହେଲେ ସେ କାହିଁକି ବିରତି ନେଉଛନ୍ତି, ତାହା ଜଣାପଡିନାହିଁ। ତେବେ ପ୍ରଶଂସକମାନେ କହୁଛନ୍ତି ଯେ ଏହା ତାଙ୍କ ଆଗାମୀ ପ୍ରୋଜେକ୍ଟ 'ଦି ଗୁଡ୍ ୱାଇଫ୍' ପାଇଁ ପ୍ରମୋଶନ ଯୋଜନା। ଏଥିରେ ଅନେକ ପ୍ରଶଂସକ ଅଭିନେତ୍ରୀ କାଜଲଙ୍କୁ ସମର୍ଥନ ଜଣାଇଛନ୍ତି। ଜଣେ ଲେଖିଛନ୍ତି, ଆପଣଙ୍କ ଅପେକ୍ଷାରେ ରହିଲୁ। ତେବେ ସେ ୧୯୯୨ରୁ ଚଳଚ୍ଚିତ୍ର 'ବେଖୁଦି' ଜରିଆରେ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ତାଙ୍କର ଅନେକ ହିଟ୍ ଫିଲ୍ମ ପ୍ରଶଂସକଙ୍କୁ ଭେଟି ଦେଇଛନ୍ତି। ଶେଷଥର ପାଇଁ ତାଙ୍କୁ ମୁଭି ସଲାମ 'ଭେଙ୍କି'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କର ଏକ ଫିଲ୍ମ 'ଲଷ୍ଟ ଷ୍ଟୋରି ୨' ଆସନ୍ତା ୨୯ରେ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହେବାକୁ ଯାଉଛି। ଏଥିସହ ସେ ଟେଲିଭିଜନରେ ମଧ୍ୟ ଅଭିନୟ କରିଛନ୍ତି।

## ରୋବୋ କରୁଛି ଶ୍ୱାସକ୍ରିୟା

**ୱାଶିଂଟନ**

କିଛି ବର୍ଷ ପୂର୍ବେ ରୋବୋକୁ ମେଶିନ ଭଳି ବ୍ୟବହାର କରାଯାଉଥିଲା, ଯାହା ଓଜନଦାର ଲୁହା ଭଳି ଥିଲା। ତାକୁ କେବଳ ବୈଜ୍ଞାନିକମାନେ ହିଁ ବ୍ୟବହାର କରୁଥିଲେ। ହେଲେ ସମୟ ସହିତ ରୋବଟ୍‌କୁ ଆଡଭାନ୍ସ କରାଗଲା। ଏବେ ରୋବଟ୍ ପାଇଁ ମଣିଷଙ୍କ କାମ ସହଜ ହୋଇଗଲାଣି। ବର୍ତ୍ତମାନ ସମୟରେ ଅନେକ ଫ୍ୟାକ୍ଟ୍ରି ରହିଛି, ଯେଉଁଠାରେ ରୋବଟ୍‌ର ବ୍ୟବହାର କରାଯାଏ। ଯେଉଁ କାମ କରିବାକୁ ମଣିଷକୁ ବହୁତ ପରିଶ୍ରମ କରିବାକୁ ପଡୁଥିଲା, ତାହା ଏବେ ରୋବଟ୍ ଅତି ସହଜରେ କରୁଛି। କିଛିଦିନ ଆଗରୁ ରୋବଟ୍ ଲୋକଙ୍କ ଭଳି ଏକ୍ସପ୍ରେଶନ ଦେଉଥିବା ଖବର ଶୁଣିବାକୁ ମିଳିଥିଲା। ହେଲେ ଏବେ ବୈଜ୍ଞାନିକ ଏପରି ଏକ ରୋବଟ୍ ପ୍ରସ୍ତୁତ କରିଛନ୍ତି, ଯାହା ମଣିଷଙ୍କ ଭଳି ଶ୍ୱାସକ୍ରିୟା କରୁଛି। ବୈଜ୍ଞାନିକମାନେ ଏହାର ନାମ ଆଣ୍ଡି ବୋଲି ରଖିଛନ୍ତି। ଆଣ୍ଡି ବିଶ୍ୱର ଏପରି ଏକ ରୋବଟ୍, ଯାହାର ଦେହରୁ ଝାଳ ବାହାରିବା ସହ ଶୀତରେ କମ୍ପନ ହେବା ଭଳି ଆଡଭାନ୍ସ ଫିଚର ରହିଛି। ଏହି ରୋବୋକୁ ଆମେରିକାର ଆରିଜୋନା ଷ୍ଟେଟ ୟୁନିଭର୍ସିଟିର ବୈଜ୍ଞାନିକମାନେ ପ୍ରସ୍ତୁତ କରିଛନ୍ତି। ଏଥିରେ ବହୁ ରୋବଟ୍‌ଙ୍କୁ ସାମିଲ କରାଯାଇଥିଲା। ଏହି ଥର୍ମାଲ ରୋବଟ୍‌ରେ ଏପରି ଫିଚର୍ସ ରଖାଯାଇଛି, ଯାହା କୌଣସି ମଣିଷଠାରୁ ମଧ୍ୟ କମ୍ ନୁହେଁ। ଆଣ୍ଡିର ଦେହରେ ୩୫ ପରସ୍ତ ସ୍କିନ ଲଗାଯାଇଛି। ବୈଜ୍ଞାନିକମାନେ ଏହାର ୧୦ଟି ରୋବୋ ପ୍ରସ୍ତୁତ କରିଛନ୍ତି। ଏହି ପ୍ରୋଜେକ୍ଟର ହେଡ୍ କନ୍‌ରାଡ ରିକାକ୍‌ଜେଓସ୍କି କହିଛନ୍ତି, ଏହି ରୋବୋ ପ୍ରସ୍ତୁତିର ଉଦ୍ଦେଶ୍ୟ ଭୀଷଣ ଗରମରେ ମଣିଷ ଶରୀରର ଅବସ୍ଥା ବିଷୟରେ ଜାଣିବା। ଏଥିସହ ଏହି ରୋବୋ ମାଧ୍ୟମରେ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ବୁଝିବାକୁ ସହଜ ହେବ।



**ସଂକ୍ଷେପରେ**

## ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କର୍ମଶାଳା

ରାୟଗଡ଼ା ଅଫିସ,୯।୬ : ଜୟରାମଗୁଡ଼ା ସ୍ଥିତ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟଠାରେ ଶୁକ୍ରବାର ଜି-୨୦ ଜନଭାଗିଦାରୀ କ୍ରିୟାକଳାପ ଅନ୍ତର୍ଗତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଏକ ଅନଲାଇନ କାର୍ଯ୍ୟଶାଳା ( ଏଫ.ଏଲ. ଏନ. ୱାର୍କସପ) ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡ଼. ରମେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ମହତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଶ୍ରୀ ଯୋଗେଶ୍ୱରୀ ବର୍ତ୍ତମାନ ପରିପ୍ରେକ୍ଷୀରେ ଶିକ୍ଷାନୀତି-୨୦୨୦ ଓ ଏଫ.ଏଲ. ଏନ.ର ଗୁରୁତ୍ୱ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଶିକ୍ଷକ ମହେନ୍ଦ୍ର ବରାଇ ଭାଷା-ଜ୍ଞାନର ଗୁରୁତ୍ୱ ଓ ପ୍ରାଥମିକସ୍ତରରେ ଭାଷା ଶିକ୍ଷାର କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଶିକ୍ଷୟିତ୍ରୀ ମାନସୀ ବିଶୋଇ ପ୍ରାଥମିକ ସ୍ତରରେ ଗଣିତ ଶିକ୍ଷାର ଗୁରୁତ୍ୱ ଓ କୌଶଳ ସମ୍ପର୍କରେ ଆଲୋଚନା କରି ଦୈନନ୍ଦିନ ଜୀବନରେ ଗଣିତ ଜ୍ଞାନ କିପରି ଅପରିହାର୍ଯ୍ୟ ତାହା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ଓ ଜିଲାର ଅନ୍ୟାନ୍ୟ ବିଦ୍ୟାଳୟରୁ ଚୟନ ହୋଇଥିବା ପ୍ରାୟ ୩୦ ଜଣ ଶିକ୍ଷାବିତ୍ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କର୍ମଶାଳାରେ ଯୋଗଦେଇ ଶିକ୍ଷାନୀତି-୨୦୨୦ ଓ ଏଫ.ଏଲ. ଏନ. କାର୍ଯ୍ୟକ୍ରମକୁ ସଠିକ ରୂପେ କାର୍ଯ୍ୟକାରୀ କରିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ପ୍ରକୃତ ବିକାଶ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ବୈଭବ ଜୈନ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ତଦାରଖ ସହ ଏଫ.ଏଲ.ଏନ. କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

## ଖବରଦାତାଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି

ମୁନିଗୁଡ଼ା,୯।୬ (ଡି.ଏନ୍.ଏ) - ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକର ବରିଷ୍ଠ ଖବରଦାତା ତଥା ମୁନିଗୁଡ଼ା ପ୍ରେସ କ୍ଲବର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ, ସାଧାରଣ ସମ୍ପାଦକ ସ୍ୱର୍ଗତ ନିରଞ୍ଜନ ସାହୁଙ୍କୁ ସ୍ଥାନୀୟ ସୁଭଦ୍ରା-ସୌଣ୍ଡିକ ମଙ୍ଗଳ ଭବନ ପରିସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଅବସରରେ ପ୍ରେସ କ୍ଲବର ସମସ୍ତ ସଦସ୍ୟ, ମୁନିଗୁଡ଼ା ବିକାଶ ପରିଷଦ, ବଜରଙ୍ଗ ଦଳ, ବ୍ୟବସାୟିକ ସଂଘ ଓ ସାଧାରଣ ନାଗରିକଙ୍କ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରେସ କ୍ଲବର ସଭାପତି ରାଜୀବ ଲୋଚନ ଦାସଙ୍କ ସଭାପତିତ୍ୱ ଓ ସହ ସମ୍ପାଦକ ନନ୍ଦକିଶୋର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଷମକଟକ ମହାବିଦ୍ୟାଳୟର ଅଧକ୍ଷ ଅଶ୍ୱିନୀ କୁମାର ପଣ୍ଡା, ସମ୍ମାନିତ ଅତିଥି ପ୍ରେସ କ୍ଲବର ଉପଦେଷ୍ଟା ରାମଚନ୍ଦ୍ର ବେହେରା,ବ୍ରାହ୍ମଣ ସମାଜ ସମ୍ପାଦକ ରାମକୃଷ୍ଣ ପଣ୍ଡା, ସ୍ତମ୍ଭକାର ମନୋରଞ୍ଜନ ଦଳାଇ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ କରି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ । ତାଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଶିଶୁଶ୍ରମିକ ମୁକ୍ତ ଜିଲା ଭାବେ ଗଢ଼ିତୋଳିବାକୁ ଆହ୍ୱାନ

ରାୟଗଡ଼ା ଅଫିସ,୯।୬


ରାୟଗଡ଼ାରେ ଶିଶୁଶ୍ରମିକ ନିରାକରଣ ନିମନ୍ତେ ସଚେତନତା ପଦଯାତ୍ରା ।

ରାୟଗଡ଼ା ଜିଲା ଶ୍ରମ ବିଭାଗ ଓ ଜିଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ଉଦ୍ୟମରେ ରାୟଗଡ଼ାଠାରେ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ସଚେତନତା ପଦଯାତ୍ରା ଶୁକ୍ରବାର ଆୟୋଜିତ ହୋଇଯାଇଛି। ସହରର କୋରାପୁଟ ଛକଠାରୁ ଏହି ପଦଯାତ୍ରା ଆରମ୍ଭ ହୋଇ ଆର.କେ ନଗର, ଡାକ୍ତରଖାନା ଛକ, ମୁଖ୍ୟ ବଜାର, ମୁଖ୍ୟ ସଡକ, ବସ ଷ୍ଟାଣ୍ଡ ପ୍ରମୁଖ ଅଞ୍ଚଳ ଦେଇ କୋରାପୁଟ ଛକଠାରେ ପହଞ୍ଚି ଥିଲା। ଏଥିରେ ଜିଲା ଶ୍ରମ ଅଧିକାରୀ ଜସ୍ମିନ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ଆକ୍ସନ ଏଡର ଜିଲା ସଂଯୋଜକ ରତ୍ନେଶ୍ୱର ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ନିର୍ମାଣ ଶ୍ରମିକ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ରାୟଗଡ଼ା ଶିଶୁ ବିକାଶ ପ୍ରକଳ୍ପର ପରିଦର୍ଶିକା ଗୀତାଞ୍ଜଳି ପାଢୀ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇ ଥିଲେ । ଶିଶୁ ଶ୍ରମିକ ପ୍ରଥା ବନ୍ଦ କରିବା, ୬ ରୁ ୧୪ ବର୍ଷର ସମସ୍ତ ଶିଶୁଙ୍କୁ ନିୟମିତ ବିଦ୍ୟାଳୟକୁ ପଠାଇବା ଓ ସର୍ବୋପରି ରାୟଗଡ଼ା ଜିଲାକୁ ଶିଶୁ ଶ୍ରମିକ ମୁକ୍ତ ଜିଲା ଭାବେ ଗଢ଼ି ତୋଳିବା ନିମନ୍ତେ ସଂକଳ୍ପ ନେବା ପାଇଁ ଆହ୍ୱାନ ଦେଇଥିଲେ। ତେବେ ଏହି ସଚେତନତା କାର୍ଯ୍ୟକ୍ରମ ଏକ ମାସ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜିଲା ଶ୍ରମ ଅଧିକାରୀ ଜସ୍ମିନ ସାହୁ କହିଛନ୍ତି। ଯଦି କୌଣସି ସ୍ଥାନରେ ଶିଶୁ ଶ୍ରମିକ ନିୟୋଜିତ ହୋଇଥାନ୍ତି ତେବେ ନିଯୁକ୍ତି ଦେଇଥିବା ବ୍ୟକ୍ତି ବା ଅନୁଷ୍ଠାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ନାୟକ କହିଥିଲେ ଯେ, ଏହି ସଚେତନତା କାର୍ଯ୍ୟକ୍ରମ ପରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ଯଦି କୌଣସି ସ୍ଥାନରେ ଶିଶୁ ଶ୍ରମିକ ଚିହ୍ନଟ ହୁଅନ୍ତି ତେବେ ଆଇନ ଅନୁସାରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ।

## ବିଜୟ ଗମାଙ୍ଗ ରାୟଗଡ଼ା ଜିଲା କଂଗ୍ରେସ ସଭାପତି



ରାୟଗଡ଼ା,ଗୁଣପୁର୯।୬(ସ୍ୱ.ପ୍ର./ଡି. ଏନ.ଏ) ଏଆଇସିସି ପକ୍ଷରୁ ଶୁକ୍ରବାର ରାଜ୍ୟର ୧୦ଟି ଜିଲାର ଜିଲା ସଭାପତିଙ୍କ ନାଁ ଘୋଷଣା କରାଯାଇଛି। ରାୟଗଡ଼ା ଜିଲାର ବରିଷ୍ଠ କଂଗ୍ରେସ ନେତା ବିଜୟ ଗମାଙ୍ଗଙ୍କୁ ଜିଲା କଂଗ୍ରେସ ସଭାପତି ଭାବେ ବିଧିବଦ୍ଧ ଘୋଷଣା କରାଯାଇଛି । ଫଳରେ ଦୀର୍ଘ ଦିନ ଧରି ଏହି ପଦବୀ ପାଇଁ ଲାଗି ରହିଥିବା ଛକାପଞ୍ଝାର ପୂର୍ଣ୍ଣଚ୍ଛେଦ ପଡ଼ିଛି । ବିଜୟ ଦୀର୍ଘ ଦଶନ୍ଧି ଧରି କଂଗ୍ରେସ ଦଳ ସହ ଜଡ଼ିତ ଥିଲେ । ଛାତ୍ର ଜୀବନରେ ୧୯୭୮ ସେ କୋରାପୁଟ ଡିଏଭି କଲେଜ ର ସଭାପତି ରହିଥିଲେ । ୧୯୮୫ରେ ସେ କଂଗ୍ରେସରେ ଯୋଗ ଦେଇଥିଲେ । ୧୯୯୭ରେ ଜିଲା ପରିଷଦର ଅଧକ୍ଷ ଥିଲେ । ତାଙ୍କ ପତ୍ନୀ କେତକୀ ଗମାଙ୍ଗ ମଧ୍ୟ ଜିଲା ପରିଷଦ ଅଧକ୍ଷା ରହିଥିଲେ । ତାଙ୍କ ବଡ ଭାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ ଦଳ ଛାଡିଥିଲେ ମଧ୍ୟ ସେ କଂଗ୍ରେସରେ ରହିଥିଲେ । ବର୍ତ୍ତମାନ ବିଜୟଙ୍କୁ କଂଗ୍ରେସର ଜିଲା ସଭାପତି ଦାୟିତ୍ୱ ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ପ୍ରକାଶ ଥାଉକି, ଦୁର୍ଗା ପ୍ରସାଦ ପଣ୍ଡା ପିସିସି ସାଧାରଣ ସମ୍ପାଦକ ଭାବେ ମନୋନୀତ ହେବା ପରେ ଜିଲା କଂଗ୍ରେସ ସଭାପତି ପଦବୀ ଖାଲି ରହିଥିଲା । ଅପରପକ୍ଷେ ଜିଲା କଂଗ୍ରେସ ସଭାପତି ବଦଳିବା ପରେ ସାଂସଦ ସପ୍ତଗିରି ଓ ନୂତନ ଜିଲା ସଭାପତି ବିଜୟଙ୍କ ନେତୃତ୍ୱରେ କଂଗ୍ରେସ ଦଳର ପୁନରୁଦ୍ଧାର ହେବାର ସମ୍ଭାବନା ରହିଛି ବୋଲି କଂଗ୍ରେସ କର୍ମୀ ମହଲରେ ଚର୍ଚ୍ଚା ହେଉଛି । ବିଜୟ ଗମାଙ୍ଗ ଆଗାମୀ ଦିନରେ ଦଳକୁ ସୂଚାରୁ ରୂପେ ପରିଚାଳିତ କରିବା ସହ ସଂଗଠନକୁ ଆହୁରି ସୁଦୃଢ଼ କରିବେ ବୋଲି କୁହାଯାଉଛି।

## 'ବେଟୀ ବଞ୍ଚାଓ, ବେଟୀ ପଢ଼ାଓ' ଯୋଜନା ଲୋଗୋ ଲୋକାର୍ପିତ

କୋରାପୁଟ,୯।୬ (ସ୍ୱ.ପ୍ର.)

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ଗୁରୁବାର ବେଟି ବଞ୍ଚାଅ, ବେଟି ପଢ଼ାଅ ଯୋଜନାର ଲୋଗୋ ଲୋକାର୍ପିତ ହୋଇଯାଇଛି। ଝିଅଙ୍କ ସୁରକ୍ଷା, ବିକାଶ ନେଇ କେନ୍ଦ୍ର ସରକାର ୨୦୧୫ରେ ଯୋଜନା ପ୍ରଣୟନ କରିଥିଲେ। କନ୍ୟା ଭ୍ରୂଣ ହତ୍ୟା ବନ୍ଦ, ଲିଙ୍ଗ ନିରୂପଣ ବନ୍ଦ, ପୁଷ୍ଟିହୀନତା ରୋକିବା, ବାଲ୍ୟବିବାହ ବନ୍ଦ, ସେମାନଙ୍କ ବିକାଶ ନେଇ ଉତ୍ତମ ପରିବେଶ ସୃଷ୍ଟିକରିବା ଶିକ୍ଷା ଦିଗରେ ସେମାନଙ୍କୁ ଆଗକୁ ନେବା ଏବଂ ସ୍ୱାବଲମ୍ବୀ କରିବା ଦିଗରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏ ନେଇ ଏକ ଲୋଗୋ ଲୋକାର୍ପିତ ହୋଇଛି। ଡିଏସ୍‌ପି ଗୁଣନିଧି ମଲିକ କନ୍ୟା ସୁରକ୍ଷା ନେଇ ଥିବା ଆଇନ ସମ୍ପର୍କରେ ମତ ଦେଇଛନ୍ତି।

# ଚଳିତ ଶିକ୍ଷାବର୍ଷରୁ ଆରମ୍ଭ ହେବ ଯୁକ୍ତ ୨ ବିଜ୍ଞାନ ପାଠ୍ୟକ୍ରମ

**ମୁନିଗୁଡ଼ା ଜୁନିୟର କଲେଜ**

ମୁନିଗୁଡ଼ା,୯।୬ (ଡି.ଏନ୍.ଏ): ୨୦୨୩-୨୦୨୪ ଶିକ୍ଷା ବର୍ଷରୁ ମୁନିଗୁଡ଼ା ଜୁନିୟର କଲେଜରେ +୨ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ୧୯୮୭ ରୁ ପ୍ରତିଷ୍ଠା ହୋଇଥିବା ମୁନିଗୁଡ଼ା ଜୁନିୟର କଲେଜରେ +୨ କଳା ବିଭାଗ ଥିବାବେଳେ ବିଜ୍ଞାନ ଓ ବାଣିଜ୍ୟ ପଢିବା ପାଇଁ ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କୁ ବାହାର ସହରକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ତେବେ ୧୯୯୬ରେ ଏହି କଲେଜରେ ବିଜ୍ଞାନ ବିଭାଗ ଖୋଲିବା ନେଇ ସରକାରଙ୍କ ପକ୍ଷରୁ ଅନୁମତି ମିଳିଥିଲା । ମାତ୍ର ଛାତ୍ରୀଛାତ୍ରୀ ସଂଖ୍ୟା କମ ଥିବାରୁ ପାଠପଢ଼ା ଆରମ୍ଭ ହୋଇ ନ ଥିଲା । ମୁନିଗୁଡ଼ା ଜୁନିଅର କଲେଜରେ ଏବେ ୫୧୨ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଅନ୍ୟପକ୍ଷରେ ମୁନିଗୁଡ଼ାରେ ଗୋଟିଏ ବେସରକାରୀ କଲେଜରେ ବିଜ୍ଞାନ ବିଭାଗ ଥିବାବେଳେ ଚଳିତ ବର୍ଷ ୩୦ରୁ ୩୦ ଛାତ୍ରୀଛାତ୍ର ପାସ କରିଛନ୍ତି । ମାତ୍ର ଆଦିବାସୀ ଅଧୁଷିତ ଏହି ଅଞ୍ଚଳର ଛାତ୍ରଛାତ୍ରୀ ଅର୍ଥ ଅଭାବରୁ ବେସରକାରୀ କଲେଜରେ ନାମ ଲେଖାଇ ନ ପାରି ଅଧାରୁ ପାଠ ଛାଡୁଥିବା ଚର୍ଚ୍ଚା ହେଉଥିଲା ।

# ତ୍ରିବେଣୀ କଲେଜ ଛାତ୍ରୀଛାତ୍ରଙ୍କ ବାଜିମାତ୍

**+୨ କଳା ପରୀକ୍ଷା ଫଳ**

ପଦ୍ମପୁର, ୯।୬, (ଡି.ଏନ୍.ଏ) : ଚଳିତ ବର୍ଷ +୨ କଳା ପରୀକ୍ଷା ଫଳରେ ରାୟଗଡ଼ା ଜିଲାର ପଦ୍ମପୁର ତ୍ରିବେଣୀ କଲେଜର ଛାତ୍ରୀଛାତ୍ର ପୁଣିଥରେ ବାଜିମାତ୍ କରିଛନ୍ତି । ତ୍ରିବେଣୀ କଲେଜର ସ୍ୱାଗତିକା ସର୍ବାଧିକ ୪୯୨ ରଖି ଜିଲାରେ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଶାନ୍ତିନିକେତନର ଶେଖ ନଫିଜା ୪୬୨ ମାର୍କ ରଖି ଦ୍ୱିତୀୟ ସ୍ଥାନ ଏବଂ ତ୍ରିବେଣୀ କଲେଜର ନମ୍ରତା ଖାଡ଼ଙ୍ଗା ୪୫୫ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।



କୃତିତ୍ୱ ଅର୍ଜନ କରିଥିବା ପଦ୍ମପୁର ତ୍ରିବେଣୀ କଲେଜର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ।

ସେହିପରି ତ୍ରିବେଣୀ କଲେଜର ଟି. ମାନସା ୪୫୩ ରଖି ଚତୁର୍ଥ ସ୍ଥାନ ଏବଂ ଗୀତାଞ୍ଜଳି ମହାନ୍ତି ୪୫୨ ମାର୍କ ରଖି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ତ୍ରିବେଣୀ କଲେଜର ଛାତ୍ରୀଛାତ୍ର ଯଥାକ୍ରମେ ପ୍ରଥମ, ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ସ୍ଥାନ ରଖି ଇତିହାସ ରଚିଛନ୍ତି । ତ୍ରିବେଣୀ କଲେଜର ଚଳିତ ବର୍ଷ +୨ ବିଜ୍ଞାନ ପରୀକ୍ଷା ଫଳାଫଳ ସମସ୍ତଙ୍କୁ ଚକିତ କରିଥିବା ସମୟରେ, କଳା ବିଭାଗ ମଧ୍ୟ ଭଲ ଫଳାଫଳ କରିଛି । ମୋଟ ୮୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୫ ଜଣ ପ୍ରଥମ ସ୍ଥାନ, ୩୦ ଜଣ ଦ୍ୱିତୀୟ ଏବଂ ୨୮ ଜଣ ତୃତୀୟ ସ୍ଥାନ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଯାହାକି ଅଞ୍ଚଳ ପାଇଁ ଖୁସିର ଖବର ବୋଲି କୁହାଯାଉଛି।

## ରାମନାଗୁଡ଼ା ବିଡିଓଙ୍କ ମାଲକାନଗିରି ବଦଳି

ଗୁଣପୁର,୯।୬(ଡି.ଏନ.ଏ)

ରାୟଗଡ଼ା ଜିଲା ରାମନାଗୁଡା ବିଡିଓ ପ୍ରଭାତୀ ଝୋଡିଆଙ୍କ ମାଲକାନଗିରି ବିଡିଓ ଭାବରେ ବଦଳି ହୋଇଛି। ଗୁରୁବାର ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ବଦଳି ନିର୍ଦ୍ଦେଶ ପ୍ରକାରେ ଏହି ବଦଳି ହୋଇଛି। ବିଡିଓ ପ୍ରଭାତୀ ଝୋଡିଆ ଅନେକ ଦିନ ହେଲା ଜିଲାରେ ରହିଥିବା ବେଳେ ସେ ରାମନାଗୁଡା ବିଡିଓ ସମେତ ଗୁଣପୁର ବ୍ଲକର ଭାରପ୍ରାପ୍ତ ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ। ଅନ୍ୟପକ୍ଷେ କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲାପାଳ ପ୍ରଦ୍ୟୁମ୍ନ ମଣ୍ଡଳଙ୍କୁ ରାମନାଗୁଡା ବିଡିଓ ଭାବେ ବଦଳି ହୋଇଛି ।

# ଠିକ୍ ସମୟରେ ବିହନ ଯୋଗାଇବାକୁ ଦାବିପତ୍ର

ରାୟଗଡ଼ା,୯।୬(ସ୍ୱ.ପ୍ର.)

ବିଭିନ୍ନ ପ୍ରକାର ଫସଲ ଚାଷ ପାଇଁ ଚାଷୀଙ୍କୁ ଠିକ୍ ସମୟରେ ବିହନ ଯୋଗାଇ ଦେବା ଦାବିରେ ଜିଲା ଜନ ଜାଗରଣ ମଞ୍ଚ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି।


ଜନଜାଗରଣ ମଞ୍ଚ ପକ୍ଷରୁ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ପ୍ରକାଶ ଥାଉକି, ଜିଲା ଜନ ଜାଗରଣ ମଞ୍ଚ ପ୍ରାୟ ୧ ହଜାର ୫ଶହ ଗ୍ରାମାଞ୍ଚଳରେ ଚାଷୀଙ୍କୁ ପାରମ୍ପରିକ କୃଷିପଦ୍ଧତି ଆପଣାଇବାକୁ ସଚେତନ କରିବା ସହ ରବି ଫସଲ ଦ୍ୱାରା ହେଉଥିବା ଲାଭ ବିଷୟରେ ଅବଗତ କରାଇଛନ୍ତି । ତେବେ ସରକାରଙ୍କ ପକ୍ଷରୁ ବିଳମ୍ବରେ ବିହନ ମିଳୁଥିବା କାରଣରୁ ଚାଷୀମାନେ ଉପଯୁକ୍ତ ସମୟରେ ଚାଷ କରିପାରୁନାହାଁନ୍ତି। ତେଣୁ ସରକାର ଚାଷୀଙ୍କୁ ଠିକ୍ ସମୟରେ ବିହନ ଯୋଗାଇଦେଲେ ଚାଷୀମାନେ ଉପକୃତ ହେବା ସହ ଉନ୍ନତମାନର ଚାଷ କରିପାରିବେ ବୋଲି ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏଥିସହିତ ଜିଲାର ୭ ହେକ୍ଟର ଜମି ଚାଷ ଉପଯୋଗୀ ହୋଇଥିବା ବେଳେ ଉପଯୁକ୍ତ ଜଳସେଚନ ବ୍ୟବସ୍ଥା ନଥିବାରୁ ଚାଷ ବାଧାପ୍ରାପ୍ତ ହୋଇଛି। ତେବେ ସରକାରଙ୍କ ବିଭିନ୍ନ ବିଭାଗ ଯଥା କୃଷି ବିଭାଗ, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଜଳସେଚନ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜୀବିକା ମିଶନ, ଆଦିବାସୀ ଉନ୍ନୟନ ବିଭାଗ ଆଦି ସହ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସମନ୍ୱୟ ରକ୍ଷା କରି ଯୋଗ୍ୟ ଚାଷୀଙ୍କୁ ବିହନ, ମଞ୍ଜି ଓ ଜଳ ଉତ୍ସ ମାନ ଯୋଗାଇ ଦେଲେ ଚାଷୀଙ୍କୁ ସହାୟକ ହେବ ବୋଲି ମଞ୍ଚ ପକ୍ଷରୁ ଦାବି ହୋଇଛି। ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର କର୍ମକର୍ତ୍ତା ଜୟନ୍ତୀ କାଡ୍ରାକା, ଜେମା ଦେଇ ଶବର, ସୀତାରାମ ମେଲକା, ଲକ୍ଷ୍ମୀ ଶବର, ନରେଶ ତୁଇକା, କୁଶ ପ୍ରଧାନୀ, ସୁଧୀର ଗମାଙ୍ଗ, ଜେମ୍ବ ଶବର, ସୁଶାନ୍ତ ତୋଇକା, ଦିବାକର ଶବର ପ୍ରମୁଖ ଉପସ୍ଥିତ ଥିଲେ ।

# ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧ ଦିବସ ପାଳିତ

ମୁନିଗୁଡ଼ା,୯।୬ (ଡି.ଏନ୍.ଏ):

ରାୟଗଡ଼ା ଜିଲା ସୁଭଦ୍ରା- ଉଦ୍ଧବ ସଉଣ୍ଡିକ ମଙ୍ଗଳ ଭବନ ପରିସରରେ ଶୁକ୍ରବାର ମୁନିଗୁଡ଼ା ଭାଜପା ପକ୍ଷରୁ ଧରିତୀ ବାବା ତଥା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଭାଜପା ମଣ୍ଡଳ ସଭାପତି ଜଗା ଶବରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଜିଲା ଉପସଭାପତି ରାମକୃଷ୍ଣ ପଣ୍ଡା, ପ୍ରଭାରୀ ବୀରଭଦ୍ର ଆଚାରୀ, ଜିଲା ସମ୍ପାଦିକା ସୁଶୀଳା ସରାଫ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିଥିଗଣ କାଳଜୟୀ ଏହି ମହାନ ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିବା ସହ ଧରିତି ବାବା ଏକେଶ୍ୱରବାଦର ପ୍ରଚାରକ ଥିଲେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଗରିବ ଗରଡିଆ, ମୀନକେତନ ଗୌଡ଼ ପ୍ରମୁଖ ସହାୟତା କରିଥିବା ବେଳେ ଅନେକ କର୍ମୀ ଉପସ୍ଥିତ ରହି ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।


ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।


ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ବଣାଇଁ ବନଖଣ୍ଡ

**OFFICE OF THE DIVISIONAL FOREST OFFICER, BONAI FOREST DIVISION**

Phone No.: 06626-244454, E-mail At: dfo.bonai@odisha.gov.in

**CORRIGENDUM**

No. MM-51: Due to unavoidable circumstances, the last date of receiving the tender documents for procurement Green Colour Hexagon Fiber Net (Gabion) as published in Dharitri & Samaya on Dtd.31.05.2023 is hereby extended in the Division Office which will be available in the website **www.sundargarh.nic.in**. All other terms and condition will remain unchanged.

A. Download of Tender Document : 30.05.2023 to 12.06.2023, by 5.00 P.M.
B. Last date for submission of Sealed Tender Document : 12.06.2023 by 5.00 P.M.
C. Opening of Technical Bid : 16.06.2023 at 11.00 A.M.
D. Opening of Financial Bid : 17.06.2023 at 11.00 A.M.

**Sd./- Divisional Forest Officer**
**Bonai Forest Division**
OIPR-08040/11/0006/2324



ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କୁଚିଣ୍ଡା

**INTEGRATED TRIBAL DEVELOPMENT AGENCY, KUCHINDA**

At/Po- Kuchinda, Dist-Sambalpur-768222
E-mail Id: itda-kuchinda@gov.in
Notice No.510, ITDA Date:09.06.2023

**SHORT RATE QUOTATION CALL NOTICE**

**Identification No. PAITDAKCD-02/2023-24**

Sealed rate quotations are invited from the interested reputed manufacturing Company/Firms/Registered Suppliers/ Dealers having valid GSTIN, PAN Card for supply & installation of 25 KVA Power Generating Set (DG Set) as mentioned below for 30 MT Cold Room at Jarabaga under Bamra Block & Bhojpur under Jamankira Block, Dist-Sambalpur. The cost to be quoted including cost of all accessories with installation, commissioning and transportation as per the required location. The sealed rate quotation will be received on or before 17.06.2023 in between 7.00 AM to 1.00 PM each working day in the quotation box in the office of the undersigned or via Indian Post in the address of **"The Project Administrator, ITDA, Kuchinda, PS-Kuchinda, Dist-Sambalpur, Pin-768222.** The quotation will be opened on 19.06.2023 by 11.00 AM in presence of the quotationers or their authorized agents in the office of the undersigned.The authority reserves all right to accept or reject any or all quotations or quotationers at any stage without assigning any reason thereof.

| Sl. No. | Item Description | Quantity | Unit | Quoted Rates |
|---|---|---|---|---|
| 1 | Company-EICHER Model-25 KVA SILENT DG SET Single Phase Power Output- 36 KW RPM-1500 Fuel-Diesel Engine Cooling System- Air Cooling with 3 cylinders | 2 | Set | |
| 2 | Transportation & Unloading Charges | | | |
| | | Total | | |

**Terms & Conditions:**

1. The rate must be quoted both in figure & words.
2. The quoted rate must be inclusive of all taxes.
3. The rate should be inclusive of maximum warranty & maintenance period.
4. The quotationer must submit sign copy of PAN card valid GSTIN certificate with quotation and produce the originals for verification on the date of agreement.
5. **The supply order will be placed after agreement. The successful quotationer must deposit 1% EMD of the agreement amount in favour of the Project Administrator, ITDA, Kuchinda at the time of agreement. The EMD amount will be refunded after successful installation and commissioning.**

**Sd./- Project Administrator**
**ITDA, Kuchinda**



**PUBLIC NOTICE**

**Delivery of Possession of Land Acquired for Construction of Jagatsinghpur By-Pass, NH-55 u/s 3(E) of N.H. Act. 1956 for Land Owners/Persons Interested therein**

No. XXV-003: Kind attention of all land owners/interested persons is invited to the Public Notice published in the following Newspapers informing them regarding:

- Announcement of award.
- Calling upon them to produce documents amount within a period of 60 days and
- Requesting the land owners to hand over the possession of the subject land to the undersigned.

| Sl. No. | Names of Newspapers in which published | Date of Newspapers |
|---|---|---|
| 1 | Sambad | 28.02.2023 |
| 2 | Dharitri | 28.02.2023 |

**The prescribed time of 60 days has expired on 28.04.2023.**

The compensation amount in respect of land owners who had furnished their Bank Account details has been processed through Bhumirashi Portal for being credited to their respective accounts. As regards the payment of the compensation amount to the balance landowners, they are again advised to approach this office for getting their payments at the earliest as the amount already stands tendered vide Public Notice dated: 28.02.2023.

Accordingly, all the land owners/interested persons are hereby called upon to hand over the possession of the acquired land to the undersigned immediately, failing which the same shall be taken with the Police assistance in accordance with sub-section (2) of Section 3E of the NH Act. 1956.

Needless to say such of the land owners/interested persons, who have still not produce their documents, may produce the same on any working day at the CALA office of the undersigned within 15 days of this publication.

**Sd./- Competent Authority for Land Acquisition-cum-Tahasildar, Jagatsinghpur**
OIPR-24028/14/0001/2324

## ସଂକ୍ଷେପରେ

### ଜି୨୦ ଜନଭାଗୀଦାରି କାର୍ଯ୍ୟକ୍ରମ

କୋରାପୁଟ,୯।୬(ସ୍ୱ.ପ୍ର.)-ଜି ୨୦ ଶିଖର ସମ୍ମିଳନୀ ଜନଭାଗୀଦାରି କାର୍ଯ୍ୟକ୍ରମ ଭାରତର ସଭାପତିତ୍ୱରେ ଚାଲିଥିବା ବେଳେ କୋରାପୁଟ ବ୍ଲକ ଅନ୍ତର୍ଗତ ପ୍ରତି କ୍ଲଷ୍ଟର ବିଦ୍ୟାଳୟରେ ଜନଭାଗୀଦାରି କାର୍ଯ୍ୟକ୍ରମ ହୋଇଯାଇଛି। ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ରେ ପ୍ରଦର୍ଶିତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନଭିତ୍ତିକ ଏହି ସଚେତନତା କାର୍ଯ୍ୟକ୍ରମ କୋରାପୁଟ ସହରର ମାଲିସାହି ଏବଂ ଏକ୍ସ-ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ କୋରାପୁଟ ବିଧାୟକ ଅଧକ୍ଷ ରଘୁରାମ ପଡ଼ାଲ, ସମ୍ମାନିତ ଅତିଥି ରୂପେ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି, ଅବସରପ୍ରାପ୍ତ ଏବିଇଓ ଶିବଶଙ୍କର ପଟ୍ଟନାୟକ, ପ୍ରଧାନ ଶିକ୍ଷକ ନରସିଂହ ଦାସ, କାଉନସିଲର ପ୍ରଫୁଲ୍ଲ ମହାପାତ୍ର ଯୋଗ ଦେଇଥିଲେ। ସୁଷମା ପାତ୍ର, ସୁଧାକର ସେଠୀ, କାଳୁ ଛୋଟରାୟ, ରମା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆର୍‌ସିସି ପ୍ରଦୀପ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋରାପୁଟ ବ୍ଲକର ରେଲିକୁମ୍ଭା, ଖାରିଗୁଡ଼ା,ଛପର, ଓଏମପି, ଦଲେଇପୁଟ,ପଣସପୁଟ, ଘୋଡ଼ା ଦୋରା, ବଗେଇପଦର୍, ନୂଆପୁକି, ନିଘମାନିଗୁଡ଼ା, ମାଥଲପୁଟ, ଡୁମୁରିପଦର ଆଦି ବିଦ୍ୟାଳୟଗୁଡିକରେ ଏହି ଜନଭାଗୀଦାରି କାର୍ଯ୍ୟକ୍ରମ ହୋଇଛି।

### ପାଚିକା, ସହାୟିକା ସଂଘ ପକ୍ଷରୁ ଦାବିପତ୍ର

ଜୟପୁର,୯।୬(ନି.ପ୍ର.)-ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ଜୟପୁର ବ୍ଲକ କମିଟି ପକ୍ଷରୁ ଶିକ୍ଷାମନ୍ତ୍ରୀଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରଜାନହରଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମାକରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ଏଠାରେ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମୃତ୍ୟୁଞ୍ଜୟ ପଣ୍ଡାଙ୍କୁ ୯ ଦଫା ସମ୍ବଳିତ ଦାବିପତ୍ର ପାଚିକା ସହାୟିକା ସଂଘ ପକ୍ଷରୁ ପ୍ରଦାନ କରାଯାଇଥିଲା। ପାଚିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା,ମାସିକ ସବନିମ୍ନ ୨୬ ହଜାର ଟଙ୍କା ଦରମା ଦେବା, ୧୦ମାସ ବଦଳରେ ୧୨ ମାସର ପ୍ରାପ୍ୟ ଦେବା, ବର୍ଷକୁ ଦୁଇଯୋଡ଼ା ଶାଢ଼ି, ୬୦ ବର୍ଷ ପରେ ପାଚିକାମାନଙ୍କୁ ଅବସରକାଳୀନ ପ୍ରାପ୍ୟ ଦେବା, ସ୍କୁଲଗୁଡିକରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଭିତ୍ତିରେ ପାଚିକାଙ୍କୁ ନିଯୁକ୍ତି ଦେବା, ବର୍ଷକୁ ୧୫ ଦିନ ଛୁଟି ଦେବା, ପ୍ରସୂତିକାଳୀନ ଛୁଟି ମଞ୍ଜୁର କରିବା ଆଦି ଦାବି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ନୂତନ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ କାର୍ଯ୍ୟ ଆରମ୍ଭ

**କୋରାପୁଟ,୯।୬(ସ୍ୱ.ପ୍ର.)**

କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ସହରରେ ଏକ ନୂତନ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ଏନେଇ ହକି ପଡ଼ିଆଠାରେ ପ୍ରାରମ୍ଭିକ କର୍ଯ୍ୟ ଆରମ୍ଭ ହେଇଥିବା ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ କହିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବାକୁ ସ୍ଥିର ହୋଇଛି। ଗୁରୁବାର ହକି ପଡିଆଠାରେ ମାଟି ପରୀକ୍ଷଣ କାର୍ଯ୍ୟ ଶେଷ ହୋଇଛି। ଏହି ଅବସରରେ ପୌରାଧକ୍ଷ ସେଠୀ ଓ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଶରତ ପାତ୍ରଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ । ସଂଗୃହୀତ ମାଟି ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ ବୋଲି ସହକାରୀ ଯନ୍ତ୍ରୀ ପାତ୍ର କହିଛନ୍ତି। ସେଠାରୁ ରିପୋର୍ଟ ଆସିବା ପରେ ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ ଡିପିଆର୍ କରାଯାଇ ଟେଣ୍ଡର ଆହ୍ୱାନ କରାଯିବ। ଜୁଲାଇ ଶେଷ ସୁଦ୍ଧା ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ସ୍ଥିର ହୋଇଥିବା ଅଧକ୍ଷ ସେଠୀ କହିଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନର ବସ୍‌ଷ୍ଟାଣ୍ଡ ଓ ହକି ପଡ଼ିଆକୁ ମିଶାଇ ମୋଟ ୩ ଏକର ୨୨ ସେଣ୍ଟ ଜମିରେ ଏହି ନୂତନ ମଡେଲ ବସ୍‌ଷ୍ଟାଣ୍ଡ ହେବ।


ଆରମ୍ଭ ହୋଇଥିବା ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ।

# ପ୍ରାଣୀଧନର ଯତ୍ନନେବାକୁ ପରାମର୍ଶ

**ବାଲିମେଳା/କୋରୁକୋଣ୍ଡା, ୯।୬(ଡି.ଏନ.ଏ.)**

### ବାଲିମେଳାରେ ୨ଦିନିଆ ପ୍ରାଣୀଧନ ମେଳା

ମାଲକାନଗିରି ଜିଲା ବାଲିମେଳା ନଗରରେ ୨ଦିନିଆ ଜିଲାସ୍ତରୀୟ ପ୍ରାଣୀଧନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସମ୍ମାନିତ ଅତିଥି ରୂପେ ବ୍ଲକ ଅଧକ୍ଷ ଜିତୁ ବୁରୁଡ଼ି, ଏନ୍‌ଏସି ଉପ ନଗରପାଳ ରଶ୍ମିତା ବାକା, ବିଜେଡି ନଗର ସଭାପତି ମଙ୍ଗଳା ପାଙ୍ଗୀ, ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଶୋକ ତ୍ରିପାଠୀ ଏବଂ ଏଡିଭିଓ ଏଲ୍‌ପି ଡା. ବିଜୟ କେତନ ପଟ୍ଟନାୟକ ଅନ୍ୟତମ ଅତିଥି ରୂପେ ଯୋଗଦେଇ ପ୍ରାଣୀଧନର ଉପକାରିତା ଓ ସେମାନଙ୍କ ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମାଲ୍ୟବନ୍ତ ପ୍ରାଣୀ ପ୍ରଗତି ଧାରା ଶୀର୍ଷକ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ବ୍ଲକର ଛେଳିପାଳନରେ ଆର୍ଥିକ ଉନ୍ନତି ହୋଇଥିବା ମା’ ତାରିଣୀ ଏବଂ ମା ଗୌରୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବତକ ପାଳନ ଓ କୁକୁଡ଼ା ପାଳନରେ ଶ୍ରେଷ୍ଠ ୨ ଜଣଙ୍କୁ ବିଧାୟକ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ମାଲକାନଗିରି ଏଭିଏସ୍ ଡା. ଶୁଭ୍ରାଂଶୁ ସାହୁ ପରିଚାଳନା କରିଥିଲେ। କୋରୁକୋଣ୍ଡା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୌମ୍ୟରଞ୍ଜନ ଖଟୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ପ୍ରାଣୀଧନ ମେଳାରେ ସମ୍ମାନିତ ହୋଇଥିବା ୨ ବ୍ୟକ୍ତି।

# ‘ବେଟି ବଞ୍ଚାଓ, ବେଟି ପଢ଼ାଓ’ ଯୋଜନା ଲୋଗୋ ଲୋକାର୍ପିତ

**କୋରାପୁଟ,୯।୬ (ସ୍ୱ.ପ୍ର.)**

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝିଙ୍କ ଅଧକ୍ଷତାରେ ଗୁରୁବାର ବେଟି ବଞ୍ଚାଅ, ବେଟି ପଢ଼ାଅ ଯୋଜନାର ଲୋଗୋ ଲୋକାର୍ପିତ ହୋଇଯାଇଛି। ଝିଅଙ୍କ ସୁରକ୍ଷା, ବିକାଶ ନେଇ କେନ୍ଦ୍ର ସରକାର ୨୦୧୫ରେ ଯୋଜନା ପ୍ରଣୟନ କରିଥିଲେ। କନ୍ୟା ଭ୍ରୂଣ ହତ୍ୟା ବନ୍ଦ, ଲିଙ୍ଗ ନିରୂପଣ ବନ୍ଦ, ପୁଷ୍ଟିହୀନତା ରୋକିବା, ବାଲ୍ୟବିବାହ ବନ୍ଦ, ସେମାନଙ୍କ ବିକାଶ ନେଇ ଉତ୍ତମ ପରିବେଶ ସୃଷ୍ଟିକରିବା ଶିକ୍ଷା ଦିଗରେ ସେମାନଙ୍କୁ ଆଗକୁ ନେବା ଏବଂ ସ୍ୱାବଲମ୍ବୀ କରିବା ଦିଗରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏ ନେଇ ଏକ ଲୋଗୋ ଲୋକାର୍ପିତ ହୋଇଛି। ଡିଏସ୍‌ପି ଗୁଣନିଧି ମଲିକ କନ୍ୟା ସୁରକ୍ଷା ନେଇ ଥିବା ଆଇନ ସମ୍ପର୍କରେ ମତ ଦେଇଛନ୍ତି। ଏଥିରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି, ଜିଲା ସମାଜ ମଙ୍ଗଳ ଅଧିକାରୀ ବିଦ୍ୟୁଲତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ କୋରାପୁଟ ଜିଲାର ସମସ୍ତ ସିଡିପିଓ ଉପସ୍ଥିତ ଥିଲେ।

# କୋୟାଗୋଣ୍ଡ ଆଦିବାସୀ ଭାଷା ସୁରକ୍ଷା କର୍ମଶାଳା


କର୍ମଶାଳାରେ ଉପସ୍ଥିତ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

**ମାଲକାନଗିରି,୯।୬(ଡି.ଏନ.ଏ):**

ମାଲକାନଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଦ୍ୱାରା ଶୁକ୍ରବାର କୋୟାଗୋଣ୍ଡ ଆଦିବାସୀ ଭାଷା ସୁରକ୍ଷା ଓ ଶବ୍ଦକୋଷ ସଂଗ୍ରହ ନେଇ ଶୁକ୍ରବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିଜିନେଟୱାର୍କ ଫାଉଣ୍ଡେସନର ମୁଖ୍ୟ ତଥା ଆଦିବାସୀ ଭାଷା ଗବେଷକ ଶୁଭ୍ରାଂଶୁ ଚୌଧୁରୀଙ୍କ ଅଧକ୍ଷତାରେ ଜିଲା ମାଲ୍ୟବନ୍ତ ଛାତ୍ରବାସ ସଭାଗୃହରେ ଆୟୋଜିତ କର୍ମଶାଳାରେ ଓଡ଼ିଶା, ଛତିଶିଗଡ଼, ମଧ୍ୟପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶ, ମହାରଷ୍ଟ୍ର ଭଳି ୬ଟି ରାଜ୍ୟର ଗୋଣ୍ଡିକୋୟା ଆଦିବାସୀ ପ୍ରତିନିଧି ଯୋଗଦେଇଥିଲେ। କର୍ମଶାଳାର ପ୍ରଥମ ଅଧିବେଶନରେ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧକ୍ଷ ଆଡ଼ମା ରାବା ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, କୋୟାଗୋଣ୍ଡ ମାଲକାନଗିରିର ଜିଲାର ଏକ ପ୍ରମୁଖ ଆଦିବାସୀ ଭାଷା ହୋଇଥିବାରୁ ଏହାର ସୁରକ୍ଷା କରାଯାଇ ଆଗାମୀ ପିଢ଼ୀ ପାଇଁ ସଂରକ୍ଷିତ ରଖିବା ଆବଶ୍ୟକ। ଜିଲାରେ ଥିବା ସମସ୍ତ କୋୟା ଆଦିବାସୀଙ୍କ ଶବ୍ଦକୋଷ ସଂଗ୍ରହଯାତ୍ରାରେ ସାହାଯ୍ୟ କରିବାକୁ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ରାବା କହିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟବକ୍ତା ଭାବେ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ଓ ବନବାସୀ ଗବେଷକ ରତ୍ନାକର ଦାଶ ଯୋଗ ଦେଇ କହିଥିଲେ ଯେ, ମାଲକାନଗିରି ଜିଲାରେ ଅଧିକ ସଂଖ୍ୟକ କୋୟା ସମ୍ପ୍ରଦାୟର ଆଦିବାସୀ ବସବାସ କରୁଥିବାରୁ ସେମାନଙ୍କ ମାତୃଭାଷା ପ୍ରତି ଗୁରତ୍ୱ ଦେବା ଜରୁରୀ । ଜିଲାର ଅଧିକାଂଶ ଆଦିମ ଆଦିବାସୀ ଲୋକଙ୍କ ମାତୃଭାଷାର ବିକାଶକୁ ସରକାର ଓ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ଏହାର ସୁରକ୍ଷା ପ୍ରତି ଦୃଷ୍ଟି ଦେଉଥିବାରୁ ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଶ୍ରୀ ଦାଶ କହିଥିଲେ । ସିଜିନେଟର ଫାଉଣ୍ଡେସନର ମୁଖ୍ୟ ଶ୍ରୀ ଚୌଧୁରୀ କହିଥିଲେ ଯେ, ଦେଶର ୬ଟି କୋୟା(ଗୋଣ୍ଡି)ଭାଷାଭାଷୀ ରାଜ୍ୟରେ ଏହି କାର୍ଯ୍ୟର ପ୍ରଚାର ଓ ପ୍ରସାର ଚାଲିଛି । ଗୋଣ୍ଡି(କୋୟା) ଆଦିବାସୀ ଭାଷାକୁ ଡିଜିଟାଲ ଭାଷାରେ ପରିଣତ କରିବା ପାଇଁ ଗୋଣ୍ଡି ଭାଷାର ଏକ ଶବ୍ଦକୋଷ ଅଭିଧାନ ପ୍ରଚଳନ ଆବଶ୍ୟକ ରହିଛି। ଏଥିପାଇଁ ସମସ୍ତ ରାଜ୍ୟରୁ ଗୋଣ୍ଡି ଶବ୍ଦ ସଂଗ୍ରହ ଚାଲିଛି। ଏହି କର୍ମଶାଳା ୩ ଦିନ ଧରି ଚାଲିବ,ଏଥିରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ କୋୟା ଆଦିବାସୀ ସମ୍ପ୍ରଦାୟରଶିକ୍ଷିତ ଯୁବଗୋଷ୍ଠୀ, ଗାଁମୁଖିଆମାନେଯୋଗଦେଇ ଭାଷା ଶବ୍ଦ ସଂଗ୍ରହ ସହିତ ନିଜ ନିଜର ମତଉପସ୍ଥାପନ କରିପ୍ରଶିକ୍ଷଣ ନେବାର କାର୍ଯ୍ୟକ୍ରମ ରହିଛି।

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ବଣାଇଁ ବନଖଣ୍ଡ
OFFICE OF THE DIVISIONAL FOREST OFFICER, BONAI FOREST DIVISION
Phone No.: 06626-244454, E-mail At: dfo.bonai@odisha.gov.in

CORRIGENDUM

No. MM-51: Due to unavoidable circumstances, the last date of receiving the tender documents for procurement Green Colour Hexagon Fiber Net (Gabion) as published in Dharitri & Samaya on Dtd.31.05.2023 is hereby extended in the Division Office which will be available in the website **www.sundargarh.nic.in**. All other terms and condition will remain unchanged.

A. Download of Tender Document : 30.05.2023 to 12.06.2023, by 5.00 P.M.
B. Last date for submission of Sealed Tender Document : 12.06.2023 by 5.00 P.M.
C. Opening of Technical Bid : 16.06.2023 at 11.00 A.M.
D. Opening of Financial Bid : 17.06.2023 at 11.00 A.M.

**Sd./- Divisional Forest Officer**
**Bonai Forest Division**
**OIPR-08040/11/0006/2324**

# କୁଡୁମୁଲୁଗୁମ୍ମାକୁ ଏନ୍‌ଏସି ମାନ୍ୟତା ନେଇ ଚିଠି ଲେଖିଲେ

**ମାଲକାନଗିରି/ଖଇରପୁଟ, ୯।୬(ଡି.ଏନ.ଏ.)**

### ପ୍ରତିଶ୍ରୁତି ରକ୍ଷା କଲେ ଏମ୍‌ପି

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମାକୁ ଏନଏସି ମାନ୍ୟତା ନେଇ ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଶୁକ୍ରବାର ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ଆଦିବାସୀ ଅଧୁଷିତ ଡିଡାୟୀ, କନ୍ଧ, ଭୂମିଆଁ ଓ ପରଜା ସମ୍ପ୍ରଦାୟର ଲୋକଙ୍କ ସାମାଜିକ, ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଁ କୁଡୁମୁଲୁଗୁମ୍ମା ବ୍ଲକ ୧୯୬୨ରେ ପ୍ରତିଷ୍ଠା ହୋଇଥିଲା। ଚିତ୍ରକୋଣ୍ଡା ଓ କୋରକୋଣ୍ଡା ବ୍ଲକର ପ୍ରାୟ ୯ଟି ପଞ୍ଚାୟତକୁ ନେଇ ଗଠିତ ଏହି ବ୍ଲକ କ୍ରମେ ୧୧ଟି ପଞ୍ଚାୟତକୁ ବୃଦ୍ଧି ହୋଇଥିଲା। ସ୍ୱାଭିମାନ ଅଞ୍ଚଳର ବିକାଶକୁ ସର୍ବଦା ଗୁରୁତ୍ୱ ଦେଉଥିବା ସରକାର ଚିତ୍ରକୋଣ୍ଡା ସଦର ମହକୁମାକୁ ନୂତନ ବ୍ଲକ ଭାବେ ଘୋଷଣା କରି ଏହାର କାର୍ଯ୍ୟାଳୟକୁ ଚିତ୍ରକୋଣ୍ଡାକୁ ସ୍ଥାନାନ୍ତରିତ କରିଥିଲେ। ଫଳରେ କୁଡୁମୁଲୁଗୁମ୍ମାରେ ବ୍ଲକ କାର୍ଯ୍ୟାଳୟ ପାଇଁ ନିର୍ମିତ କୋଠା ଅବହେଳିତ ହୋଇପଡିଥିଲା। ଗତ ୩।୬।୨୩ରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ କୁଡୁମୁଲୁଗୁମ୍ମା ଗସ୍ତକରି ଜନସମ୍ପର୍କ ବୈଠକ କରିଥିଲେ। ଏହି ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସାହିତ୍ୟିକ, ରାଜନୈତିକ ବ୍ୟକ୍ତିବିଶେଷ ସେସମୟରେ କୁଡୁମୁଲୁଗୁମ୍ମାକୁ ଏନଏସି ମାନ୍ୟତା ନେଇ ନବରଙ୍ଗପୁର ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏମ୍‌ପି ମାଝୀ କୁଡୁମୁଲୁଗୁମ୍ମାକୁ ଏନଏସିର ମାନ୍ୟତା ଦେବାକୁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ମୁତାବକ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୁବନେଶ୍ୱରସ୍ଥିତ ଲୋକସେବକ ଭବନ ରେ ଭେଟି କୁଡୁମୁଲୁଗୁମ୍ମାକୁ (ଏନ୍.ଏ.ସି.) ଦେବାକୁ ନିବେଦନ କରିଥିଲେ। ଏମ୍‌ପି ମାଝୀଙ୍କ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି। କୁଡୁମୁଲୁଗୁମ୍ମା ଏନଏସିର ମାନ୍ୟତା ପାଇଲେ ଉକ୍ତ ଅଞ୍ଚଳର ଶିକ୍ଷା,ସ୍ୱାସ୍ଥ୍ୟ, କୃଷି, କୁଟୀର ଶିଳ୍ପ ଓ ଗମନାଗମନର ବିକାଶ ହେବ। କର୍ମସଂସ୍ଥାନ ସୃଷ୍ଟି ହେବା ସହ ଦାଦନ ସମସ୍ୟା ଦୂର ହେବ ବୋଲି ମତ ପ୍ରକାଶ ପାଉଛି। ଏନଏସି ପାଇଁ ଆବଶ୍ୟକ ସମସ୍ତ ଯୋଗ୍ୟତା ଓ ମାପଦଣ୍ଡ କୁଡୁମୁଲୁଗୁମ୍ମା ପଞ୍ଚାୟତର ରହିଛି। ଏଥିପାଇଁ ଆବଶ୍ୟକ ଜନସଂଖ୍ୟା, ଭୌଗୋଳିକ ଅବସ୍ଥିତି ଓ ସାହିବସ୍ତି ସବୁ ମାନଦଣ୍ଡକୁ ସଠିକ ଭାବେ ପୂରଣ କରୁଥିବା ଏମ୍‌ପି ମାଝୀ ପ୍ରକାଶ କରିଛନ୍ତି।

# ନନ୍ଦାହାଣ୍ଡିରେ ଧାନମଣ୍ଡି ଉଦ୍‌ଘାଟିତ



**ନନ୍ଦାହାଣ୍ଡି, ୯।୬(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ସରୁଗୁଡ଼ାସ୍ଥିତ ଉପବଜାର ପ୍ରାଙ୍ଗଣରେ ରବି ଧାନମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜୋନ୍-୨ ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର , ଈଶ୍ୱର ଗଉଡ଼ଙ୍କ ସହ ବହୁ ଚାଷୀ ଓ ଆରଏମ୍‌ସି କ୍ୱାଲିଟି ଆନାଲିଷ୍ଟ କିଶୋର ନନ୍ଦ ଉପସ୍ଥିତ ଥିଲେ। ରବି ଫସଲର ଧାନ ଗୁଡିକ ମହାଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କିଣା ଯିବାର ବ୍ୟବସ୍ଥା କରାଯାଇଛି । ରବି ପାଇଁ ଧାନ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ରହିଛି। ସମସ୍ତ ଚାଷୀ କିଭଳି ସୁବିଧାରେ ଧାନ ବିକ୍ରି କରିପାରିବେ ଦେ ନେଇ ସମସ୍ତ ସୁବିଧା କରାଯିବ ବୋଲି ଏସ୍‌ଏଚ୍‌ଜି ସଭାପତି ଗୁର ଅମନାତ୍ୟ କହିଛନ୍ତି। ଏହି ସମୟରେ ସଂଘ ସମ୍ପାଦିକା ପାର୍ବତୀ ସୌରା ଓ ସଭ୍ୟାମାନେ ଉପସ୍ଥିତ ଥିଲେ।

# ନାଲ୍‌କୋ ପକ୍ଷରୁ ବିଶ୍ୱ ପରିବେଶ ଦିବସ

**ଦାମନଯୋଡ଼ି,୯।୬(ଡି.ଏନ୍.ଏ.)**

ଦାମନଯୋଡ଼ି ନାଲ୍‌କୋ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ନାଲ୍‌କୋ ପରିବେଶ ଓ ସୁରକ୍ଷା ବିଭାଗ ପକ୍ଷରୁ ସେକ୍ଟର-୩ କନ୍‌ଭେନ୍‌ଶନ ସେଣ୍ଟର ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ସୁଶୀଲ ପାଢ଼ୀ ମୁଖ୍ୟ ଅତିଥି, ବିଭିନ୍ନ ବିଭାଗର ସମୂହ ମହାପ୍ରବନ୍ଧକ, ଶିଳ୍ପ ସୁରକ୍ଷା ବାହିନୀର କମାଣ୍ଡାଣ୍ଟ ସତୀଶ ସିଂ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନାଲ୍‌କୋ ଅଡିଟୋରିମରେ ହୋଇଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପାଢ଼ୀ, ରାଜ୍ୟ ପର୍ଯ୍ୟାବରଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ଦିବ୍ୟେଶ ବିଶ୍ୱାଳ, ମୁଖ୍ୟବକ୍ତା, ଏମ.ଏସ୍. ସ୍ୱାମୀନାଥନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ.କାର୍ତ୍ତିକ ଲେଙ୍କା, ଆୟୁର୍ବେଦ ଚିକିତ୍ସକ ହରି ପାଙ୍ଗୀ ଅନ୍ୟତମ ବକ୍ତା ରୂପେ ଉପସ୍ଥିତ ଥିଲେ। ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ବନ୍ଦ କରିବା, ଜୈବିକ ଖତ, ଜିଆଖତ ବ୍ୟବହାରକରି ଚାଷକରିବା, ବୃକ୍ଷରୋପଣ କରି ପରିବେଶକୁ ସୁରକ୍ଷା ଦେବା ନେଇ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆୟୁର୍ବେଦ କବିରାଜ ହରି ପାଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଯାବତ୍ ୧୦୫ ରୋଗର ସଫଳ ଚିକିତ୍ସା ସହିତ ୪୫୦ ଔଷଧୀୟ ଗଛଲତା ଚିହ୍ନଟ କରିଥିବା ନେଇ ପାଙ୍ଗୀ ଅବଗତ କରାଇଥିଲେ। ପରିବେଶ ସୁରକ୍ଷା ଉପରେ ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର କେତେଜଣ ଚାଷୀଙ୍କୁ ଡାଳିମ୍ବ, ପିଜୁଳି, ସପେଟା, ଲିଚୁ ଓ ଲେମ୍ବୁ ଚାରା ପ୍ରଦାନ କରାଯାଇଥିଲା। ଚାଷରେ ରାସାୟନିକ ସାର ପ୍ରୟୋଗ ନ କରି ଜୈବିକ ପଦ୍ଧତି ଅବଲମ୍ବନ କରିବାକୁ ଚାଷୀଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଜିଏମ୍ ଡ. ପ୍ରଦୀପ ପାଟଜୋଷୀ ଅତିଥି ପରିଚୟ ଦେଇଥିଲେ। ଜିଜିଏମ୍ ଅମରେନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। ଜିଜିଏମ୍ ପ୍ରମୋଦ ବେହେରା ଲାଇଫ ମିଶନ ଆକ୍ଟିଭିଟି ଓ ପ୍ଲାଷ୍ଟିକ ବର୍ଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଏମ୍ ପ୍ରଭାତ ଦାଶ ଧନ୍ୟବାଦ ଦେଇଥିଲେ।

PUBLIC NOTICE

**Delivery of Possession of Land Acquired for Construction of Jagatsinghpur By-Pass, NH-55 u/s 3(E) of N.H. Act. 1956 for Land Owners/Persons Interested therein**

No. XXV-003: Kind attention of all land owners/interested persons is invited to the Public Notice published in the following Newspapers informing them regarding:
- Announcement of award.
- Calling upon them to produce documents amount within a period of 60 days and
- Requesting the land owners to hand over the possession of the subject land to the undersigned.

| Sl. No. | Names of Newspapers in which published | Date of Newspapers |
|---|---|---|
| 1 | Sambad | 28.02.2023 |
| 2 | Dharitri | 28.02.2023 |

**The prescribed time of 60 days has expired on 28.04.2023.**
The compensation amount in respect of land owners who had furnished their Bank Account details has been processed through Bhumirashi Portal for being credited to their respective accounts. As regards the payment of the compensation amount to the balance landowners, they are again advised to approach this office for getting their payments at the earliest as the amount already stands tendered vide Public Notice dated: 28.02.2023.
Accordingly, all the land owners/interested persons are hereby called upon to hand over the possession of the acquired land to the undersigned immediately, failing which the same shall be taken with the Police assistance in accordance with sub-section (2) of Section 3E of the NH Act. 1956.
Needless to say such of the land owners/interested persons, who have still not produce their documents, may produce the same on any working day at the CALA office of the undersigned within 15 days of this publication.

**Sd./- Competent Authority for**
**Land Acquisition-cum-Tahasildar,**
**Jagatsinghpur**
**OIPR-24028/14/0001/2324**

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କୁଚିଣ୍ଡା
INTEGRATED TRIBAL DEVELOPMENT AGENCY, KUCHINDA
At/Po- Kuchinda, Dist-Sambalpur-768222
E-mail Id: itda-kuchinda@gov.in
Notice No.510, ITDA Date:09.06.2023

**SHORT RATE QUOTATION CALL NOTICE**
**Identification No. PAITDAKCD-02/2023-24**

Sealed rate quotations are invited from the interested reputed manufacturing Company/Firms/Registered Suppliers/ Dealers having valid GSTIN, PAN Card for supply & installation of 25 KVA Power Generating Set (DG Set) as mentioned below for 30 MT Cold Room at Jarabaga under Bamra Block & Bhojpur under Jamankira Block, Dist-Sambalpur. The cost to be quoted including cost of all accessories with installation, commissioning and transportation as per the required location. The sealed rate quotation will be received on or before 17.06.2023 in between 7.00 AM to 1.00 PM each working day in the quotation box in the office of the undersigned or via Indian Post in the address of **“The Project Administrator, ITDA, Kuchinda, PS-Kuchinda, Dist-Sambalpur, Pin-768222.** The quotation will be opened on 19.06.2023 by 11.00 AM in presence of the quotationers or their authorized agents in the office of the undersigned.The authority reserves all right to accept or reject any or all quotations or quotationers at any stage without assigning any reason thereof.

| Sl. No. | Item Description | Quantity | Unit | Quoted Rates |
|---|---|---|---|---|
| 1 | Company-EICHER Model-25 KVA SILENT DG SET Single Phase Power Output- 36 KW RPM-1500 Fuel-Diesel Engine Cooling System- Air Cooling with 3 cylinders | 2 | Set | |
| 2 | Transportation & Unloading Charges | | | |
| | | Total | | |

**Terms & Conditions:**
1. The rate must be quoted both in figure & words.
2. The quoted rate must be inclusive of all taxes.
3. The rate should be inclusive of maximum warranty & maintenance period.
4. The quotationer must submit sign copy of PAN card valid GSTIN certificate with quotation and produce the originals for verification on the date of agreement.
5. **The supply order will be placed after agreement. The successful quotationer must deposit 1% EMD of the agreement amount in favour of the Project Administrator, ITDA, Kuchinda at the time of agreement. The EMD amount will be refunded after successful installation and commissioning.**

**Sd./- Project Administrator**
**ITDA, Kuchinda**



ବେଙ୍ଗାଲୁରୁଠାରେ ଶୁକ୍ରବାର କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କୁ ବରିଷ୍ଠ କଂଗ୍ରେସ ନେତା ସୁଶିଲ୍ କୁମାର ଶିନ୍ଦେ ଭେଟୁଛନ୍ତି।

# ଆର୍‌ଜେଡିରେ ଅପରାଧୀ ଅଧିକ: ପିକେ

ପାଟନା,୯।୬



ପ୍ରଶାନ୍ତ କିଶୋର

ରାଜନୀତି ରଣନୀତିକାର ପ୍ରଶାନ୍ତ କିଶୋର(ପିକେ) ପୁଣି ଆର୍‌ଜେଡି ଓ ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ଟାର୍ଗେଟ କରିଛନ୍ତି। ଦେଶରେ ସବୁଠୁ ଅଧିକ ଅପରାଧୀ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ସହ ଜଡ଼ିତ ଅଛନ୍ତି ବୋଲି ସେ ଇଙ୍ଗିତ କରିଛନ୍ତି।

ପ୍ରଶାନ୍ତ କିଶୋର ଗତ ବର୍ଷ ଅକ୍ଟୋବର ୨ରୁ ବିହାରର ବିଭିନ୍ନ ଜିଲାରେ ଜନ ସୁରାଜ ପଦଯାତ୍ରା କରୁଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କ ପଦଯାତ୍ରା ଏବେ ସମସ୍ତିପୁରରେ ସ୍ଥଗିତ ରହିଛି। ତେବେ ସେ ଶୁକ୍ରବାର ତେଜସ୍ୱୀ ଯାଦବ ଏବଂ ଆର୍‌ଜେଡିକୁ ଟାର୍ଗେଟ କରି କହିଛନ୍ତି, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ତେଜସ୍ୱୀ ଯାଦବ ମୋ ଅପେକ୍ଷା ଭୋଜପୁରୀ ଭଲ କହିବେ କି? ତେଜସ୍ୱୀ ଭୋଜପୁରୀ କିପରି କହିବେ ଜାଣନ୍ତି ନାହିଁ କି ଇଂରାଜୀ କିପରି କହିବେ ଜାଣନ୍ତି ନାହିଁ। ସେ ସେଭଳି କିଛି ପଢି ନାହାନ୍ତି କି ବୁଝି ନାହାନ୍ତି। ବେଳେବେଳେ ତାଙ୍କୁ ଜାତି ଉପରେ ଏବଂ ଧର୍ମ ନାମରେ କହିବାକୁ ପଡ଼ିଲେ କେବଳ ଅନ୍ୟ ଦଳକୁ ଦୋଷ ଦିଅନ୍ତି। ଏଥିସହିତ ପିକେ କହିଛନ୍ତି, ବିହାରର ଲୋକେ ରୋଜଗାର ନାହିଁ ପଚାରିବାବେଳେ ତେଜସ୍ୱୀ କୁହନ୍ତି ଭାଜପାକୁ ଅଟକାଅ। ବିହାରର ଲୋକମାନେ ପଚାରନ୍ତି କାହିଁକି ବାଲି ଏବଂ ମଦ ମାଫିଆ ଅଛି, ତା'ପରେ ତେଜସ୍ୱୀ ଜାତୀୟ ଜନଗଣନା ବିଷୟରେ କହି ବିହାରର ଲୋକଙ୍କୁ ବୋକା ବନାନ୍ତି। ଆଜି ବିହାରରେ ଏକ ଗୋଷ୍ଠୀ ଅଛନ୍ତି ଯେଉଁମାନେ ବାଲି ମାଫିଆର କାମ କରୁଛନ୍ତି, ସେମାନେ ସମଗ୍ର ରାଜ୍ୟକୁ ବାଲି ଖଣିର କେନ୍ଦ୍ରରେ ପରିଣତ କରିଛନ୍ତି। ତେଜସ୍ୱୀ କହିଛନ୍ତି, ମୋର ଅପରାଧ ସହ କୌଣସି ସମ୍ପର୍କ ନାହିଁ। ଏହାର ଅର୍ଥ ବାଘ ତା'ର ମାଂସ ସହିତ କୌଣସି ସମ୍ପର୍କ ନାହିଁ କହିବାଭଳି। ଆଜି ଆରଜେଡି ସହ ଅଧିକ ଅପରାଧୀ ଜଡିତ ଅଛନ୍ତି ବୋଲି କହି ଏହି ଦଳକୁ ପ୍ରଶାନ୍ତ କିଶୋର କଟାକ୍ଷ କରିଛନ୍ତି।

# ୯ ବର୍ଷର ମିଛ ସଫଳତା ବଖାଣୁଛି ଭାଜପା: ବିଜେଡି

ଭୁବନେଶ୍ୱର,୯।୬(ବ୍ୟୁରୋ)

କେନ୍ଦ୍ରରେ ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାରେ ଭାଜପା ନେତାମାନେ ଜନସମ୍ପର୍କ ଯାତ୍ରା ମାଧ୍ୟମରେ ସଫଳତାର ଡିଣ୍ଡିମ ପିଟୁଛନ୍ତି। ମାତ୍ର ଓଡ଼ିଶା ଭାଜପା ୯ ବର୍ଷ ହେଲା ଓଡ଼ିଶାବାସୀଙ୍କୁ କେବଳ ପ୍ରତାରଣା, ଅବହେଳା ଓ ବିଶ୍ୱାସଘାତ କରି ଆସୁଛି। ଓଡ଼ିଶାରୁ ନିର୍ବାଚିତ ହୋଇ ଦିଲ୍ଲୀ ଯାଇଥିବା ରାଜ୍ୟ ଭାଜପା ନେତାମାନେ ଓଡ଼ିଶାବାସୀଙ୍କ ସ୍ୱାର୍ଥରକ୍ଷା କରିବା ପରିବର୍ତ୍ତେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଛନ୍ତି। ମିଛ ସଫଳତାର କାହାଣୀ ଗପି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ କହିଲେ, ପଶ୍ଚିମ ଓଡ଼ିଶାରୁ ଉପକୂଳ ଓଡ଼ିଶା ଏବଂ ରାଜଧାନୀ ସହ ଯୋଡୁଥିବା କଟକ-ସମ୍ବଲପୁର ଜାତୀୟ ରାଜପଥ-୫୫ ଉପରେ ଦେଢ଼ କୋଟିରୁ ଅଧିକ ଲୋକ ନିର୍ଭର କରନ୍ତି। ପଶ୍ଚିମ ଓଡ଼ିଶାର ଜୀବନରେଖା କୁହାଯାଉଥିବା ଏହି ଏନ୍‌ଏଚ୍‌ର ସମ୍ପ୍ରସାରଣ କାର୍ଯ୍ୟ ୨୦୧୭ରେ ଆରମ୍ଭ ହୋଇ ୩ ବର୍ଷ ମଧ୍ୟରେ ଶେଷ ହେବାର ଥିଲା। ମାତ୍ର ୬ ବର୍ଷ ବିତିବାକୁ ବସିଥିଲେ ମଧ୍ୟ ଏହି କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ୨୬୩ କିମି ରାସ୍ତାର ଚାରିଥାକିଆ ସମ୍ପ୍ରସାରଣ ପାଇଁ ପ୍ରଥମେ ୨୩୬୭ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ତାହା ଏବେ ପ୍ରାୟ ଦୁଇ ଗୁଣ ବଢ଼ି ୪୪୮୨କୋଟି ଟଙ୍କାରେ ପହଞ୍ଚିଲାଣି। କାମ ଶେଷ କରିବାକୁ ୩ଥର ଡେଡ୍‌ଲାଇନ୍ ଦିଆଯିବା ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ। ବିଭିନ୍ନ ସ୍ଥାନରେ ରାସ୍ତାଖୋଳା ହୋଇ ପଡ଼ିଥିବାରୁ ଏବଂ ଏକାଧିକ ବ୍ରିଜ୍ ଅଧାପନ୍ତରିଆ କରି ଛାଡ଼ି ଦିଆଯାଇଥିବାରୁ ଏହି ଜାତୀୟ ରାଜପଥ ପ୍ରତିମୁହୂର୍ତ୍ତରେ ମୃତ୍ୟୁକୁ ଆମନ୍ତ୍ରଣ ଜଣାଉଛି। ମୃତ୍ୟୁଯନ୍ତା ପାଲଟିଥିବା ଏହି ଜାତୀୟ ରାଜପଥରେ ୨୦୧୬ରୁ ୨୦୨୨ଅର୍ଥାତ୍ ଗତ ୬ ବର୍ଷ ମଧ୍ୟରେ୧୩୧୫ଟି ଦୁର୍ଘଟଣା ଘଟି ୬୦୩ ଜଣଙ୍କ ଜୀବନ ଯାଇଛି। ସେଥିରୁ ଶେଷ ୨ବର୍ଷ ମଧ୍ୟରେ ୪୦୦ରୁ ଅଧିକ ଦୁର୍ଘଟଣା ଘଟି ପ୍ରାୟ ୨୦୦ ମୁଣ୍ଡ ଗଡ଼ିଲାଣି। ତଥାପି ଓଡ଼ିଶାରୁ କେନ୍ଦ୍ରମନ୍ତ୍ରୀ ହୋଇଥିବା ଏବଂ ସଂସଦକୁ ଯାଇଥିବା ଭାଜପା ନେତାମାନେ ଏଥିପାଇଁ କେନ୍ଦ୍ର ଆଗରେ ପାଟି ଫିଟାଉନାହାନ୍ତି। ଏଭଳି ଓଡ଼ିଶା ବିରୋଧୀ ମନୋଭାବ ଥିବା କାରଣରୁ ରାଜ୍ୟବାସୀ ଓଡ଼ିଶା ଭାଜପା ନେତାମାନଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି ବୋଲି ଗୌତମ କହିଛନ୍ତି । ବିଜେଡିର ଅନ୍ୟତମ ମୁଖପାତ୍ର ପ୍ରିୟବ୍ରତ ମାଝି ଓଡ଼ିଶା ଭାଜପାର ପ୍ରତାରଣାର ଆଉ ଏକ ନମୁନା ବିଷୟରେ ଉଲ୍ଲେଖ କରି କହିଲେ, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଦେବଗଡ଼ରେ ଆୟୋଜିତ ନିର୍ବାଚନୀ ସଭାରେ ଭାଜପାର ବଡ଼ ବଡ଼ ନେତାମାନେ ଉଦ୍‌ବୋଧନ ଦେଇ ଦେବଗଡ଼ବାସୀଙ୍କୁ ଅନେକ ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ରରେ ଭାଜପା ସରକାରକୁ ଆସିଲେ ଦେବଗଡ଼ରେ ଫୁଡ୍ ପ୍ରୋସେସିଂ ଉଦ୍ୟୋଗର କ୍ଲଷ୍ଟର କରାଯିବ, ଚାଷୀମାନେ କାରଖାନାର ମାଲିକ ହେବେ, ଦୁଇବର୍ଷ ଭିତରେ ଅଗ୍ରାଧିକାର ଭିତ୍ତିରେ ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣ ଶେଷ ହେବ, ନୀତୀଶ ଗଙ୍ଗଦେବ ଏମ୍‌ପି ହେଲେ ଦିଲ୍ଲୀରୁ ଟଙ୍କା ଆଣି ଦେବଗଡ଼ର ବିକାଶ କରିବେ, ଦେବଗଡ଼କୁ ରାଜ୍ୟର ୧ ନମ୍ବର ଜିଲାରେ ପରିଣତ କରାଯିବ ବୋଲି ଏହି ଭାଜପା ନେତାମାନେ ଦେଇଥିବା ଗୋଟିଏ ବି ପ୍ରତିଶ୍ରୁତି ଏଯାଏ ପୂରଣ ହୋଇନି। ତେଣୁ ଓଡ଼ିଶା ଭାଜପାର ନେତାମାନେ ମନଗଢ଼ା କାହାଣୀ ଶୁଣାଇ ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇ ଆସୁଛନ୍ତି । ଆଗାମୀ ଦିନରେ ମଧ୍ୟ ପ୍ରତ୍ୟାଖ୍ୟାନ କରିବେ ବୋଲି ମାଝି କହିଛନ୍ତି।

# ୧୦ ଜିଲାରେ କଂଗ୍ରେସର ନୂଆ ସଭାପତି

ଭୁବନେଶ୍ୱର,୯।୬(ବ୍ୟୁରୋ)



- କୋରାପୁଟରେ ତାରାଙ୍କ ସ୍ତ୍ରୀଙ୍କୁ କରାଗଲାନି ଜିଲା ସଭାପତି
- ଇସ୍ତାହାର କମିଟି ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ
- ଶୃଙ୍ଖଳା କମିଟି ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଶୁକ୍ରବାର ୧୦ଟି ଜିଲା ପାଇଁ ନୂଆ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ତେବେ କୋରାପୁଟ ଜିଲା ସଭାପତି ପଦରୁ ମୀନାକ୍ଷୀ ବାହିନୀପତିଙ୍କୁ ବାଦ୍ ଦିଆଯାଇଛି। କୋରାପୁଟ ଜିଲା ସଭାପତି ପଦବୀକୁ ନେଇ ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ଏମ୍‌ପି ସପ୍ତଗିରି ଉଲାକାଙ୍କ ଗୋଷ୍ଠୀ ମଧ୍ୟରେ ଏକ ପ୍ରକାର ଯୁଦ୍ଧ ଚାଲିଥିଲା। ଉଭୟ ନେତାଙ୍କ ଗୋଷ୍ଠୀ ଜିଲା ସଭାପତି ପଦବୀକୁ ନେଇ ପୃଥକ୍ ଭାବେ ପିସିସି ସଭାପତିଙ୍କୁ ଭେଟି ନିଜର ଦାବି ରଖିଥିଲେ। ତାରା ତାଙ୍କ ସ୍ତ୍ରୀଙ୍କୁ ପୁଣି ସଭାପତି କରାଇବା ଲାଗି ନିଜ ସମର୍ଥକମାନଙ୍କ ସହିତ ଆସି ପିସିସି ସଭାପତିଙ୍କ ଆଗରେ ଦାବି ରଖିବା ସହ ପୂର୍ବରୁ ଏହି କଥାକୁ ନେଇ ଅସନ୍ତୋଷ ମଧ ପ୍ରକାଶ କରିଥିଲେ। ହେଲେ ତାଙ୍କ ଉଦ୍ୟମ ଏକ ପ୍ରକାର ବିଫଳ ହୋଇଛି। କୋରାପୁଟ ଜିଲା ସଭାପତି ଭାବେ ଦୁର୍ଗାଶଙ୍କର ସାହୁଙ୍କୁ ଦାୟିତ୍ୱ ମିଳିଥିବା ବେଳେ ନୂଆପଡ଼ା ସଭାପତି ଭାବେ ସୁରେଶ କୁମାର ଆଜାଦ, କେନ୍ଦୁଝର ସଭାପତି ଭାବେ ମୋହନ ପରିଡ଼ାଙ୍କୁ ଦାୟିତ୍ୱ ଦିଆଯାଇଛି। ସେହି ଅନୁଯାୟୀ, ପୁରୀ ସଭାପତି ଭାବେ ଜୟରାମ ପଟ୍ଟନାୟକ, ଭଦ୍ରକ ଜିଲାରେ ଅଶୋକ ଦାସ, ଅନୁଗୋଳରେ ସଂଗ୍ରାମ ମିଶ୍ର, ସମ୍ବଲପୁରରେ ଆସିଫ୍ ଅଲ୍ଲୀ ଖାନ୍, ସୁନ୍ଦରଗଡ଼ରେ ଜନାର୍ଦ୍ଦନ ଦେହୁରୀ, ରାୟଗଡ଼ାରେ ବିଜୟ କୁମାର ଗମାଙ୍ଗ ଏବଂ ଦେବଗଡ଼ରେ ସେମ ହେମ୍ବ୍ରମଙ୍କୁ ସଭାପତି ଭାବେ ନିଯୁକ୍ତି ମିଳିଛି। ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସାଧାରଣ ସମ୍ପାଦକ ତଥା ଏମ୍‌ପି କେ.ସି. ବେଣୁଗୋପାଳଙ୍କ ଦସ୍ତଖତରେ ଏକ ଚିଠି ପ୍ରକାଶ ପାଇଛି। ସେହିପରି ପିସିସି ତା'ର ଇସ୍ତାହାର କମିଟି ଅଧ୍ୟକ୍ଷ ଭାବେ ପଞ୍ଚାନନ କାନୁନ୍‌ଗୋଙ୍କୁ ନିଯୁକ୍ତ କରିଥିବା ବେଳେ ପ୍ରଚାର ଏବଂ ପ୍ରସାର କମିଟି ଅଧ୍ୟକ୍ଷ ଭାବେ ସଞ୍ଜୟ ତ୍ରିପାଠୀ, ଏଆଇସିସି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାକୁ କମିଟି ଅଧ୍ୟକ୍ଷ ଭାବେ ଯଜ୍ଞେଶ୍ୱର ବାବୁଙ୍କୁ ନିଯୁକ୍ତ କରିଛି। ସେହିପରି ଶୃଙ୍ଖଳା କମିଟି ଅଧ୍ୟକ୍ଷ ଭାବେ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଏହାର ଆବାହକ ଭାବେ ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ସଦସ୍ୟ ଭାବେ ରାଜେନ୍ଦ୍ର ଛତ୍ରିଆ, ଦେବେନ୍ଦ୍ର ସାହୁ ଓ ପ୍ରତିମା ମଲ୍ଲିକଙ୍କୁ ରଖାଯାଇଛି।

## ଅନୁସୂଚିତ ବର୍ଗ ଲୋକଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ଲାଗି ଆମ୍ବେଡ଼କର ସମ୍ବିଧାନରେ ଅଧିକାର ଦେଇଥିଲେ: ଭାଜପା

ଭୁବନେଶ୍ୱର, ୯।୬(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ସମ୍ପ୍ରଦାୟ, ବିଭିନ୍ନ ବର୍ଗ ଓ ଜାତିର ବିକାଶ ପାଇଁ ଅନେକ ମହତ୍ତ୍ୱପୂର୍ଣ୍ଣ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଭାରତବର୍ଷରେ ଅନୁସୂଚିତ ବର୍ଗର ଲୋକଙ୍କ ସଂଖ୍ୟା ୧୭ ଭାଗରୁ ଊର୍ଦ୍ଧ୍ୱ। ଓଡ଼ିଶାରେ ମଧ ପାଖାପାଖି ୧୮ ଭାଗ ଲୋକ ଅନୁସୂଚିତ ଜାତି ବର୍ଗର ଲୋକ ଅଛନ୍ତି। ତେଣୁ ଅନୁସୂଚିତ ଜାତିବର୍ଗର ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଆମ୍ବେଡ଼କର ସମ୍ବିଧାନରେ ଅଧିକାର ଦେଇଥିଲେ ଏବଂ ଆଇନ ପ୍ରଣୟନ କରିଥିଲେ ବୋଲି ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁପ୍ରସାଦ ତରାଇ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭୁପ୍ରସାଦ କହିଛନ୍ତି, ବିଶେଷ ଭାବେ ଏହି ବର୍ଗର ଅର୍ଥନୈତିକ, ସାମାଜିକ ସ୍ଥିତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗରିବ କଲ୍ୟାଣ ଯୋଜନାରେ ଖାଦ୍ୟ, ବସ୍ତ୍ର, ବାସଗୃହ, ବିଜୁଳି, ପିଇବା ପାଣି, ଶୌଚାଳୟ, ଭତ୍ତା, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱନିଧି ଭଳି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଶତକଡ଼ା ୯୫ ଭାଗରୁ ଊର୍ଦ୍ଧ୍ୱ ଲୋକ ରାଶନ ସାମଗ୍ରୀ ପାଉଛନ୍ତି। ପରିବାରର ରୋଜଗାର ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ପାରିଶ୍ରମିକ ପାଇବାର ବ୍ୟବସ୍ଥା କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଧିକ ଅନୁସୂଚିତ ଜାତି ବର୍ଗର ଲୋକେ ଉପକୃତ ହେଉଛନ୍ତି। ଏପର୍ଯ୍ୟନ୍ତ ୫୫,୯୩,୨୯୧ ଜଣଙ୍କୁ ଭାରତବର୍ଷରେ ଘର ଯୋଗାଇ ଦିଆଯାଇଛି। ସୌଭାଗ୍ୟ ଯୋଜନାରେ ଗରିବ ଲୋକ ମାଗଣା ବିଜୁଳି ପାଇବାରେ ଅନୁସୂଚିତ ଜାତି ବର୍ଗର ଲୋକମାନେ ସର୍ବାଧିକ ସୁଫଳ ପାଇଛନ୍ତି । ଅନୁସୂଚିତ ବର୍ଗ ଛାତ୍ରୀଛାତ୍ରଙ୍କ ଶିକ୍ଷାକୁ ଗୁରୁତ୍ୱ ଦେଇ ମୋଦି ସରକାର ୨୦୧୪ରୁ ତାକୁ ୫୯ ହଜାର କୋଟି ଟଙ୍କା ବୃତ୍ତି ଦେବାର ବ୍ୟବସ୍ଥା କରିଛନ୍ତି । ଏହାଦ୍ୱାରା ବିଦେଶକୁ ଯାଇ ଅଧ୍ୟୟନ କରିବାର ସୁବିଧା ମିଳିଛି ବୋଲି ତରାଇ କହିଛନ୍ତି।

# ମନ୍ତ୍ରୀଶୂନ୍ୟ ହେଲା ସମ୍ବଲପୁର ଜିଲା

ସମ୍ବଲପୁର,୯।୬(ବ୍ୟୁରୋ)

ରାଜ୍ୟ ମନ୍ତ୍ରିମଣ୍ଡଳରେ ସମ୍ବଲପୁର ଜିଲା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ସାମିଲ କରାଯାଇ ଉଚ୍ଚଶିକ୍ଷା ବିଭାଗ ଦାୟିତ୍ୱ ଦିଆଯାଇଥିଲା। ସରକାରୀ ଗସ୍ତରେ ସିଙ୍ଗାପୁର ଯାଇ ଗୁରୁବାର ଫେରିଥିବା ମନ୍ତ୍ରୀ ପୂଜାରୀଙ୍କୁ ଶୁକ୍ରବାର ପଦରୁ ହଟାଇ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୁପାରିସ କରିଛନ୍ତି। ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବିଭାଗୀୟ କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ ନ କରିପାରିବା କାରଣରୁ ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ହଟାଇ ଦେଇଛନ୍ତି। ଏବେ ସମ୍ବଲପୁର ଜିଲା ପୂର୍ବଭଳି ମନ୍ତ୍ରୀପଦ ଶୂନ୍ୟ ହୋଇ ରହିଲା। ମନ୍ତ୍ରୀପଦ ଯିବା କାରଣ ନେଇ ସମ୍ବଲପୁରବାସୀ ଓ ରୋହିତଙ୍କ ସମର୍ଥକ ସହଜରେ ଗ୍ରହଣ କରିପାରୁ ନାହାନ୍ତି।

ଦଳରେ ରୋହିତଙ୍କୁ ଅଣଦେଖା କରାଯାଉଥିବା ନେଇ ନଜିର ରହିଛି। ସୋନପୁର ଜିଲା ପର୍ଯ୍ୟବେକ୍ଷକରୁ ବାଦ୍ ଦିଆଯାଇଥିବା ବେଳେ ଝାରସୁଗୁଡ଼ା ଉପନିର୍ବାଚନରେ ମନ୍ତ୍ରୀ ଥିବା ସତ୍ତ୍ୱେ ପ୍ରଚାର ତାଲିକାରୁ ବାଦ୍ ଦିଆଯାଇଥିଲା। କିଛିଦିନ ପୂର୍ବରୁ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ସମୟରେ ଜିଲାର ମନ୍ତ୍ରୀ ଥାଇ ଅନ୍ୟ ଜିଲାର ମନ୍ତ୍ରୀଙ୍କୁ ଅତିଥି କରିବା ଭଳି ଘଟଣା ଦେଖିବାକୁ ମିଳିଥିଲା। ଏହିସବୁ ଘଟଣାରୁ ଦଳ ତାଙ୍କୁ ମନ୍ତ୍ରୀ ପଦ ଦେଇଥିଲା ସତ ହେଲେ ଉପଯୁକ୍ତ ସ୍ଥାନ ଦେଇ ନ ଥିଲା ବୋଲି କୁହାଯାଉଛି। କିଛିଦିନ ଆଗରୁ ଯୁଯୁମୁରା ବ୍ଲକରେ ବିଧାୟକ ପାଣ୍ଠିରେ ୯ ଲକ୍ଷ ଟଙ୍କା ବିନା କାମରେ ଉଠାଯାଇଥିଲା। ଏହି ଘଟଣାରେ ମନ୍ତ୍ରୀ ପୂଜାରୀଙ୍କ ଅନୁଗତ ଟଙ୍କା ନେଇଥିଲେ। ହେଲେ ଏଥିରେ ତାଙ୍କ ନାମ ମଧ ଯୋଡ଼ି ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ଦାୟିତ୍ୱ ପାଇବା ପରେ ମଧ ବିଭାଗରେ ଅନିୟମିତତା ହୋଇଥିବା ନେଇ ଚର୍ଚ୍ଚା ହେଉଛି। କିଛିଦିନ ପୂର୍ବରୁ ରାଜନୀତିରେ ଅବସର ବୟସ ସୀମାକୁ ନେଇ ସେ ବିବାଦରେ ଥିଲେ। ଏହାସହ ନିଜ ବିଧାନସଭା ଅଞ୍ଚଳରେ ସଙ୍ଗଠନକୁ ନେଇ ମଧ ବିବାଦୀୟ ରହିଥିଲେ। ପଞ୍ଚାୟତ ଓ ଏନ୍‌ଏସି ନିର୍ବାଚନ ସମୟରେ ଦଳ ପରାଜିତ ହୋଇଥିଲା। ବିଧାନସଭା କ୍ଷେତ୍ରର କର୍ମୀ ଓ ନେତାମାନେ ତାଙ୍କ ବିରୋଧରେ ହାଇ କମାଣ୍ଡଙ୍କୁ ଜଣାଇଥିଲେ। ତାଙ୍କୁ ବିଦା କରିବାରେ ଏଭଳି ବିଭିନ୍ନ କାରଣକୁ ନେଇ ଏଠାରେ ଆଲୋଚନା ଚାଲିଛି।


GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER,
SUBARNAREKHA AND BUDHABALANGA BASIN, LAXMIPOSI
Phone No. 9438477985, e-Mail id: cebmsbb2019@gmail.com

No. A-209

No. S&BB-W-3318 Dt. 03.06.23

**1st Corrigendum to Tender Notice:-**

**BID Identification No.21/22-23 of CEBM, SBB, Laxmiposi**

**Name of Work:-** Construction of Bankatira Barrage across river Budhabalanga at Darkuli in District Balasore, Odisha including hydro-mechanical works, Power connectivity works, road connectivity, staff quarters including survey, investigation, Planning, design and estimate of all components with operation and maintenance of the project for a period of five years or five flood seasons whichever is more after successful commissioning of the project.

**Due to some unavoidable circumstances, the tender for the above work is hereby cancelled as per Clause No. 20.2, Section-II, Vol-I of Standard bidding Document.**

Sd./- Chief Engineer & Basin Manager
Subarnarekha & Budhabalanga Basin, Laxmiposi
OIPR-32074/11/0007/2324



ODISHA PUBLIC SERVICE COMMISSION

NOTICE

No. 4916/PSC Dt.08.06.2023
(1E-01-2022/23) (DR-II)

No. D-65: In Supersession to this office Notice No. 4432/PSC, Dt.20.05.2023, it is for information of all concerned that the Commission has decided to reschedule the written examination for recruitment to the posts of Assistant Professor (Broad Speciality) in different disciplines, pursuant to the Advertisement No. 16 of 2022-23 on 25.06.2023 in lieu of 18.06.2023. The detailed programme of the said examination with venue shall be notified later.

The concerned candidates are advised to visit the website of OPSC (**www.opsc.gov.in**) regularly for further details.

OIPR-12002/11/0044/2324 Sd./- Secretary (I/C)



GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER,
SUBARNAREKHA AND BUDHABALANGA BASIN, LAXMIPOSI
Phone No. 9438477985, e-Mail id: cebmsbb2019@gmail.com

No. A-210

No. S&BB-W-3322 Dt. 03.06.23

**1st Corrigendum to Tender Notice:-**

**BID Identification No.02/22-23 of CEBM, SBB, Laxmiposi**

**Name of Work:-** Construction of Nuagaon Distributary from RD 4792 M to RD 9140M, Kainphulia Minor, Pathara S/M, Joginuagaon S/M and Amjuda S/M including all structures, cement concrete lining and inspection road under Subarnarekha Irrigation Project.

**Due to some unavoidable circumstances, the tender for the above work is hereby cancelled as per Clause No. 15 of NIT.**

Sd./- Chief Engineer & Basin Manager
Subarnarekha & Budhabalanga Basin, Laxmiposi
OIPR-32074/11/0008/2324



GOVERNMENT OF ODISHA
OFFICE OF THE ENGINEER-IN-CHIEF,
RURAL WORKS: BHUBANESWAR

NOTICE INVITING TENDER FOR BUILDING WORKS IN ODISHA THROUGH e-Procurement

No.Online-03-Bid-2023-24 Lr.No.16756, Date:06.06.2023

No.O-205

e-Procurement Notice

| | | | |
|---|---|---|---|
| 1. | Name of the Work | : | Construction of Multi Purpose Hall (MPH) in different ULBs of the State. |
| 2. | Estimated Cost | : | Rs.4.00 Crore to 8.50 Crore (Approx) |
| 3. | Class of Contractor | : | "A" Class & "Special" Class |
| 4. | Time for Completion | : | 6 Calendar Months |
| 5. | E.M.D. required | : | As mentioned in the Annexure at coloumn-5 |
| 6. | Cost of Tender Paper | : | Rs.10,000/- per set. |
| 7. | Mode of submission of tender | : | Tender should be submitted online in https://www.tendersorissa.gov.in. |
| 8. | Period of availability of tenders on-line/Date & time of bidding on-line/ last date of seeking clarification/ Date of opening of tender papers | : | The details are as follows. |

| Procurement Officer | Bid Identification No. | Availability of Tender on-line for bidding | | Last date & time of seeking tender clarification | Date & Time of Opening of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Tender Online- AGL-04-2023-24 | 21.06.2023 11.00 A.M. | 05.07.2023 3.00 P.M. | 04.07.2023 | 06.07.2023 11.00 A.M. | 14.07.2023 11.00 A.M. |
| Chief Construction Engineer, Rural Works Circle, Balasore | N.C.B. No.-06/ 2023-24 | 21.06.2023 11.00 A.M. | 05.07.2023 3.00 P.M. | 04.07.2023 | 06.07.2023 11.00 A.M. | 14.07.2023 11.00 A.M. |
| Chief Construction Engineer, Rural Works Circle, Baripada | Online Tender- N.C.B. No-282/- 2023-24 | 21.06.2023 11.00 A.M. | 05.07.2023 3.00 P.M. | 04.07.2023 | 06.07.2023 11.00 A.M. | 14.07.2023 11.00 A.M. |
| Chief Construction Engineer, Rural Works Circle, Keonjhar | Online-NCB No-371 2023-24 | 21.06.2023 11.00 A.M. | 05.07.2023 3.00 P.M. | 04.07.2023 | 06.07.2023 11.00 A.M. | 14.07.2023 11.00 A.M. |

7. Other details can be seen in the bidding documents, which is available in website www.tendersorissa.gov.in.

Sd./- Chief Engineer, (Buildings & Bridges)
Odisha, Bhubaneswar

OIPR-25123/11/0011/2324



OFFICE OF THE CHIEF ENGINEER & BASIN MANAGER,
SUBARNAREKHA & BUDHABALANGA BASIN, LAXMIPOSI
DIST- MAYURBHANJ, ODISHA, PIN: 757107
Tel No. 9438477985, E-MAIL:-cebmsbb2019@gmail.com
Bid Identification No. 05/23-24 of CEBM, SBB, Laxmiposi

**Online tenders are invited from Super Class or Equivalent Grade Bidders on EPC Contract**

| Name of Work | Class/EMD/Tender Fee/ Period of Completion |
|---|---|
| NAME OF WORK : Construction of Distribution System for 5180 ha. Of CCA including command area development (CAD) of Basta distributary from RD 2.007 km to tail under Subarnarekha Irrigation Project through under ground pipe line irrigation system (gravity flow) in Mayurbhanj & Balasore District of Odisha on EPC-Turn Key basis including operation and maintenance of complete commissioned project for 5 years. | (1) Class of Contractor - Super Class or Equivalent Grade Bidders (2) EMD:Rs.2,02,60,800/- (3) Tender Fee : Rs.10,000.00 to be transferred online (non Refundable). (4) Period of completion : 24 (Twenty four) calendar months including rainy seasons. |

A. Period of Availability of Bid Document in the Portal : From 09.06.2023, 10.00 AM to 06.07.2023, 5.00 PM
B. Date & time For Pre-Bid Conference : 19.06.2023, 11.35 AM
C. Last Date and Time for Receipt of Bid : 06.07.2023, 5.00 PM
D. Place of Sale & Receipt of Bid : Online through e-Procurement
E. Time and Date of Opening of Technical Bid : 07.07.2023, 11.00 AM
F. Place of Opening of Bid : O/o the Chief Engineer & Basin Manager, Subarnarekha & Budhabalanga Basin, Laxmiposi
G. Further details can be seen from E-Procurement Portal "https://www.tendersodisha.gov.in.

Sd./- Chief Engineer & Basin Manager
Subarnarekha & Budhabalanga Basin
Laxmiposi

OIPR-32074/11/0013/2324



OFFICE OF THE ROURKELA MUNICIPAL CORPORATION
Uditnagar, Rourkela, Dist.: Sundargarh (Odisha),
PIN - 769012, Website: www.rmc.nic.in
Email Id: rourkelamunicipality@gmail.com

No. 6665 Date: 07.06.2023

TENDER CALL NOTICE

No. C-537: Sealed tenders are invited from the reputed firms/agencies for **"Supply of Manpower for Operation & Maintenance Work at Biju Patnaik Indoor Stadium, Panposh, Rourkela on outsource Basis"**.

Details technical specifications along with terms & conditions etc. may be seen from the Website of Rourkela Municipal Corporation i.e. **www.rmc.nic.in**. Date of issue of tender documents is 08.06.2023. The last date for receipt of sealed tender is 23.06.2023 till 01.00 P.M. through Speed Post/ Regd. Post/Courier/or by Hand in the office address of the undersigned.

Sd./- Commissioner
Rourkela Municipal Corporation
OIPR-13131/11/0021/2324


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...................................


ମନ୍ନାଲ୍‌ଦୀପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରଥମ ଜନଜାତି ଖେଳ ମହୋତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର, ୯।୬ (ସ୍ପୋର୍ଟ୍ସ ବ୍ୟୁରୋ)**

ପ୍ରଥମ ଜନଜାତି ଖେଳ ମହୋତ୍ସବ ଶୁକ୍ରବାର କିଟ୍ କ୍ରିକେଟ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ଶିକ୍ଷା ଓ କୌଶଳ ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ସଂସ୍କୃତି ମନ୍ତ୍ରାଳୟର ଯୁଗ୍ମ ସଚିବ ଉମା ନନ୍ଦୁରୀ ଓ କିଟ୍-କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ, ଓଡ଼ିଶା ସରକାର ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ଜନଜାତି ଖେଳ ମହୋତ୍ସବ ୧୨ ତାରିଖରେ ଉଦ୍‌ଯାପିତ ହେବ। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଥିଲେ କ୍ରୀଡ଼ାରେ ବିଜୟ ଓ ପରାଜୟ ଉପରେ ଗୁରୁତ୍ୱ ଦିଆଯିବା ଉଚିତ ନୁହେଁ। ପ୍ରତ୍ୟେକ ନିଜ ନିଜର ସଫଳତା ପ୍ରତି ଧ୍ୟାନ ଦେବା ଉଚିତ। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରୀଡ଼ା ଓ ଶିକ୍ଷାକୁ ସମାନ ଭାବେ ଗୁରୁତ୍ୱ ଦେଇ ଖେଲୋ ଇଣ୍ଡିଆ ଭଳି ଜନଜାତି ଖେଳ ମହୋତ୍ସବର ପରିକଳ୍ପନା କରିଛନ୍ତି। ଦେଶର ଅଧିକାଂଶ କ୍ରୀଡ଼ାବିତ୍ ଜନଜାତି ସମ୍ପ୍ରଦାୟରୁ ଆସିଛନ୍ତି। ଉମା ନନ୍ଦୁରୀ କହିଥିଲେ, ଆଜାଦୀ କା ଅମୃତ ମହୋତ୍ସବ ଅଭିଯାନ ବିଶ୍ୱର ସର୍ବବୃହତ ଅଭିଯାନରେ ପରିଣତ ହୋଇଛି। ପ୍ରଥମ ସଂସ୍କରଣରେ ୧୦ଟି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଆୟୋଜନ ହେବା ସହ ୨୦ ବିଭିନ୍ନ ବିଭାଗରେ ପ୍ରଦର୍ଶନୀ କ୍ରୀଡ଼ା ଆୟୋଜିତ ହେବ। ଏହାଛଡ଼ା ଜନଜାତି ଖେଳ ମହୋତ୍ସବ ଉପରେ ବିଭିନ୍ନ ଆଲୋଚନାଚକ୍ରମାନ ମଧ୍ୟ ଆୟୋଜିତ ହେବ ବୋଲି ସେ କହିଥିଲେ। ତିର୍କୀ କହିଥିଲେ, ପ୍ରଥମ ଥର ଲାଗି ଦେଶର ୨୬ଟି ରାଜ୍ୟର କୋଚ ଓ ଅଫିସିଆଲଙ୍କ ସମେତ ୫ହଜାରରୁ ଊର୍ଦ୍ଧ୍ୱ ଜନଜାତି ଖେଳାଳି ଭୁବନେଶ୍ୱରରେ ଏକାଠି ହୋଇଛନ୍ତି। ଏହା ଓଡ଼ିଶା ପାଇଁ ଗୌରବର ବିଷୟ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଜନଜାତି ଖେଳ ମହୋତ୍ସବ ଏକ ଇତିହାସ ହୋଇ ରହିବ। ସ୍ୱାଗତ ସମ୍ଭାଷଣ ଦେଇ ସେ କହିଥିଲେ, ଜନଜାତି ଖେଳ ମହୋତ୍ସବକୁ ଏକ ବିରାଟ ଆକାରରେ ଆୟୋଜନ କରାଯିବାର ବନ୍ଦୋବସ୍ତ କରାଯାଇଥିଲେ ମଧ୍ୟ ନିକଟରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ପାଇଁ ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାଦ ଦିଆଯାଇ ନିରାଡ଼ମ୍ବର ଭାବେ ଆୟୋଜନ କରାଯାଇଛି। ଏହି ଅବସରରେ ଅତିଥିଙ୍କ ଦ୍ୱାରା ପ୍ରଥମ ଜନଜାତି ମହୋତ୍ସବ ଜର୍ସି, ମାସ୍କଟ ଓ ସୂଚନା ପତ୍ରିକା ଉନ୍ମୋଚିତ ହୋଇଥିଲା।



ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ବୋଧନ ଦେଉଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

## ସେକ୍ରେଟାରିଏଟ ପ୍ରିମିୟର ଲିଗ୍ ଉଦ୍‌ଯାପିତ
# ୱାରିୟର୍ସ ଚାମ୍ପିୟନ



ଅତିଥି ଓ କର୍ମକର୍ତ୍ତାଙ୍କ ସହ ଚାମ୍ପିୟନ ୱାରିୟର୍ସ ଦଳ।

**ଭୁବନେଶ୍ୱର, ୯।୬(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ସେକ୍ରେଟାରିଏଟ୍ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଦ୍ୱାଦଶ ସେକ୍ରେଟାରିଏଟ୍ ପ୍ରିମିୟର୍ ଲିଗ୍‌ର ଫାଇନାଲ ମ୍ୟାଚରେ ୱାରିୟର୍ସ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ପ୍ରବଳ ବର୍ଷା କାରଣରୁ ବିଦ୍ୟୁତ୍ ସରବରାହରେ ସମସ୍ୟା କାରଣରୁ ଫାଇନାଲ ଖେଳ ସମ୍ଭବ ହୋଇ ନ ଥିବା ବେଳେ ଲିଗ୍ ପର୍ଯ୍ୟାୟ ପଏଣ୍ଟ ଆଧାରରେ ୱାରିୟର୍ସ ଚାମ୍ପିୟନ ଓ ଟାଇଟନ୍ସ ରନର୍‌ଅପ୍ ହୋଇଛି। ସୁନାମଧନ୍ୟ କୋଚ୍ କିଶୋର ମାଣିଆ ଓ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ମନୋଜ କୁମାର ସ୍ୱାଇଁ ଅତିଥି ଭାବରେ ଯୋଗ ଦେଇ ସମସ୍ତଙ୍କୁ ପୁରସ୍କୃତ କରିଥିଲେ। ଆଲୋକ ମହାରଣା ଓ ଫାଲ୍‌ଗୁନୀ ସିଂହଙ୍କୁ ଯଥାକ୍ରମେ ଅରେଞ୍ଜ ଓ ପର୍ପଲ କ୍ୟାପ୍ ପ୍ରଦାନ କରାଯାଇଥିଲା। ଶ୍ରୀନିବାସ ଦାସଙ୍କୁ ଟୁର୍ନାମେଣ୍ଟର ମୂଲ୍ୟବାନ ଖେଳାଳି ଘୋଷଣା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବଙ୍କ ଜରିଆରେ ବାହାନଗା ରେଳ ଦୁର୍ଘଟଣା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆସୋସିଏଶନ୍‌ର କାର୍ଯ୍ୟକାରୀ ସଭାପତି ଶଶାଙ୍କ ମହାପାତ୍ର, ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ନୃସିଂହ ଚରଣ ପୃଷ୍ଟି, କାର୍ଯ୍ୟକାରୀ ସଦସ୍ୟ ସ୍ୱର୍ଣ୍ଣେନ୍ଦୁ ମିଶ୍ର, କ୍ରୀଡା ନିର୍ଦ୍ଦେଶକ ଅବିନାଶ ଖଣ୍ଡୁଆଳ, ବରିଷ୍ଠ ସଦସ୍ୟ ପଦ୍ମ ଚରଣ ରାଉତ, ଜର୍ଜ ଦେବୀଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଇଟାଲୀ, ଉରୁଗ୍ୱେ ଫାଇନାଲରେ

**ଲା ପ୍ଲାଟା(ଆର୍ଜେଣ୍ଟିନା),୯।୬(ପି.ଟି.)**

ଆର୍ଜେଣ୍ଟିନାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଫୁଟବଲ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ଇଟାଲୀ ଓ ଉରୁଗ୍ୱେ। ଗୁରୁବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ଇଟାଲୀ ୨-୧ ଗୋଲରେ ଦକ୍ଷିଣ କୋରିଆକୁ ଏବଂ ଉରୁଗ୍ୱେ ୧-୦ ଗୋଲରେ ଇସ୍ରାଏଲକୁ ପରାସ୍ତ କରିଛି। ଉଭୟ ମ୍ୟାଚ୍ ଲା ପ୍ଲାଟାର ଯୁନିକୋ ଡିଏଗୋ ଆର୍ମାଣ୍ଡୋ ମାରାଡୋନା ଷ୍ଟାଡିୟମରେ ଖେଳାଯାଇଥିଲା। ଉଭୟ ଫାଇନାଲ ଓ ତୃତୀୟ ସ୍ଥାନ ମ୍ୟାଚ୍ ରବିବାର ଅନୁଷ୍ଠିତ ହେବ। କ୍ରମାଗତ ତୃତୀୟ ଥର ସେମିଫାଇନାଲରେ ପହଞ୍ଚିଥିବା ଇଟାଲୀ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିବା ବେଳେ ୧୯୯୭ ଓ ୨୦୧୩ ପରେ ତୃତୀୟ ଥର ଫାଇନାଲରେ ପ୍ରବେଶ କରିଛି ଉରୁଗ୍ୱେ।

ଇଟାଲୀ ଓ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବେଶ୍ ରୋମାଞ୍ଚକ ରହିଥିଲା। ପ୍ରାୟ ୨୦ ହଜାର ଦର୍ଶକଙ୍କ ଉପସ୍ଥିତିରେ ଉଭୟ ଦଳ ଚମତ୍କାର ପ୍ରଦର୍ଶନ କରିଥିଲେ। ଇଟାଲୀ ଗୋଲ୍‌କିପର ସେବାଷ୍ଟିଆନୋ ଡେସପ୍ଲାଞ୍ଚେସ୍ ଓ ଦକ୍ଷିଣ କୋରିଆର ଗୋଲ କିପର କିମ୍ ଜୁନ୍ ହଙ୍ଗ ଆରମ୍ଭରୁ ଶେଷ ଯାଏ ଚମତ୍କାର ପ୍ରଦର୍ଶନ କରିଥିଲେ। ମ୍ୟାଚ୍‌ର ୧୪ତମ ମିନିଟରେ ଟୁର୍ନାମେଣ୍ଟର ଟପ୍ ସ୍କୋରର ସିଜର୍ କାସେଡାଇ ଏକ ଗୋଲ ସ୍କୋର କରିଥିଲେ। ୩ ଜଣ କୋରିଆ ଡିଫେଣ୍ଡରଙ୍କୁ ମାତ ଦେଇ ସେ ବକ୍ସ ବାହାରୁ ଗୋଲ ସ୍କୋର କରିଥିଲେ। ଚଳିତ ଟୁର୍ନାମେଣ୍ଟରେ ଏହା ତାଙ୍କର ସପ୍ତମ ଗୋଲ ଥିଲା। ଏହାର ୯ ମିନିଟ ପରେ ଦକ୍ଷିଣ କୋରିଆକୁ ମିଳିଥିବା ସ୍ପଟ୍ କିକ୍‌ରୁ ଗୋଲ୍ ସ୍କୋର କରିଥିଲେ ଲି ସେଉଙ୍ଗ ଓନ୍। ଭିଡିଓ ରେଫରାଲରୁ କୋରିଆକୁ ଏକ ସ୍ପଟ୍ କିକ୍ ପ୍ରଦାନ କରାଯାଇଥିଲା। ଉଭୟ ଦଳ ପକ୍ଷରୁ ଗୋଲ ସ୍କୋରର ପ୍ରୟାସ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ତେବେ ୮୬ ତମ ମିନିଟରେ ଇଟାଲୀକୁ ମିଳିଥିବା ଫ୍ରି କିକ୍‌କୁ ଗୋଲରେ ପରିଣତ କରିଥିଲେ ସବଷ୍ଟିଚ୍ୟୁଟ୍ ଖେଳାଳି ସିମୋନ୍ ପାଫୁଣ୍ଡି। ଗ୍ରୁପ୍ ପର୍ଯ୍ୟାୟରେ ତୃତୀୟ ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିଥିବା ଇଟାଲୀ ନକ୍‌ଆଉଟରେ ଇଂଲଣ୍ଡ ଓ କଲମ୍ବିଆ ପରି ଦଳକୁ ପରାସ୍ତ କରିଥିଲା।

ଦ୍ୱିତୀୟ ସେମି ଫାଇନାଲରେ ଉରୁଗ୍ୱେ ୧-୦ ଗୋଲରେ ଇସ୍ରାଏଲକୁ ପରାସ୍ତ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ପ୍ରଥମ ଥର ସେମିରେ ପହଞ୍ଚିଥିବା ଇସ୍ରାଏଲ ଦମଦାର ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ୬୧ ତମ ମିନିଟରେ ଆଣ୍ଡରସନ୍ ଡୁଆର୍ଟେଙ୍କ ଗୋଲ ବଳରେ ତୃତୀୟ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିଲା ଉରୁଗ୍ୱେ। ଆଲାନ ମାଟ୍ଟୁରୋଙ୍କ ଶଟ୍‌କୁ ଇସ୍ରାଏଲୀ ଗୋଲକିପର ଟୋମେର ଜାର୍ଫାଟି ଅଟକାଇ ଥିବାବେଳେ ଆଣ୍ଡରସନଙ୍କ ରିଟର୍ନ ଶଟ୍ ବଳରେ ଗୋଲ ହୋଇଥିଲା।



ଗୋଲ୍ ସ୍କୋର ପରେ ଖୁସିରେ ଉଲ୍ଲସିତ ଇଟାଲୀର ସିଜର୍ କାସେଡାଇ।

**୨୦ ବର୍ଷରୁ କମ୍ ଫୁଟବଲ ବିଶ୍ୱକପ**

## ୧ ନିୟୁତରୁ ଅଧିକ ଟିକେଟ ବିକ୍ରି

**ସିଡ୍‌ନୀ,୯।୬(ଏପି):** ଆସନ୍ତା ମାସରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ହେବାକୁଥିବା ଫୁଟବଲ୍ ବିଶ୍ୱକପ୍ ଲାଗି ଇତିମଧ୍ୟରେ ୧ ନିୟୁତରୁ ଅଧିକ ଟିକେଟ ବିକ୍ରି ସରିଲାଣି, ଯାହାକି ଏହି ମହିଳା ସ୍ପୋର୍ଟିଂ ଇଭେଣ୍ଟରେ ସର୍ବାଧିକ। ଫୁଟ୍‌ବଲର ଅନ୍ତର୍ଜାତୀୟ ପରିଚାଳନା ପରିଷଦ ଫିଫାର ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କ କହିବା ଅନୁସାରେ ଶୁକ୍ରବାର ସକାଳ ସୁଦ୍ଧା ୧୦,୩୨,୮୮୪ ଟିକେଟ ବିକ୍ରି ସରିଛି। ଫ୍ରାନ୍ସରେ ୨୦୧୯ ସଂସ୍କରଣରେ ଟୁର୍ନାମେଣ୍ଟ ପୂର୍ବରୁ ଟିକେଟ ବିକ୍ରି ସଂଖ୍ୟାଠାରୁ ଏହା ଅଧିକ।




ଧ-୭୪୫୪୯


## କିଟ୍ ବିଶ୍ୱବିଦ୍ୟାଳୟରେ ଚେସ୍ ଟ୍ରେନର୍ସ ସେମିନାର

**ଭୁବନେଶ୍ୱର,୯।୬ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଶ୍ୱନାଥନ ଆନନ୍ଦ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍‌ଠାରେ ପ୍ରଥମ ଥର ଏକ ଚେସ୍ ଟ୍ରେନର ସେମିନାର ଅନୁଷ୍ଠିତ ହୋଇଯାଇଛି। ଫିଡେ ଚେସ୍‌ର ଏଜୁକେଶନ କମିଶନ ଚେୟାରମ୍ୟାନ ଜେରି ଡଗ୍‌ଲାସ ନାଶ୍‌ଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା। ଏହି ଅବସରରେ ସେ ମେଗା ସେମିନାରରେ ଭାଗ ନେଇଥିବା କୋଚ୍, ଖେଳାଳି, ଆର୍ବିଟର ଓ ଜିଲା ପ୍ରତିନିଧି ଏବଂ ଓଡ଼ିଶାର ସ୍ୱୀକୃତିପ୍ରାପ୍ତ ୟୁନିଟ୍‌ଗୁଡ଼ିକର ପ୍ରାୟ ୧୦୦ ପ୍ରତିନିଧିଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରାକ୍ଟିକାଲ ଟ୍ରେନିଂ ବ୍ୟତୀତ ଲେକଚର, ଟେକ୍‌ନିକାଲ ସେସନ ଏବଂ ଅଂଶଗ୍ରହଣକାରୀଙ୍କ ସହ ବାର୍ତ୍ତାଳାପ ଜରିଆରେ କେସ୍ ଷ୍ଟଡି କରାଯାଇଥିଲ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମିନାରରେ ମୁଖ୍ୟଅତିଥି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଓସିଏ ସଭାପତି ଜି. ସି. ମହାପାତ୍ର, ଏଆଇସିଏଫ୍ ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ମହାନ୍ତି, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଆଇଏମ୍ ଶେଖର ଚନ୍ଦ୍ର ସାହୁ ଓ ଜେରି ଡଗ୍‌ଲାସ ନାଶ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ସେମିନାରର ସଫଳ ଆୟୋଜନ ପାଇଁ ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା।


# Classified Everyday
0674-2580101, 2549949



REAL ESTATE

**SALE**

Plot for Sale-5200sqft. Mouza-Basuaghai infront of Sai Temple. Contact-Rakesh Jena. Mob-9337203932. D-0446

ଭୁବନେଶ୍ୱର ଫୁଲନଖରା ଛକରେ **simplex/ duplex,** ରସୁଲଗଡ଼ରେ **3BHK flat** ମିଳୁଛି। **9658122456, 8327785834.** D-74866

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft-3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870

**Gharabari SC plot 2000 sqft. with 6ft. boundary wall at Rs.43,00,000/- at Dayanadi Bihar near Dayanadi Bridge, Lingipur. Contact : 9938115957 (Owner).** D-0535

**1/2/3 BHK ready to move apartment for sale at DHPL Platinum, Pahal. 1BHK starting at Rs. 33,50,000/-. Contact 9937059891.** D-0495


CONSTRUCTION

**Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate-SNV Construction Pvt. Ltd., 9439295469.** D-74862

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Spa full body Massage only best therapist Gents & ladies@699/- Bhubaneswar. Kajal-9337672475. D-0552

Newly open SPA positively health benefit with expert. Contact: 7749976301. D-74546

Full body massage relax body mind by trend lady therapist. 7008773793. D-75110

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

All types of professional body massage by professional therapy. Contact: 9556924059, 7077933109. D-0499

Newly open health benefits SPA special offer @ 799 Jaydev Vihar. 8018429809. D-75117

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74692

Newly open Spa Positively Health benefits with expert therapist. 9040286886. D-75115

Newly open health benefits Spa special offer @ 799, Master canteen. 9124527173. D-75116

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

**AFFIDAVIT**

By virtue of an affidavit sworn before Executive Magistrate, Sadar, Cuttack dated 09.06.2023 I Rasmita Majhi, At- Gahampal, P.O- Bhamanda, Via- Olaver, P.S.- Rajkanika, Dist.- Kendrapara, Pin-754227, Odisha have changed my daughter's surname from Prangya Paramita Tarai to Prangya Paramita Majhi. Henceforth she shall be known as Prangya Paramita Majhi for all purposes. D-0557

By the virtue of an affidavit dt-09-06-2023 before the Court of Executive Magistrate, Bhubaneswar. I , Prita Rani Mishra, At - Flat no-5/102, Balmiki Debashram, SBI Colony, Kesura, Bhubaneswar-751002, Dist-Khurda, Odisha have changed my name from Prita Rani Mishra to Prita Tripathy according to my husband's name i.e. Raja Tripathy for all future purposes. D-0556

I, GOURIBALA SAHOO, W/o Brahmananda Sahoo, Vill- Mahatapari, PO- Nuapalamhat, PS/ Teh-Niali, Dist.- Cuttack (Odisha), Pin-752120 declare vide affidavit No-55 Dt 29.05.2023. My correct name is GOURIBALA SAHOO. Which is wrongly published as GAURIBALA SAHOO in my record office (EME Record, ARMY). D-0555

I Nirupama Parida alias Runu Parida (35), W/o- Harihar Parida, Vill - Balanta, PS- Bhadrak (Rural), Dist- Bhadrak. I have an Lic policy, bearing no- 588871757, where in my name is Nirupama Parida. In my bank passbook my name is Runu Parida as per Aadhaar card. Nirupama Parida and Runu Parida same and one person. D-0550

I Subash Chandra Routaray, Village- Wainlo(Routrapur), PO- Badabaramul, PS-Ranpur, Dist- Nayagarh solemnly declare by affidavit that my son's name has changed from Somyaranjan Routray to Swayamshri Routaray. Henceforth he shall be known as Swayamshri Routaray for LIC Policy No. 587936363 and all purposes. D-74071

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**୰ପଦ୍ମନାଭ ନନ୍ଦ (ବୁବୁନା)**
୮୩, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ଜନ୍ମ: ଜ୍ୟେଷ୍ଠ ପୂର୍ଣ୍ଣିମା
ଦେହାନ୍ତ: ଆଷାଢ଼ ଶୁକ୍ଳପକ୍ଷ, ସପ୍ତମୀ

ଏହି ଅମର ଆତ୍ମାକୁ ଆମର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

-:ହତଭାଗ୍ୟ:-
ପୁତ୍ର: ଡଃ ଦେବାଶିଷ, ଡାଃ ଦେବବ୍ରତ, ପୌତ୍ର ଜ୍ଞାନଦେବ, ପୁତ୍ରବଧୂ: ପ୍ରିୟମ୍ବଦା, ସହଧର୍ମିଣୀ: ପଙ୍କଜିନୀ, ଭ୍ରାତା: ଦାମୋଦର ଓ ଶୋକସନ୍ତପ୍ତ ପରିବାର, ବନ୍ଧୁବର୍ଗ।
ଧ-୦୫୫୮

# ଘୁଷ୍

ଗଳ୍ପ

**କାଳିନ୍ଦୀ ଚରଣ ଭଞ୍ଜ**

ସବିତା ନାନୀ ଖୁବ୍ ଭାବଗ୍ରସ୍ତ। ଭାବୁଛି ସେଦିନ ଆଉ ଏ ଦିନ। କେମିତି ବିତିଛି, କାହା କାନ୍ଧରେ ମୁଣ୍ଡ ଥୋଇ ବିତିଛି, ସେସବୁ କେବଳ ତା' ଗେରସ୍ତ ରଘୁଆ ଓ ସେ ହିଁ ଜାଣନ୍ତି। ସେ ଯମ ଆମ ସୁଖ ସହିପାରିଲା ନାହିଁ। ତାକୁ ଅଧାରୁ ନେଇଗଲା। କୋଳକୁ ବି ସନ୍ତାନଟିଏ ଛାଡ଼ିଗଲା ନାହିଁ। ଆଜି ନିରାଶ୍ରୟ, ଅସହାୟ ଭଙ୍ଗା ପଲା। ଘରେ ନାହିଁ ଖୁଦକୁଣ୍ଡା।

ଗତ ନିର୍ବାଚନରେ ଜଗା ପ୍ରଧାନକୁ ଭୋଟ ଦେଇଥିଲା। ଏଣୁ ବାର୍ଦ୍ଧକ୍ୟ ଭତ୍ତାର ବ୍ୟବସ୍ଥା କରିଥିଲା ସେ। ମହାପ୍ରଭୁ ତା'ର କୋଟି ପରମାୟୁ କରନ୍ତୁ, ଗୋପଲକ୍ଷ୍ମୀ ବଢ଼ାନ୍ତୁ। ଏସନ ଜଗା ହାରିଲା, ରାବଣା ସାହୁ ହୋଇଛି ସରପଞ୍ଚ। ଦାଉ ସାଧୁଛି ଭୋଟ ତାକୁ ଦେଇନି ବୋଲି, ଏ ରାଣ୍ଡ ଆଣ୍ଠୁକୁଡ଼ିପୁଏ ହାଉଆ ଉଠାଇଛନ୍ତି। ଏଣୁ ଭତ୍ତାଟିକୁ ବନ୍ଦକରି ମାଗୁଛନ୍ତି ବଟି। ପୁଣି ଟିପ ତ ତା'ର ଅଛି, କିଛି ବଦଳି ନାହିଁ। ଏହା କେବଳ ଫନ୍ଦି ଫିକର। କରିବ ବା ସେ କ'ଣ?

ସେ ବୁଝେ ସରକାରୀ ବାବୁ, ହାକିମଗୁଡ଼ାକ ଲାଞ୍ଚୁଆ ମୋଫତଖିଆ, କିଳାପୋତିଆ। ହେଲେ ଗରିବ ରାଣ୍ଡୀଖଣ୍ଡି, ଅପାଠୁଆଙ୍କ ଉପରେ ବେଶି ତାଙ୍କର ନଜର। ସେଗୁଡ଼ାକ ତ ମେଣ୍ଢା ଗୋରୁ, ପାଟି ଫିଟିବାର ଜୁ ନାହିଁ। ଫିଟିଲେ ବି ତାଙ୍କ କଥା କେହି ଶୁଣନ୍ତି ନାହିଁ। ସହି ଯାଆନ୍ତି, ବୋହି ନିଅନ୍ତି।

ଆଜି ସାବିନାନୀ ନିରୋଳାରେ ବସି ଭାବୁଛି– ନ ହେଲା ନାହିଁ, ନମିଳୁ ଭତ୍ତା। ଗାଁର ଶଙ୍କରା ଭୋଇ, ପଞ୍ଚେଇ ବୁଢ଼ୀ ଭତ୍ତା ନ ପାଇ ପର ଘର ପାଇଟି କରି ବିଲବାଡ଼ିରୁ ମଦରଙ୍ଗା ଶାଗ, ଦଣ୍ଡାରୁ କେରାଣ୍ଡି, ଗଡ଼ିଶା ଧରି ଖାଇ ବଞ୍ଚିଛନ୍ତି। ସେମିତି ବଞ୍ଚିବ, କିନ୍ତୁ ଏ ରାବଣା ସାହୁର ହାତ ଧରି ନେହୁରା ହେବନି କି ତା' ଚଣ୍ଡୀ ଚାମୁଣ୍ଡାଗୁଡ଼ାକୁ ଭୁଜା, ଚୁଡ଼ା, ମୁଆଁ ଲାଞ୍ଚ ଦେବନି। କିନ୍ତୁ ସେ ଚୁଲିପଶା, ରାଣ୍ଡର ପୁଅଙ୍କୁ ପାନେ ଦେବ କହି ଆଣ୍ଠି କରି ବସିଲା।

କେଉଁ ବାଟରେ ଏ ଅଳପେଇସା ଘୁଷ୍‌ଖିଆଙ୍କୁ ପାନେ ଦେବ ଉପାୟ ଭାବୁଥିଲା। ପହଞ୍ଚିଗଲା ଦନେଇ ବାରିକ, ବୁଢ଼ୀର ଦୁଃଖ ଶୁଣିଲା।

ଦନେଇ କହିଲା– ଲୋ ନାନୀ ତୋର ହାକିମ ହୁକୁମା, ମନ୍ତ୍ରୀ, ଯନ୍ତ୍ରୀ କେହି ଚିହ୍ନା ନାହିଁ, ପରିଚିତ ନାହିଁ। ପୁଣି କହୁଛୁ ମାଲପାଣି ପାଇଁ ଖର୍ଚ୍ଚ ଦେବୁନି। ତୋ କାମ ହବ କେମିତି?

ନାନୀ– ଆରେ ଦନେଇ ମାଲ୍ ପାଣିଟା କ'ଣ?

ଦନେଇ– ନାନୀ ତୁ ତ ମରହଟ୍ଟୀ, କେଉଁ ଯୁଗର ଡିରିଲା। କାହୁଁ ଜାଣିବୁ ଏ ବେଉସା। ଯେଉଁ ଦିନରୁ ଭୋଟ ପଶିଲା ଏ ଗାଁରେ, ନୋଟ ବଣ୍ଟାହେଲା ସେ ଦିନରୁ ଏ ବେଉସା ଆରମ୍ଭ ହୋଇଛି। ମାଲପାଣି ମାନେ– ମଦ, ମାଇକିନା, ମନି ଅର୍ଥ ଟଙ୍କା। ବୁଝିଲୁ ନାନୀ ସେମାନଙ୍କର ତୁ କିଛି କରିପାରିବୁ ନାହିଁ। କେବଳ ଧରମ ଦେବତା ତାଙ୍କ କଥା ବୁଝିବେ। ନିରାଶ୍ରୟ ଜନେଃ ଜଗଦୀଶ ଭରସା।

ନାନୀ ଗୋଟାଏ କାମ କର, କଥା ମାନି ଖଣ୍ଡେ ଚିଟାଉ ସେ ଧରମ ଦେବତାଙ୍କୁ ସରଗ ରାଇଜ ଠିକଣାରେ ପଠାଇ ଦେ। ଦେଖିବୁ ଠିକ୍ ବିଚାର ପାଇବୁ। ଦନେଇ ବାରିକ କଥାଟା ନାନୀର ମନକୁ ପାଇଲା। ଦନେଇର ପଢ଼ା ତ ଚାହାଳି, ଲେଖିଲା ବୁଢ଼ୀର ଦୁଃଖ ବଖାଣି। ଚିଠିଟିକୁ ଡାକଘରେ ପକାଇ ଦେଇ ଆସିଲା। ଡାକ ପିଅନ ଚିଠି ଶର୍ଟିଂ କରି ଥାକ କଲାବେଳେ ପ୍ରାପ୍ତ– ଧରମରାଜା, ଆଟ୍/ପୋଷ୍ଟ– ସ୍ୱର୍ଗପୁର, ଭାୟା– ମର୍ତ୍ତ୍ୟପୁର ଦେଖି ଆଶ୍ଚର୍ଯ୍ୟ ହେଲା। ବୁଦ୍ଧିବାଟ ନ ପାଇ ବଡ଼ବାବୁଙ୍କୁ ପଚାରିଲା। ବଡ଼ବାବୁ ହସିଲେ, ତାଙ୍କ ଫାଇଲରେ ଏପରି ଠିକଣା ନାହିଁ କହି ଅଫିସ୍‌ରେ ସମସ୍ତ ଲୋକଙ୍କୁ ଦେଖାଇଲେ। କିଏ କହିଲା ପାଗଳଟା ଲେଖିଛି, କିଏ କହିଲା ନା ନା କେହି ଜଣେ ନିରାଶ୍ରୟ ଲୋକ ନ୍ୟାୟ ପାଇଁ ଲେଖିଛି। ଚିଠିଟି ଫେରସ୍ତ ଦିଆହୋଇ ଥାଆନ୍ତା। କିନ୍ତୁ ପ୍ରେରକର ଠିକଣା ନ ଥିଲା ଉପରେ। ସମସ୍ତଙ୍କ ସହ ଆଲୋଚନା କରି ଚିଠିଟି ଖୋଲି ପଢ଼ି ସେଥିରେ କ'ଣ ଲେଖା ରହିଛି ଜାଣିବାକୁ ଚାହିଁଲେ ବଡ଼ବାବୁ।

ଚିଠିରେ ଲେଖାଥିବା ଦୁଃଖ କାହାଣୀ ଶୁଣି କର୍ମଚାରୀବୃନ୍ଦ ଦୁଃଖ କଲେ। କିନ୍ତୁ ପ୍ରଶଂସା କଲେ ବୁଢ଼ୀର ସାହସ, ଦମ୍ଭକୁ। ମରିବ ବରଂ ଲାଞ୍ଚ ଦେଇ ଭତ୍ତା ନେବନି। ପ୍ରତିକାର ପାଇଁ ପୃଥିବୀ ଚଳାଉଥିବା ଈଶ୍ୱରଙ୍କ ପାଖରେ ଜଣାଇଛି ଜୀବନର ଦୁଃଖ, ଯନ୍ତ୍ରଣା, ପୁନଶ୍ଚ ମନୁଷ୍ୟକୃତ ସମସ୍ୟା।

ଏପରି ଜଣେ ଦୃଢ଼ମନା, ସଚ୍ଚୋଟ କର୍ମାଭିମୁଖୀ ବୃଦ୍ଧାଙ୍କୁ କିଛି କିଛି ସାହାଯ୍ୟ କରିବା ପାଇଁ ଆଗେଇ ଆସିଲେ କର୍ମଚାରୀବୃନ୍ଦ। ସମୁଦାୟ ଚାନ୍ଦା ଆଦାୟ ହେଲା ଏକଶହ ପଚାଶ ଟଙ୍କା। ଚିଠି ଭିତରେ ଥିବା ଠିକଣାରେ ଟଙ୍କା ମନି ଅର୍ଡର କରି ପଠାଗଲା। ଡାକପିଅନ ବୁଢ଼ୀକୁ ଟଙ୍କା ଦେବାବେଳେ ଦନେଇ ବାରିକ ଉପସ୍ଥିତ ଥିଲା। ଟଙ୍କା କେଉଁଠୁ ଆସିଛି ନାନୀ ପଚାରିବାରୁ ଡାକପିଅନ କହିଲା ଟଙ୍କା ଆସିଛି ଧରମ ଦେବତା ସରଗରୁ। ବୁଢ଼ୀର ଖୁସିର ସୀମା ରହିଲା ନାହିଁ। ପାକୁଆ ପାଟିରେ ହସି ବାରିକ ଟୋକାର ବୁଦ୍ଧିକୁ ତାରିଫ କଲା। ପିଅନ ଟଙ୍କାଟା ଦେଇ ଚାଲିଯିବା ପରେ ବୁଢ଼ୀ ଟଙ୍କା ଗଣି ଦେଖିଲା ତା' ଭତ୍ତା ଯାହା ପାଏ ସେଥିରୁ ପଚାଶ ଟଙ୍କା କମ୍ ଅଛି। ଦନେଇକୁ ବିଗିଡ଼ିଲା ଓ କହିଲା ଆରେ ସରଗପୁରରେ ସେ ଧରମ ଦେବତା କ'ଣ କମିଶନି, ପଣି, ଲାଞ୍ଚ, ମିଛ ଦୋନମ୍ବରୀ କରୁଛନ୍ତି। ଜାଣିଥିଲେ ଟଙ୍କା ଧରି ନଥା'ନ୍ତି। ଆଉ ଉପାୟ ନ ଥିଲା। କିନ୍ତୁ ଦନେଇ ନାନୀକୁ ବୁଝାଇଲା– ଦେଖ ସକାଳୁ ସଞ୍ଜୀଯାଏ ଠାକୁରଙ୍କୁ ପ୍ରାର୍ଥନା କରୁଛୁ, ଗୁଣ ଗାଉଛୁ, ଧୂପ ନୈବେଦ୍ୟ ଦେଉଛୁ। ସେତିକି ନୁହେଁ, ଭୋଗ ଲଗାଉଛୁ। ଗାଁରେ ଯାନିଯାତରା ପାଇଁ ଚାନ୍ଦା ଭେଦା ଦେଉଛୁ। ସେଗୁଡ଼ା କ'ଣ ଲାଞ୍ଚ ନୁହେଁ କି? ଏହା ଥିଲା, ଏବେ ବି ଚାଲିଛି, କିନ୍ତୁ ଟିକିଏ ଅଧିକ। ଦେଖ ନାନୀ ଲାଞ୍ଚ କାରବାର ଦୁର୍ନୀତି ସବୁ ଲୋପ ପାଇ ସାରନ୍ତାଣି, କିନ୍ତୁ କିଛି ଲୋକ ଏହାକୁ ସ୍ୱାଗତ କରୁଛନ୍ତି। ଅମାନବୀୟ ଆଚରଣ ଅପସଂସ୍କୃତିକୁ ବି ସେତିକି ଆଦରି ନେଲେଣି। ଯେମିତି ମଦ୍ୟପ ଲୋକ ସ୍ୱାମିଜୀ ପାଲଟିବା, ଚୋର ପ୍ରବୃତ୍ତିର ଲୋକ ନେତା ହେବା, ଧର୍ଷଣକାରୀ ଶିକ୍ଷକ ହେବା, ତୋଷରପାତ କରିବା ଲୋକ ଉଚ୍ଚାଧିକାରୀ ହେବା, ଅର୍ଥପିପାସୁ ଲୋକ ଡାକ୍ତର ବନିଯିବା କାରଣରୁ ଅଶୋଭନୀୟ କାର୍ଯ୍ୟ ବଢ଼ିଚାଲିଛି। ଏଥିରୁ ମୁକ୍ତି ପାଇଁ ଏକରୁ ଅନେକ ଲୋକ ସଚେତନ ହେଲେ ସମସ୍ୟା ସମାଧାନ ହେବ ବୋଲି ବୁଝାଇ ଦେଲା ଦନେଇ। କିନ୍ତୁ ନାନୀ ଅବୁଝା ହେଲା।



କଥାଟି ଏଠାରେ ଶେଷ ହେଲା ନାହିଁ। ପୋଷ୍ଟମାଷ୍ଟର ବାବୁ ଏହି ଚିଠିଟିକୁ ସରକାରଙ୍କ ଦୁର୍ନୀତି ନିବାରଣ ବିଭାଗକୁ ପଠାଇଦେଲେ। ନିର୍ଦ୍ଦିଷ୍ଟ ତଥ୍ୟ ନ ଥିବାରୁ ଆଗକୁ ଅନୁସନ୍ଧାନ ବଢ଼ିଲା ନାହିଁ। କିନ୍ତୁ ଘଟଣାଟି ପ୍ରଘଟ ହୋଇଗଲା ସର୍ବସାଧାରଣରେ, ଟିଭିରେ, ରେଡିଓରେ, ଖବରକାଗଜ, ପତ୍ରପତ୍ରିକାରେ। ମୁଖ୍ୟମନ୍ତ୍ରୀ ବିଭାଗୀୟ ମନ୍ତ୍ରୀଙ୍କୁ ତାଙ୍କ ଅଧୀନସ୍ଥ କର୍ମଚାରୀମାନେ ଗରିବ, ନିରୀହ, ବୃଦ୍ଧବୃଦ୍ଧାଙ୍କ ଭତ୍ତା, ପେନସନ ବାଟମାରଣା କରିବା, କମିଶନ ଖାଇବା ଉପରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଲେ। ଅନୁସନ୍ଧାନରେ କଥା ସତ୍ୟ ପ୍ରମାଣିତ ହେଲା। ଅନେକ କର୍ମଚାରୀ ଦଣ୍ଡିତ ହେଲେ, ବଦଳି ହେଲେ ଦୂରଦୂରାନ୍ତକୁ। ଭୟର ବାତାବରଣ ଖେଳିଗଲା ସମସ୍ତଙ୍କ ମଧ୍ୟରେ।

ଏବେ ଗାଁର ବୁଢ଼ାବୁଢ଼ୀ, ଛୋଟା, କେମ୍ପା, ଅକ୍ଷମ– ପଞ୍ଚାୟତ, ବ୍ଲକ, ତହସିଲ ଅଫିସକୁ ଦୌଡ଼ିବାକୁ ପଡୁନାହିଁ। ସରକାରଙ୍କ ତରଫରୁ କ୍ୟାମ୍ପ ଖୋଲାଯାଇ ଲୋକଙ୍କ ପ୍ରାପ୍ୟ ବିନା ଭେଟି, କମିଶନି, ତେଲମାଲିସରେ ମିଳିଯାଉଛି।

ସେଦିନ ଆଲୋଚନା ହେଉଥିଲା ଏ ପରିବର୍ତ୍ତନ କିପରି ହେଲା, କିଏ କରାଇଲା। ସେଠି ମଧ୍ୟ ରାବଣା ସାହୁ ମୁହଁ ଫୁଲାଇ ବିଡ଼ି ଟାଣୁଥିଲା।

ପାଖରେ ବସିଥିବା ଦନେଇ ବାରିକ ହସିଦେଇ କହିଲା– ବୁଝିଲ ନାହିଁ ସାଆନ୍ତେ ଏସବୁ ମୂଳରେ ସେ ସବିତା ନାନୀ। ଧରମ ଦେବତାଙ୍କ ପାଖକୁ ପଠାଇଥିବା ଚିଠିର ଖେଳ କହିଗଲା ଆମୂଳଚୂଳ ସବୁ ବୃତ୍ତାନ୍ତ। ଲୋକେ ଧନ୍ୟ ଧନ୍ୟ କଲେ ସବିତା ନାନୀର ସାହସକୁ, ଦନେଇର ବୁଦ୍ଧିମତ୍ତାକୁ।

ମୋ: ୯୮୬୧୨୫୭୩୩୩

## ପୁସ୍ତକ ପରିଚୟ

### ଗପ ସହ ଗପସପ



**ଲେଖକ:** ପ୍ରତାପ ବିଶ୍ୱାଳ
**ପ୍ରକାଶକ:** ବନଫୁଲ, ଭୁବନେଶ୍ୱର, ଓଡ଼ିଶା
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୪୫/–

ମୋଟ ୪୦ଟି ଗଳ୍ପକୁ ନେଇ ପରିକଳ୍ପିତ ଆଲୋଚ୍ୟ କଥାଗ୍ରନ୍ଥ 'ଗପ ସହ ଗପସପ'। ଗଳ୍ପର ଶୀର୍ଷକ ସୂଚାଇଦିଏ କିପରି ଜୀବନ ଓ ସମାଜର ଅତି ଦେହଘଷା ଘଟଣାଗୁଡ଼ିକ ଭିତରେ ଶତସହସ୍ର ଗଳ୍ପର ଉପାଦାନ ଭରି ରହିଥାଏ। ବହିରେ ସ୍ଥାନିତ ଗଳ୍ପଗୁଡ଼ିକ ମଧ୍ୟରେ 'ଧଳା ପେଚା', 'ବୋଉର ଫଟୋ', 'ଧଳା ପାରା', 'ଲକ୍‌ଡାଉନ୍', 'ଚୋରି', 'ମା ଓ ସମୁଦ୍ର', 'ଗାମୁଛା', 'ଲାଲ ଗୋଲାପ', 'ବାଟ', 'କଣ୍ଢେଇ', 'ବାଦୁଡ଼ି', 'ବନ୍ଧୁ', 'ଶିକା', 'ଖଣ୍ଡେ ସିଗାରେଟ୍', 'ଝିଅ', 'ଲୁହର ଗପ', 'ନଈ ଇଲିଶି', 'ହଳେ କାନଫୁଲ', 'ଭଙ୍ଗା ଗ୍ଲାସ୍', 'ହ୍ୱିଲ୍ ଚେୟାର', 'ଛକ' ଓ 'ଗାଁ' ଆଦିରେ ଗାଳ୍ପିକ ଯେଉଁସବୁ ଅନୁଭବର ଅବତାରଣା କରିଛନ୍ତି, ତାହା ସାର୍ବଜନୀନ। ଏସବୁ ଭିତରେ ପାଠକ ନିଜ ଜୀବନକୁ ଯୋଡ଼ିଦେବାର ଯଥେଷ୍ଟ ଅବକାଶ ପାଏ ଓ ଏହି କାରଣରୁ ଗଳ୍ପଗୁଡ଼ିକର ସହଲେଖକ ହୋଇଉଠନ୍ତି ପାଠକେ। ପ୍ରତାପଙ୍କ ଗଳ୍ପସବୁର ଗଢ଼ଣରେ ଯେପରି ଥାଏ ଅଭିନବତା, ବିଷୟ–ଚୟନରେ ମଧ୍ୟ ସେହିପରି ଥାଏ ଘଷରା ବାଟରୁ ଅପସରି ଆସି ନୂଆ ବାଟ ଫିଟାଇବାର ନିଶା। ଆଶା, ବହିଟି ପାଠକୀୟ ଆଦୃତି ଲାଭ କରିବ।

### ମୋ ଜୀବନ କେବେ କେମିତି



**ଲେଖିକା:** ଡ. କବିତା ବାରିକ
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୩୮୦/–

ଆଲୋଚ୍ୟ ବହିଟି ହେଉଛି ଲେଖିକାଙ୍କ ଆତ୍ମଜୀବନୀର ଦ୍ୱିତୀୟ ଭାଗ। 'ନିଜ କଥା' ଶୀର୍ଷକରେ ପୂର୍ବରୁ ପ୍ରଥମ ଭାଗ ପ୍ରକାଶ ପାଇ ସାରିଛି। ଦ୍ୱିତୀୟ ଭାଗର 'କିଛି କଥା'ରେ କବିତା ଲେଖିଛନ୍ତି ଯେ ଏହା ହେଉଛି ତାଙ୍କ 'ଆତ୍ମ–ଅଭିବ୍ୟକ୍ତିର ଖୋଲା ପୃଷ୍ଠା'। ଜୀବନରେ ଲେଖିକା ନିଜେ ଭୋଗିଥିବା ନାନା ଦୁଃଖ ଦୁର୍ଦ୍ଦଶା, ସଂଘର୍ଷ ଓ ସଙ୍ଗହୀନତା କିପରି ତାଙ୍କ ଜୀବନକୁ 'ନିଃସଙ୍ଗତାର ସାଥୀ' କରିଦେଇଛି– ତା'ର ସତ୍ୟଲିପି ହେଉଛି ଏ ବହିଟି। ଲେଖିକା ପୁଣି କହିଛନ୍ତି: ''ମୁଁ ମୋର ଏହି କ୍ଷୁଦ୍ର ଜୀବନରେ କେବଳ ସ୍ମୃତିକୁ ହିଁ ଗୋଟାଇଛି। ବର୍ଷଣମୁଖର ରାତି ହେଉ କି ବୈଶାଖର ଧୁଧୁ ଖରା, ସବୁଠିଁ ମୋତେ ସ୍ମୃତି ହିଁ ଡାକେ। × × ମୋତେ କେବେ ଆକାଶ ଡାକେ ତ କେବେ ସମୁଦ୍ର। କେବେ ପାହାଡ଼ ଡାକେ ତ କେବେ ନଦୀ। ଏମିତି ଦିନେ ମୃତ୍ୟୁ ଡାକିନେବ।'' ମୋଟ ୨୬ଟି ପ୍ରସଙ୍ଗ ଅଛି ବହିଟିରେ, ଯହିଁରୁ ଶେଷଟି ହେଉଛି ସ୍ମରଣୀୟ ଫଟୋର ଏକ ସ୍ମୃତିଭରା ସଂଗ୍ରହ। ବହିଟିରେ ଲେଖିକା ତାଙ୍କ ଜୀବନରେ ବିତାଇଥିବା ସ୍ଥାନ ଓ ଭେଟିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ସମ୍ପର୍କରେ ନିଜର ଅନୁଭବକୁ ସୃଜନଶୀଳ ଭାଷାରେ ବର୍ଣ୍ଣନା କରିଛନ୍ତି, ଯାହା ପାଠକଙ୍କୁ ବାନ୍ଧି ରଖିବ। 'ବାପା ଚାଲିଗଲେ' ପ୍ରସଙ୍ଗରେ କବିତା ମୋପାଁସାଙ୍କୁ ଉଦ୍ଧାର କରିଛନ୍ତି– ''It would be better to live alone, to grow old alone and to die alone.'' ଜୀବନ ଏକ ଦୀର୍ଘଶ୍ୱାସ– ଏପରି ଲାଗେ ପଢ଼ିବସିଲେ ବହିଟି।

## କାଳକାଳକୁ



**''ବହି, ଯାହାକୁ ଆମେ ସାନ୍ତ୍ୱନା ଭାବି ଭୁଲ୍ କରୁ– ଆମ ଦୁଃଖରେ କେବଳ ଗଭୀରତା ମିଶାଏ।''**
**– ଓରହାନ୍ ପାମୁକ୍**

**ଫେରିଟ୍ ଓରହାନ୍ ପାମୁକ୍‌ଙ୍କ** ଜନ୍ମ ୭ ଜୁନ୍ ୧୯୫୨ରେ, ତୁର୍କୀର ଇସ୍ତାନବୁଲ୍‌ରେ। 'ତୁଳନାତ୍ମକ ଭାଷା–ସାହିତ୍ୟ'ର ଏହି ପ୍ରଫେସର ତୁର୍କୀ ଭାଷାର ପ୍ରମୁଖ ଉପନ୍ୟାସକାରଙ୍କ ମଧ୍ୟରେ ଅନ୍ୟତମ, ଯାହାଙ୍କର ବହି ପୃଥିବୀର ୬୩ଟି ଭାଷାରେ ୧୩ ନିୟୁତରୁ ଅଧିକ ବିକ୍ରି ହୋଇ ତାଙ୍କୁ ଦେଶର ସର୍ବାଧିକ ବିକ୍ରିତ ବହିର ଲେଖକଭାବେ ଗୌରବାନ୍ୱିତ କରିଛି। ଉତ୍ତର ଆଧୁନିକ ସାହିତ୍ୟ ଆନ୍ଦୋଳନର ପୁରୋଭାଗରେ ଥିବା ଏହି ଲେଖକଙ୍କର ପ୍ରଖ୍ୟାତ ଉପନ୍ୟାସ ମଧ୍ୟରୁ କେତୋଟି ହେଲା– 'ସାଇଲେଣ୍ଟ ହାଉସ୍', 'ଦ ହ୍ୱାଇଟ୍ କ୍ୟାସଲ୍', 'ଦ ନ୍ୟୁ ଲାଇଫ୍', 'ମାଇ ନେମ୍ ଇଜ୍ ରେଡ୍', 'ଇସ୍ତାନବୁଲ: ମେମୋରିଜ୍ ଆଣ୍ଡ୍ ଦ ସିଟି', 'ସ୍ନୋ', 'ଦ ମ୍ୟୁଜିୟମ୍ ଅଫ୍ ଇନୋସେନ୍ସ' ଏବଂ 'ଦ ରେଡ୍ ହେୟାର୍‌ଡ ଓମେନ୍'। ସାହିତ୍ୟକୁ ଅର୍ଥପୂର୍ଣ୍ଣ ଅବଦାନ ପାଇଁ ତାଙ୍କୁ ମିଳିଛି 'ଅନ୍ତର୍ଜାତୀୟ ଡବ୍ଲିନ୍ ସାହିତ୍ୟ ପୁରସ୍କାର (୨୦୦୩) ଓ ସାହିତ୍ୟରେ ନୋବେଲ ପୁରସ୍କାର(୨୦୦୬)'। ସେ କହନ୍ତି: ''ଜୀବନ ଅତି ସଂକ୍ଷିପ୍ତ, ଏହାର ପ୍ରତିଟି କ୍ଷଣକୁ ଆମେ ସମ୍ମାନ ଦେବା ଉଚିତ।''

## କବିତା

### ଅବିନାଶୀ

**ସଂଜୀବ କୁମାର ଦାଶ**

ସହି ବାରିପାତ, କେବେ ଅଗ୍ନିଝଡ଼
ଭୂକମ୍ପନ, ଅବା ଉଲ୍‌କାପିଣ୍ଡ ମାଡ଼,
ଶୂନ୍ୟରେ ଗଡ଼ୁଛି ପୃଥିବୀ,
ତଳୁ ଉପରୁ ବିପଦ, ସର୍ବଦା ସାଉଁଟି,
ଯୁଗ ବିତି ବଦଳୁଥାଏ ମାନଚିତ୍ର,
ଅଜ୍ଞାତ ସେ, ତା' ଆଦି ଅନ୍ତର
କ'ଣ ଯେ ସଠିକ ଠିକଣା!

ସେଇମିତି ସେଦିନର
ବଙ୍କା ଆଦିମ ମଣିଷଟା,
ଅଣ୍ଟା ଭିଡ଼ି ଧାଉଁଛି ଅଦ୍ୟାବଧି,
ସମସ୍ୟା କଷଟିରେ
ଘଷି ଆଣିଛି ସମୟ,
ମୁହଁରେ ବିବଶତାର ସୁଦୃଶ୍ୟ ଚମକ,
ଫୁଟୁଛି ବେଦନାର ଅସରନ୍ତି ଅମାର,
ଖୁସିର ଟିକେ ଖୋରାକ ପାଇଁ,
ନିରାଶାର ମଙ୍ଗ ଧରି
ଆଶା ସମୁଦ୍ରର ନିଭୃତ ସ୍ଥଳରେ,
ଅବା ମହାଶୂନ୍ୟର ଅଜଣା ଗ୍ରହରେ
ଖୋଜୁଛି ସମ୍ଭାବନା,
ଆପଣେଇଛି କୋଳାହଳର
ବିକଟ ଉନ୍ମାଦନା,
ସାଜିଛି କଳ୍ପନା ବିଳାସୀ!

ତଥାପି ସରେନା
ଅପୂରା ପେଟର କ୍ଷୋଭ,
ଅଧିକ ପ୍ରାପ୍ତିର ଲଗାତାର ଉଦ୍‌ବେଳନ,
ପଥର ଚଟାଣରେ ଲେଖାହୁଏ ଶବ୍ଦାକ୍ଷର,
ଗୁଡ଼ାଏ ବିସ୍ମୟ ନୂଆ କାମନାର,
ପଛରୁ ଗୋଡ଼ାଉଥାଏ
ପୂର୍ବର ସେଇ ଅବିନାଶୀ ଦୁଃଖ,
ଏଇ ଗଣରେ ବୋଧେ ଚାଲିଛି ଦୁନିଆ,
ଶେଷଯାଏଁ କି ଚାଲିଥିବ ଏମିତି,
ବହ୍ନି ଗର୍ଭୁ ପକ୍ଷ ଝାଡ଼ି ଉଡୁଥିବ,
ଗଗନର ବିଶାଳ ଛାତିରେ ମଣିଷ!

ମୋ: ୯୪୩୭୭୩୧୯୫୭୭

### ଅନାମିକା

**ରାଜେଶ କୁମାର ମୁଣ୍ଡ**

ଏମିତି ବି
ଧରି ପାରି ନ ଥିବା ମାଛର କି ଲୋଭ?
ଚେଇଁଲା ଆଖିରେ
ସ୍ୱପ୍ନ ଦେଖି ନ ପାରିଲେ କି କ୍ଷୋଭ?

ଚାଲ
କିଏ ଚିହ୍ନିବା ଆଗରୁ
ଅନ୍ଧାର ମାଖିନେବା,
ଲୁଣି ପାଣି ହେଇ ସମୁଦ୍ର ହେଇଯିବା,
କୋଳେଇନେବା
ପାଖେଇ ଆସୁଥିବା ନିଜ ଛାଇକୁ।
ସଅଳ ସଜେଇ ନିଅ
ମୋ' କୁସୁମିତ ଇଚ୍ଛାର ଆଭରଣରେ,
ମୁଁ ବି ପିନ୍ଧିନିଏ ତୁମ ବିବସ୍ତ୍ର କାମନାକୁ।

ଚାଲ
ଆଲୁଅ ଆସିବା ଆଗରୁ
ପୁଣିଥରେ ମିଶିଯିବା ଅନ୍ଧାରରେ,
ଯେମିତି କି
ନିଜେ ବି ଚିହ୍ନିପାରିବାନି ନିଜକୁ।

ଚାଲ
ପୁଣିଥରେ ଜଳିବା ଜୁଇଟିଏ ହେଇ
ପାଉଁଶ ହେବାଯାଏଁ
ଯେମିତି କି
ସେଇ ପାଉଁଶରୁ ଗଜୁରିବା,
ପୁନର୍ଜନ୍ମ ପାଇ।

ମୋ: ୯୫୮୩୮୪୨୩୨୫

### ଦୁଇଟି ମିନି କବିତା

**ଶିବ ମିଶ୍ର**

**॥ ତମେ କେବେ ଆସିବ କହ ॥**

ତମେ କେବେ ଆସିବ କହ
ମୋ' ସାମ୍ନାର ଫାଙ୍କା ରାସ୍ତାରେ
ଝଲସିବ ତମ ମୁହଁ,
ବେରଙ୍ଗ ବଗିଚାର ଫୁଲ ପାଖୁଡ଼ାମାନେ
ହସିବେ ଖିଲିଖିଲି, ଦିଶିବେ ରଙ୍ଗ ଟହଟହ,
ତମେ କେବେ ଆସିବ କହ!

କହିଦିଅ ତମର ଆସିବା ତିଥି ବାର ଲଗ୍ନ ସମୟ,
ହଁ ଶୁଣ, ତମେ ସାଙ୍ଗରେ ଆଣିବନି
ମୁଁ ଏଠି ଯୋଗାଡ଼ିଥିବି ଶିରିଶିରି ଫଗୁଣ ମଳୟ,
ଚନ୍ଦନର ବାସ ମହମହ,
କେବଳ ତମେ କେବେ ଆସିବ କହ!

**॥ ଗାଇ ଦିଅ ପୁଣି ଥରେ ॥**

ଯେଉଁ ଗୀତ ତୁମେ ଗାଉଥିଲ ଦିନେ
ଜହ୍ନ ରାତିରେ ଏଇ ମୋର ଘର ଅଗଣାରେ,
ସେହି ଗୀତ ଏବେ ଗାଇ ଦିଅ ପୁଣି ଥରେ,
ଥାଅ ପଛେ ଯେତେ ଦୂରେ।

ପବନରେ ଆସି ଗୁଞ୍ଜରି ଯିବ
କାନ ପାଖେ ମୋର ତୁମରି ଗୀତର ସ୍ୱର,
ବିଶ୍ୱାସ କର ଦୋହରାଉଥିବି
ସେଇ ସ୍ୱରକୁ ମୁଁ, ଜିଇଥିବାଯାଏଁ
ନିରବଧି ନିରନ୍ତର।

ମୋ: ୯୮୫୩୦୭୦୦୧୮

## ପ୍ରତୀକ୍ଷା

ମିନିଗଳ୍ପ

**ଶୈବାଳିନୀ ସାହୁ**

ଶେଷରେ ଘଟିଲା ପ୍ରତୀକ୍ଷାର ଅନ୍ତ। ସୀମାନ୍ତରେ ରହି ଆପଣା ଦେଶକୁ ସୁରକ୍ଷା ଦେଉଥିବା ଜନୈକ ଯବାନ ପଡ଼ୋଶୀ ଦେଶର ସେନାବାହିନୀଙ୍କ ଦ୍ୱାରା ବନ୍ଦୀ ହୋଇ ପଡ଼ୋଶୀ ଦେଶରେ ବିଚାରାଧୀନ କଏଦୀ ଭାବରେ ଦୀର୍ଘ ପଇଁଚାଳିଶ ବର୍ଷ ରହିସାରିବା ପରେ ସେଠାରୁ ଅନୁକମ୍ପାମୂଳକ ମୁକ୍ତି ପାଇ ସ୍ୱଦେଶ, ସ୍ୱଜନ୍ମମାଟି ଏବଂ ଶେଷରେ ପହଞ୍ଚିଲେ ସ୍ୱଗୃହରେ।

ଯବାନଙ୍କ ଫେରିବା ବାଟକୁ ପ୍ରତୀକ୍ଷା କରି ବଞ୍ଚି ରହିଥିଲେ ତାଙ୍କର ବୃଦ୍ଧା ଧର୍ମପତ୍ନୀ। ପଇଁଚାଳିଶ ବର୍ଷ ପୂର୍ବେ ଯବାନ ଜଣକ ଶେଷଥର ପାଇଁ ଘର ଛାଡ଼ିବା ବେଳେ ଛୋଟ ଛୋଟ ହୋଇଥିବା ପୁଅ ଓ ଝିଅମାନେ ଇତିମଧ୍ୟରେ ବିବାହ ସାରି ବଡ଼ ବଡ଼ ପୁଅ ଝିଅଙ୍କର ବାପା ଓ ମାଆ ପାଲଟି ସାରିଥିଲେ। ଗାଆଁ ଭୂଇଁର ନକ୍ସା ଓ ଚିତ୍ର ସେତେବେଳକୁ ସଂପୂର୍ଣ୍ଣ ରୂପେ ବଦଳି ସାରିଥିଲା ଗାଁର ବିସ୍ତୀର୍ଣ୍ଣ ଜଳାଶୟ, ବୁଢ଼ା ବରଗଛ ଏବଂ ପୁରୁଣା ଶିବ ମନ୍ଦିର ଭଳି କେତୋଟି ସନ୍ତକକୁ ଛାଡ଼ି। ତାଙ୍କ ଯୁବା ବୟସର ଲୋକମାନେ ସେତେବେଳକୁ ବୁଢ଼ାବୁଢ଼ୀ ହୋଇ ଇହଧାମ ଛାଡ଼ି ସାରିଥିଲେ। ମୋଟ ଉପରେ ଗାଁର ପ୍ରତ୍ୟେକ ଅଧିବାସୀଙ୍କ ପାଇଁ ସେ ଏବଂ ତାଙ୍କ ପାଇଁ ଗାଁର ପ୍ରତ୍ୟେକ ଅଧିବାସୀ ଥିଲେ ନୂଆ ଏବଂ ଅଚିହ୍ନା।

ଏତେ ବର୍ଷ ଧରି ବିଦେଶୀ କାରାଗାରରେ ରହି ଜୀବିତ ଅବସ୍ଥାରେ ଗାଁକୁ ଫେରିଥିବାରୁ ତାଙ୍କ ପାଖରେ ମିଡିଆବାଲାଙ୍କ ଭିଡ଼ ଲାଗି ରହିଥାଏ। ଆପଣ ନିଜ ସୀମା ପାରି ହୋଇ ପଡ଼ୋଶୀ ସୀମାର କେତେ ଭିତରକୁ ଚାଲିଯାଇଥିଲେ, କେମିତି ଧରାହେଲେ, ଦୀର୍ଘ ପଇଁଚାଳିଶ ବର୍ଷ ଧରି କିପରି ଥିଲା ସୀମା ସେପାରି କାରାଗାର କର୍ତ୍ତୃପକ୍ଷଙ୍କର ବ୍ୟବହାର– ଏ ସବୁ ବାବଦରେ ନାନା ଉତ୍ସୁକତାରେଭରା ପ୍ରଶ୍ନସବୁକୁ ତାଙ୍କୁ ସାମ୍ନା କରିବାକୁ ପଡୁଥାଏ। କହିବା ବାହୁଲ୍ୟ, ନିଜ ମାଟିକୁ ଫେରିବା ପରେ ବୟସର ଭାର ଆଉ ଭାବପ୍ରବଣତାରେ ଅଧୀର ସେ ଯବାନ ବୃଦ୍ଧ ଜଣକ କେଉଁ ପ୍ରଶ୍ନର ଉତ୍ତର କେଉଁ ଢଙ୍ଗରେ ଦେବେ ଠଉରାଇ ପାରୁ ନ ଥିଲେ। ଠିକ୍ ଏତିକିବେଳେ ଯବାନଙ୍କ ଘର ପଶ୍ଚିମ କୋଣରୁ ଶୁଭିଲା ହୋହଲ୍ଲା। ଯବାନ ପରିବାରର ବାଡ଼ ଅତିକ୍ରମ କରି ପଡ଼ୋଶୀ ଘର ଆମ୍ବ ଗଛଯାଏଁ ଲମ୍ବି ଯାଇଥିବା ଗୋଟିଏ କଖାରୁ ଲଟାକୁ ନେଇ ଉପୁଜିଥିଲା ସମସ୍ୟା ଏବଂ ପାଟିତୁଣ୍ଡ। ଏଥର ଯବାନ ଜଣଙ୍କୁ ପ୍ରଶ୍ନ ପଚାରିବା ବନ୍ଦ ହୋଇଗଲା ଏବଂ ମିଡିଆବାଲାଙ୍କ କ୍ୟାମେରା ବୁଲିଗଲା ଦୁଇ ପରିବାରର ସୀମା ନିର୍ଦ୍ଧାରଣ କରୁଥିବା ବାଡ଼ ଆଡ଼କୁ। ବୃଦ୍ଧ ଯବାନ ଜଣକ ଶୂନ୍ୟକୁ ଚାହିଁ ବିବାଦ ମୁକ୍ତିର ଆଉ ଏକ ପ୍ରତୀକ୍ଷାରେ ପୁଣି ମଗ୍ନ ହୋଇଗଲେ।



ମୋ: ୭୦୦୩୪୭୭୨୦୭

## ଅଂଶୁଘାତ

ଲଘୁଗଳ୍ପ

**ଶୁଭ୍ରାଂଶୁ ଶେଖର ପାଢ଼ୀ**

ଜ୍ୟେଷ୍ଠ ମାସ ଖରା। ଦିନ ପାଖାପାଖି ଗୋଟାଏ ହେବ, ଦୁଆରରେ ଠକ୍ ଠକ୍ ଶବ୍ଦ ହେଲା। କବାଟ ଖୋଲି ଦେଖେ ତ ବାର ତେର ବର୍ଷର ପିଲାଟିଏ। ଦାରିଦ୍ର୍ୟ ତା' ଚେହେରାରେ ସ୍ପଷ୍ଟ ବାରି ହୋଇ ପଡୁଥାଏ। ଖଣ୍ଡିଏ ହାଫ୍ ପ୍ୟାଣ୍ଟ ଓ ଖଣ୍ଡିଏ ଚିରା ଶାର୍ଟ। କାନ୍ଧରେ ଓହଳାଇ ଥାଏ କିଛି ଚାଉଳ ଭର୍ତ୍ତି ଗୋଟିଏ ମଇଳା ବସ୍ତାନି ବ୍ୟାଗ୍। ହାତରେ ଖଣ୍ଡିଏ ଷ୍ଟିଲ୍ ବାସନ। ନିରୀହ ଚାହାଣିରେ ଚାହିଁଥାଏ ମୋତେ। ବାବୁ! ଭିକ ମୁଠେ ମିଳିବ?

କଥାରେ ତା'ର କରୁଣ୍ୟ ଭରି ରହିଥିଲା। ତୋ ନାଁ କ'ଣ କିରେ? ସୁଶାନ୍ତ– ଉତ୍ତରରେ କହିଲା। ଘର କେଉଁଠି? ବହୁତ ଦୂର ବାବୁ। ପ୍ରାୟ ପାଞ୍ଚ କୋଶ ବାଟ। ବୋଧହୁଏ ଗାଁ ନାଁଟା କହିବାକୁ ଚାହିଁଲାନି। କ'ଣ ଖାଇଛୁ (?) ପ୍ରଶ୍ନରେ ମୁଣ୍ଡ ହଲାଇ ମନା କଲା। ପୁଣି କହିଲା ପାଣି ଟିକିଏ ଦିଅ ବାବୁ। ତାକୁ ଦେଖିଲେ ଯେକୌଣସି ଲୋକର ହୃଦୟ ତରଳିଯିବ। ପାଣି ପିଇଲା ପରେ ପଚାରିଲି ଭାତ ଖାଇବୁ? ଆମ ବାଟ ଘରେ ତାକୁ ବସିବାକୁ କହି ମୁଁ ଖାଇବା ଆଣି ଆସିଲା ବେଳକୁ ସେ ସେମିତି ଦାଣ୍ଡ ପିଣ୍ଡାରେ ବସି ରହିଥିଲା। ପୁଣି ଭିତରକୁ ଡାକିଲି। ମନା କଲା। ପିଣ୍ଡା ଉପରେ ଗାମୁଛାଟା ପାରି ଦେଇ କହିଲା ନାଇଁ ବାବୁ, ଘରେ ମୋ' ରୋଗଣା ମାଆ ପଡ଼ିଛି। ବିଛଣାରୁ ଉଠିପାରୁନି। ଏଠି ମୁଁ ଏକୁଟିଆ ଖାଇଦେଲେ ତାକୁ କ'ଣ ଦେବି? ମୋର ଗୋଟିଏ ସାନ ଭଉଣୀ ବି ଅଛି। ସାତ ବର୍ଷର। ସେ ବି ମୋତେ ଅପେକ୍ଷା କରିଥିବ। ଭାତ ଗଣ୍ଡାକ ଏଥିରେ ବାନ୍ଧିକି ନେଲେ ସମସ୍ତେ ମିଶିକି ଖାଇବୁ।

ତା' ବାପା କଥା ପଚାରିବାରୁ କହିଲା, ବାପା ନାହିଁ ବାବୁ। ମୁଁ ଛୋଟ ଥିଲି, ବାପା ଚାଲିଗଲା। ଏକଥା କହିଲା ବେଳକୁ ତା' ଆଖିରୁ ଦୁଇ ଟୋପା ଲୁହ ଝରିପଡ଼ିଲା। ଏତେ କଅଁଳ ବୟସରେ ପରିବାରର ବୋଝ! ସେ ଥିରେ ପୁଣି ରୋଗଣା ମାଆକୁ ଛୋଟ ଭଉଣୀ। ତଥାପି ମନରେ ଦମ୍ଭ। ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବାର ପ୍ରୟାସ। ହେ ଭଗବାନ୍! ଏଇତ ଜୀବନ! ତା' ପାଇଁ ଖଲି ପକାଇବା ପରିବର୍ତ୍ତେ ଖାଇବା ସବୁ ପଲିଥିନ୍‌ରେ ପ୍ୟାକ୍ କଲି। ସବୁକୁ ଯତ୍ନରେ ତା' ଗାମୁଛାରେ ବାନ୍ଧିବା ବେଳକୁ ଖରାରେ ଅଧିକ ବୁଲା ବୁଲି ନ କରି ସେଥିରୁ ଅଳ୍ପ କିଛି ଖାଇ କେଉଁଠି ଟିକିଏ ବିଶ୍ରାମ ନେବା ପାଇଁ ପରାମର୍ଶ ଦେଲି।

କଅଁଳ ଓଠରେ ଚେନାଏ ହସ ଖେଳାଇ ମୁଣ୍ଡ ହଲାଇ ସମ୍ମତି ଦେଲା। ତା' ହସ ସୂଚାଇ ଦେଉଥିଲା ସତେ ଯେମିତି ସେ କେଉଁ ରାଜ୍ୟ ଜୟ କରି ଫେରିଛି। ସେତେବେଳକୁ ସୂର୍ଯ୍ୟ ପ୍ରଚଣ୍ଡ ବେଗରେ ତୀର ବର୍ଷଣ କରି ଚାଲିଥିଲେ। ତାକୁ ଖାତିର ନ କରି ହାତ ଯୋଡ଼ି ମୁଣ୍ଡିଆଟେ ମାରି ସେ ବାହାରିଗଲା। ମୁଁ ମଧ୍ୟ କବାଟ ବନ୍ଦ କରି ଘର ଭିତରକୁ ଚାଲିଗଲି।



ଅପରାହ୍ଣ ସାଢ଼େ ପାଞ୍ଚଟା ବେଳକୁ ମୁଁ ବଜାର ଯିବା ବାଟରେ ଦେଖିଲି, ଗାଆଁମୁଣ୍ଡ ପଡ଼ିଆ ପାଖରେ କିଛି ଲୋକ ରୁଣ୍ଡ ହୋଇଛନ୍ତି। କ'ଣ ହୋଇଛି ବୋଲି ବୁଝିଲା ବେଳକୁ ଅଦୂରରେ ସେହି ପିଲାଟି ଶୋଇ ପଡ଼ିଛି ଗୋଟିଏ ଛୋଟ ଗଛ ତଳେ। ସୂର୍ଯ୍ୟଙ୍କର ଅସ୍ତଗାମୀ ଗତି ଯୋଗୁଁ ଗଛର ଛାଇ ଅନ୍ୟ ଦିଗକୁ ଲମ୍ବି ଯାଇଥିଲା। ଅଥଚ ପିଲାଟି ସେମିତି ଶୋଇ ରହିଥିଲା ଖରାରେ। ଗାମୁଛାରେ ବାନ୍ଧିଥିବା ଭାତ ସବୁ ବିଞ୍ଚିବିଞ୍ଚି ଖାଇ ଯାଉଥିଲେ କେତୋଟି କାଉ କା' କା' କରି। ମୁହଁସାରା ମାଛି ଭଣଭଣ ହୋଇ ଉଡୁଥିଲେ। ବିଚରା ପିଲାଟି ଆଉ ନ ଥିଲା। ନିଷ୍ଠୁର ସୂର୍ଯ୍ୟଙ୍କର ପ୍ରଚଣ୍ଡ କିରଣ ଟାଣି ନେଇଥିଲା ତା'ର ପ୍ରାଣବାୟୁ। ସବୁ ସରି ଗଲା ପରେ ବି ମୋର ଆତ୍ମା କହୁଥିଲା ସେ ହାରି ନାହିଁ। ସେ ହାରି ପାରିବ ନାହିଁ। ସେ ମୃତ୍ୟୁଞ୍ଜୟ। ଏହି ସମୟରେ କେଉଁ ଏକ ପାଖ ମନ୍ଦିରରୁ ଶୁଭୁଥିଲା ସନ୍ଧ୍ୟା ଆଳତିର ଘଣ୍ଟ ନାଦ ସହ ମାଇକ୍‌ରୁ ଭାସିଆସୁଥିଲା ଭଜନର ସେହି ପଦ– 'ସବୁଥିରୁ ବଞ୍ଚିତ କରି କେଉଁ ଯଶ ବାନା ଉଡ଼ାଇବ ହେ!'

ମୋ: ୯୬୬୮୦୦୧୧୫୫

# ମହିଳା ରେସ୍‌ଲରଙ୍କ ସହିତ ବ୍ରିଜ୍‌ଭୂଷଣଙ୍କ କାର୍ଯ୍ୟାଳୟରେ ପୋଲିସ

**ନୂଆଦିଲ୍ଲୀ, ୯।୬(ପି.ଟି.)**



ମହିଳା ରେସ୍‌ଲରଙ୍କ ପ୍ରତି ଯୌନଶୋଷଣ ମାମଲାରେ ଭାରତୀୟ ରେସଲିଂ ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର ପୂର୍ବତନ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ କାର୍ଯ୍ୟାଳୟରେ ପହଞ୍ଚିଛି ଦିଲ୍ଲୀ ପୋଲିସ। ଜଣେ ମହିଳା ରେସ୍‌ଲରଙ୍କ ସହିତ ଦିଲ୍ଲୀ ପୋଲିସ ଘଟଣାସ୍ଥଳକୁ ଯାଇ ସିନ୍ ରିକ୍ରିଏଶନ୍ କରିଥିଲା। ଏହା ପୂର୍ବରୁ ଜୁନ୍ ୧୫ ମଧ୍ୟରେ ଦିଲ୍ଲୀ ପୋଲିସ ଏହାର ଚାର୍ଜଶିଟ୍ ଦାଖଲ କରିବା ପାଇଁ କେନ୍ଦ୍ର କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଯନ୍ତରମନ୍ତରଠାରେ ଚାଲିଥିବା ମାସେବ୍ୟାପୀ ଆନ୍ଦୋଳନ ବନ୍ଦ ରହିଥିଲା। ଶୁକ୍ରବାର ଦିଲ୍ଲୀ ପୋଲିସ ଅପରାହ୍ନ ୧.୩୦ରେ ପହଞ୍ଚି ପ୍ରାୟ ୩୦ ମିନିଟ ଧରି ତଦନ୍ତ କରିଥିଲା। କେଉଁ ପରିସ୍ଥିତିରେ ମହିଳାଙ୍କ ସହିତ ଅସଦାଚରଣ ଘଟିଥିଲା, ସିନ୍ ରିକ୍ରିଏଶନ୍ ଜରିଆରେ ଏହାକୁ ବୁଝିବାକୁ ପ୍ରୟାସ କରାଯାଇଥିଲା। ଡବ୍ଲ୍ୟୁଏଫ୍ଆଇ ପରିସରରୁ ପୋଲିସ୍ ଟିମ୍ ଯିବା ପରେ ଭିନେଶ ଫୋଗତ ଟୁଇଟ୍ କରି ବ୍ରିଜ୍‌ଭୂଷଣଙ୍କୁ ସମାଲୋଚନା କରିଥିଲେ। ଏହାସହିତ କିଛି ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ବ୍ରିଜ୍‌ଭୂଷଣ କେତେ ଶକ୍ତିଶାଳୀ ତାହା ସମସ୍ତେ ଜାଣନ୍ତି। ନିଜର ବାହୁବଳ, ଅର୍ଥବଳ ଓ ମିଡିଆର ସହଯୋଗ ବଳରେ ସେ ଏଭଳି ମିଥ୍ୟା ଖବର ପ୍ରସାର କରୁଛନ୍ତି। ପୋଲିସ୍ ରେସ୍‌ଲରଙ୍କୁ ହଇରାଣ କରିବା ପରିବର୍ତ୍ତେ ତାଙ୍କୁ ଗିରଫ କଲେ ହିଁ ନ୍ୟାୟ ମିଳିପାରିବ, ନଚେତ୍ ଏହାର ସମ୍ଭାବନା କମ୍ ବୋଲି ଭିନେଶ ଟୁଇଟ୍ କରିଥିଲେ। ମହିଳା ରେସ୍‌ଲରମାନେ ଘଟଣାସ୍ଥଳକୁ ତଦନ୍ତ ପାଇଁ ଯାଇଥିବା ବେଳେ ସେମାନେ ବୁଝାମଣା ପାଇଁ ଯାଇଥିବା କିଛି ଚ୍ୟାନେଲରେ ଦେଖିବାକୁ ମିଳିଥିଲା। ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଏହି ମାମଲାର ତଦନ୍ତ କରୁଛି। ବର୍ତ୍ତମାନ ସୁଦ୍ଧା ଏସ୍ଆଇଟି ଟିମ୍ ପ୍ରାୟ ୧୮୦ ଜଣ ଲୋକଙ୍କୁ ପଚରାଉଚରା କରିସାରିଛି। ଉଲ୍ଲେଖଯୋଗ୍ୟ, ଅସଦାଚରଣ ମାମଲାରେ ବ୍ରିଜ୍‌ଭୂଷଣଙ୍କୁ ଗିରଫ ଦାବିରେ ଯନ୍ତରମନ୍ତରଠାରେ ଧାରଣାରେ ବସିଥିଲେ ଅଲିମ୍ପିକ୍ସ ପଦକ ବିଜେତା ସାକ୍ଷୀ ମଲିକ୍, ବଜରଙ୍ଗ ପୁନିଆ ଓ ଏସିଆନ୍ ସ୍ୱର୍ଣ୍ଣ ବିଜୟିନୀ ଭିନେଶ ଫୋଗତ। ସରକାରଙ୍କ ପ୍ରତିଶ୍ରୁତି ପରେ ବର୍ତ୍ତମାନ ଏହି ଧାରଣା ବନ୍ଦ ରହିଛି।

## ରେଫରିଙ୍କ ବିସ୍ଫୋରକ ବୟାନ

ମହିଳା ରେସ୍‌ଲରଙ୍କ ପ୍ରତି ଯୌନ ଶୋଷଣ ମାମଲାରେ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ବିସ୍ଫୋରକ ବୟାନ ଦେଇଛନ୍ତି ଅନ୍ତର୍ଜାତୀୟ ରେଫରି ଜଗବୀର ସିଂ। ଖେଳାଳିଙ୍କ ପ୍ରତି ବ୍ରିଜ୍‌ଭୂଷଣଙ୍କ ବ୍ୟବହାର ମୁଁ ଦେଖିଛି ବୋଲି ସେ କହିଛନ୍ତି। ୨୦୦୭ରୁ ମୁଁ ଜୁନିୟର ବର୍ଗରେ ରହିଆସିଛି। ମୁଁ ବ୍ରିଜ୍‌ଭୂଷଣଙ୍କୁ ସେ ସମୟରୁ ଜାଣିଛି, ଯେତେବେଳେ ଏହି ଖେଳାଳିମାନେ ଜନ୍ମ ହୋଇ ନଥିଲେ। ଖେଳାଳିମାନେ ଅଭିଯୋଗ କରିବା ପୂର୍ବରୁ ମୁଁ ଏହି ଘଟଣା ସମ୍ପର୍କରେ ଅଭିଯୋଗ କରିପାରି ନ ଥିଲି। ଏକାଧିକ ଘଟଣାରେ ବ୍ରିଜ୍‌ଭୂଷଣ ମହିଳା ଖେଳାଳିଙ୍କ ସହିତ ଅସଦାଚରଣ କରିଥିବା ସେ ଦେଖିଛନ୍ତି। ୨୦୧୩ ମସିହାରେ ବ୍ରିଜ୍‌ଭୂଷଣ ଦ୍ୱିତୀୟ ଥର ସଭାପତି ରହିଥିବା ବେଳେ କାଜାଖସ୍ତାନରେ ଜୁନିୟର ଦଳର ଖେଳାଳିଙ୍କ ସହିତ ଅସଦାଚରଣ କରିଥିବା ନେଇ ଜଗବୀର ଅଭିଯୋଗ କରିଛନ୍ତି। ୨୦୨୨ରେ ବ୍ରିଜ୍‌ଭୂଷଣ ଯେକୌଣସି ଜାତୀୟ ଟୁର୍ନାମେଣ୍ଟକୁ ଯାଆନ୍ତି ତାଙ୍କ ସହିତ ୨-୩ ଜଣ ଝିଅ ରହିଆନ୍ତି ବୋଲି ମଧ୍ୟ ସେ କହିଛନ୍ତି।

କୋଷ୍ଠକାଠିନ୍ୟର ସମାଧାନ
9119788888

# ରାହାନେଙ୍କ ଲଢୁଆ ବ୍ୟାଟିଂ

**ଦି ଓଭାଲ, ୯।୬**

ଦି ଓଭାଲରେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲୁଟିସି) ଫାଇନାଲର ତୃତୀୟ ଦିବସରେ ଭାରତର ସମ୍ମାନ ରଖିଛନ୍ତି ଅଜିଙ୍କ୍ୟ ରାହାନେ। ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଫଲୋଅନ୍ ଆଡକୁ ଗତି କରୁଥିବା ବେଳେ ରାହନେ ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍ ଓ ଷ୍ଟିଭ୍ ସ୍ମିଥଙ୍କ ଶତକ ବଳରେ ୪୬୯ ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଫଲୋଅନ ଆଡକୁ ଅଗ୍ରସର ହେଉଥିଲା। ତେବେ କମ୍‌ବ୍ୟାକ୍ ମ୍ୟାନ୍ ରାହାନେ ୮୯ ରନ୍‌ର ଲଢୁଆ ଇନିଂସ ଖେଳିଥିଲେ। ସେ ପଞ୍ଚମ ଉଇକେଟରେ ରବୀନ୍ଦ୍ର ଜାଡେଜାଙ୍କ ସହିତ ୭୨ ରନ୍ ଯୋଡିଥିବା ବେଳେ ସପ୍ତମ ଉଇକେଟରେ ଶାର୍ଦ୍ଦୂଳ ଠାକୁରଙ୍କ ସହିତ ୧୦୯ ରନ୍ ଯୋଡିଥିଲେ। ୧୭୩ ରନ୍‌ରେ ଆଗୁଆ ରହିବା ପରେ ଖବର ପ୍ରସ୍ତୁତ ହେବା ସୁଦ୍ଧା ଅଷ୍ଟ୍ରେଲିଆ ୩ ଉଇକେଟ ହରାଇ ୧୦୩ ରନ୍ କରି ୨୭୬ ରନ୍‌ରେ ଆଗୁଆ ରହିଛି।

### ରାହାନେ-ଶାର୍ଦ୍ଦୂଳଙ୍କ ଶତକୀୟ ଭାଗୀଦାରି

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୫୧/୫ରୁ ଭାରତ ଆରମ୍ଭ କରିଥିଲା। ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୫୧/୫ରୁ ଖେଳ ଆରମ୍ଭ କରିଥିଲା ଭାରତ। ପ୍ରଥମ ଓଭରର ଦ୍ୱିତୀୟ ବଲରେ ଉଇକେଟ କିପର ଶ୍ରୀକର ଭରତ ୫ ରନ୍ କରି ସ୍କଟ ବୋଲାଣ୍ଡଙ୍କ ବଲରେ ଆଉଟ ହୋଇଥିଲେ। ଏହାପରେ ଭାରତର ଫଲୋଅନ୍ ହେବାର ସମ୍ଭାବନା ବୃଦ୍ଧି ପାଇଥିଲା। ତେବେ ଓଭାଲ ଗ୍ରାଉଣ୍ଡ ସହିତ ଲର୍ଡ ଶାର୍ଦ୍ଦୂଳଙ୍କ ରୋମାନ୍ସ ଜାରି ରହିଥିଲା। ଓଭାଲରେ ତୃତୀୟ ଇନିଂସ ଖେଳୁଥିବା ଶାର୍ଦ୍ଦୂଳ ତୃତୀୟ ଅର୍ଦ୍ଧଶତକ ସହିତ ୫୧ ରନ୍‌ର ଇନିଂସ ଖେଳିଥିଲେ। ସପ୍ତମ ଉଇକେଟରେ ଅଜିଙ୍କ୍ୟ ରାହାନେଙ୍କ ସହିତ ସେ ୧୦୯ ରନ୍ ଯୋଡିଥିଲେ। ରାହାନେ ୧୨୯ ବଲ୍ ଖେଳି ୧୧ ଚୌକା ଓ ୧ ଛକା ମାରିଥିବା ବେଳେ ଶାର୍ଦ୍ଦୂଳ ୧୦୯ ବଲ୍ ଖେଳି ୬ ଚୌକା ମାରିଥିଲେ। ଦଳୀୟ ସ୍କୋର ୨୬୧ରେ ରାହାନେ ପ୍ୟାଭିଲିୟନ ଫେରିବା ପରେ ଉମେଶ ଯାଦବ (୫) ଓ ମହମ୍ମଦ ଶାମି(୧୩)ଙ୍କୁ ସାଥୀ କରି ଆଉ ୩୫ ରନ୍ ଯୋଡିଥିଲେ ଶାର୍ଦ୍ଦୂଳ। ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟକ ପ୍ୟାଟ୍ କୁମିନ୍ସ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ମିଚେଲ ଷ୍ଟାର୍କ, ସ୍କଟ୍ ବୋଲାଣ୍ଡ ଓ କାମେରନ୍ ଗ୍ରୀନ୍ ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ଅଷ୍ଟ୍ରେଲିଆ ଖବର ପ୍ରସ୍ତୁତି ସୁଦ୍ଧା ୩ ଉଇକେଟ ହରାଇ ୧୦୩ ରନ୍ ସଂଗ୍ରହ କରିଛି।





ଅର୍ଦ୍ଧଶକତୀୟ ଇନିଂସ୍ ଅବସରରେ ଅଜିଙ୍କ୍ୟ ରାହାନେ ଓ ଶାର୍ଦ୍ଦୂଳ ଠାକୁର।

### ଡବ୍ଲ୍ୟୁଟିସି ଫାଇନାଲ

୧୭୩ ରନ୍‌ରେ ଆଗୁଆ ଥିବା ଅଷ୍ଟ୍ରେଲିଆ ମାତ୍ର ୨ ରନ୍‌ରେ ଡେଭିଡ୍ ୱାର୍ନରଙ୍କୁ ହରାଇଥିଲା। ଉସ୍‌ମାନ ଖ୍ୱାଜା ୧୩ ରନ୍ କରି ଆଉଟ ହୋଇଥିବା ବେଳେ ଷ୍ଟିଭ୍ ସ୍ମିଥ୍(୩୪) ଓ ମାର୍ନସ ଲାବୁଶେନ ୩୬* ତୃତୀୟ ଉଇକେଟରେ ୬୨ ରନ୍ ଯୋଡିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୧୨୧.୩ ଓଭରରେ ୪୬୯/୧୦(ଟ୍ରାଭିସ୍ ହେଡ-୧୬୩, ଷ୍ଟିଭ୍ ସ୍ମିଥ୍-୧୨୧, ଆଲେକ୍ସ କେରୀ-୪୮, ମହମ୍ମଦ ସିରାଜ-୪/୧୦୮, ଶାର୍ଦ୍ଦୂଳ ଠାକୁର-୨/୮୩, ମହମ୍ମଦ ଶାମି-୨/୧୨୨)।

ଭାରତ ପ୍ରଥମ ଇନିଂସ ୬୯.୪ ଓଭରରେ ୨୯୬/୧୦(ଅଜିଙ୍କ୍ୟ ରାହାନେ-୮୯, ଶାର୍ଦ୍ଦୂଳ ଠାକୁର-୫୧, ରବୀନ୍ଦ୍ର ଜାଡେଜା-୪୮, ପ୍ୟାଟ୍ କୁମିନ୍ସ-୩/୮୩, କାମେରନ୍ ଗ୍ରୀନ୍-୨/୪୪, ସ୍କଟ୍ ବୋଲାଣ୍ଡ-୨/୫୯)।

ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ୩୪ ଓଭରରେ ୧୦୩/୩(ମାର୍ନସ ଲାବୁଶେନ୍-୩୬*, ଷ୍ଟିଭ୍ ସ୍ମିଥ୍-୩୪, ଉସ୍‌ମାନ ଖ୍ୱାଜା-୧୩, ଉମେଶ ଯାଦବ-୧/୧୬, ରବୀନ୍ଦ୍ର ଜାଡେଜା-୧/୧୭, ମହମ୍ମଦ ସିରାଜ-୧/୩୬)।

### ରାହାନେଙ୍କ ୫ ହଜାର ରନ୍

ଭାରତୀୟ କ୍ରିକେଟ ଦଳର ମଧ୍ୟକ୍ରମ ବ୍ୟାଟର ଅଜିଙ୍କ୍ୟ ରାହାନେ ଟେଷ୍ଟ କ୍ରିକେଟରେ ୫ ହଜାର ରନ୍ ପୂରଣ କରିଛନ୍ତି। ୮୩ତମ ଟେଷ୍ଟ ଖେଳୁଥିବା ରାହାନେ ନିଜ କ୍ୟାରିୟରରେ ୧୨ଟି ଶତକ ଓ ୨୬ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ୭୧ ରନ୍ କରିଥିବା ବେଳେ ସେ ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ଦୀର୍ଘ ଦେଢବର୍ଷ ବା ୫୮୨ ଦିନ ପରେ ରାହାନେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଭାରତୀୟ ଦଳ ୭୧ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡିଥିବା ବେଳେ ରାହାନେ ପଞ୍ଚମ ଉଇକେଟରେ ରବୀନ୍ଦ୍ର ଜାଡେଜାଙ୍କ ସହିତ ୭୨ ରନ୍ ଓ ଶାର୍ଦ୍ଦୂଳ ଠାକୁରଙ୍କ ସହିତ ୧୦୯ ରନ୍ ଯୋଡି ଭାରତକୁ ଫଲୋଅନ୍‌ରୁ ଉଦ୍ଧାର କରିଥିଲେ।

# ପିବି ଆଥ୍‌ଲେଟିକ କୋଚିଂ ସେଣ୍ଟର ଚାମ୍ପିୟନ

**ଭୁବନେଶ୍ୱର, ୯।୬ (ସ୍ପୋର୍ଟ୍ସ ବ୍ୟୁରୋ)**

କଟକ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଦୁଇ ଦିନ ଧରି କଟକସ୍ଥିତ ସତ୍ୟବ୍ରତ ଷ୍ଟାଡିୟମରେ କଟକ ଜିଲା ବାର୍ଷିକ ଆଥ୍‌ଲେଟିକ ମିଟ୍ ଅନୁଷ୍ଠିତ ହୋଯାଇଛି। ଏଥିରେ କଟକ ଜିଲା କ୍ରୀଡ଼ା ସଂସଦ ଦ୍ୱାରା ଅନୁବନ୍ଧିତ ସମସ୍ତ ସ୍କୁଲ, କଲେଜ ଓ କ୍ଲବଗୁଡ଼ିକରୁ ପ୍ରାୟ ୮୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରୁ ଯୋଗ୍ୟ ବିବେଚିତ ଆଥ୍‌ଲେଟ ଭୁବନେଶ୍ୱରସ୍ଥିତ କିଟ୍ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଚଳିତ ମାସ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ରାଜ୍ୟସ୍ତରୀୟ ବାର୍ଷିକ କ୍ରୀଡ଼ାରେ ଜିଲା ତରଫରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। କଟକ ପୂର୍ବର ପି.ବି. ଆଥ୍‌ଲେଟିକ କୋଚିଂ ସେଣ୍ଟର କ୍ରମାଗତ ୯ମ ବର୍ଷ ଓଭରଅଲ ଚାମ୍ପିୟନ ହୋଇଛି। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ସଂସଦ ସମ୍ପାଦକ ଆଶୀର୍ବାଦ ବେହେରା, ଉପସଭାପତି ରମେଶ ଚନ୍ଦ୍ର ମଲିକ, ଯୁଗ୍ମ ସମ୍ପାଦକ ନବ କିଶୋର ମିଶ୍ର, କୋଷାଧ୍ୟକ୍ଷ ଦିନେଶ୍ୱର ପ୍ରସାଦ ଭଗତ ଏବଂ ବିଭାଗୀୟ ସମ୍ପାଦକ (ଆଥଲେଟିକ୍ସ) ବିମଳ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ପିବି ଆଥ୍‌ଲେଟିକ କୋଚିଂ ସେଣ୍ଟର ଦଳ।

## ଭାରତ-ଜାପାନ ସେମିଫାଇନାଲ ଆଜି

**କାକାମିଗାହାରା (ଜାପାନ), ୯।୬ (ପି.ଟି.):** ଚଳିତ ଜୁନିୟର ମହିଳା ଏସିଆ କପ୍ ହକି ଚାମ୍ପିୟନଶିପ୍‌ର ସେମିଫାଇନାଲରେ ଭାରତ ଶନିବାର ଜାପାନକୁ ଭେଟିବ। ଟୁର୍ନାମେଣ୍ଟର ଗ୍ରୁପ୍ ପର୍ଯ୍ୟାୟରେ ଭାରତ ଅପରାଜେୟ ରହିଛି। ଦଳ ଉଜ୍‌ବେକିସ୍ତାନ, ମାଲେସିଆ ଓ ଚାଇନିଜ ତାଇପେକୁ ପରାସ୍ତ କରିଥିବା ବେଳେ କୋରିଆ ସହ ଡ୍ର' ରଖି ପୁଲ୍ 'ଏ' ଟେବୁଲରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଶନିବାର ମ୍ୟାଚରେ ବିଜୟ ଦ୍ୱାରା ଦଳ କେବଳ ଫାଇନାଲରେ ପ୍ରବେଶ କରିବା ନୁହେଁ ଦଳ ଏଫ୍ଆଏଚ୍ ଜୁନିୟର ମହିଳା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ଶ୍ରେଷ୍ଠ ୩ ଏଫ୍ଆଇଏଚ୍ ଜୁନିୟର ମହିଳା ବିଶ୍ୱକପ୍ ପାଇଁ ଆପେ ଯୋଗ୍ୟତା ଅର୍ଜନ କରିବେ।




SAI ODISHA INDIA'S BEST KEPT SECRET
G20 भारत 2023 INDIA
14TH KIIT INTERNATIONAL CHESS FESTIVAL 2023
11th – 18th June 2023
Venue: Viswanathan Anand International Chess Hall, KIIT, Bhubaneswar
The 14th KIIT International Chess Festival 2023 is one of the Top 4 Grandmaster Chess tournaments in Asia. KIIT is proud to host the tournament for the first time as an affiliated unit of the All India Chess Federation (AICF).

| Total Prize Fund | Players | International Players | Representation from |
| --- | --- | --- | --- |
| ₹ 32 Lakh | 1200+ | 55+ | 20 Countries |
| Grandmasters 14 | International Title Holders 40 | Rated Players 900+ | Highest Number of Tribal Players |

Organized by KIIT Deemed to be University, Bhubaneswar, Odisha, India
KIIT has been promoting the Annual Edition of this Tournament for the past 14 years.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ